# ସଂଚାର
THE SANCHAR
Website: sanchar.live mail Id: sanchorodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 34 | ISSUE 29 ଭାଗ ୩୪ | ସଂଖ୍ୟା ୨୯
Monday 20 April 2026 | Page 8 Rs. 5.00
ଭୁବନେଶ୍ୱର ସୋମବାର ୨୦ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ଆମେରିକା ଉପରେ ଯୁଦ୍ଧ ଲଦିଦେଇଛନ୍ତି ନେତ୍ୟାନ୍ୟାହୁ: କମଳା ହ୍ୟାରିସ୍

ପୃଷ୍ଠା ୪




### ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଥ୍ରୀ-ଡି ଗ୍ଲାସ ସଲ୍ୟୁସନ ପ୍ରକଳ୍ପର ଶିଳାନ୍ୟାସ

## ଯୁବଶକ୍ତିକୁ ଆହ୍ୱାନ | କ୍ୟାରିଅର୍ ପାଇଁ ଓଡ଼ିଶା ଡେଷ୍ଟିନେସନ୍

- ସେମିକଣ୍ଡକ୍ଟର ଯାତ୍ରାରେ ଯୋଡ଼ିହେଲା ନୂଆ ଅଧ୍ୟାୟ
- ରାଜ୍ୟରେ ଶିଳ୍ପ ଓ ରୋଜଗାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା
- ଓଡ଼ିଶା ପାଇଁ ନୂତନ ବିକାଶର ଯୁଗ ଆରମ୍ଭ ହୋଇଛି:ବୈଷ୍ଣବ
- ୨ ହଜାର କୋଟି ନିବେଶ, ମିଳିବ ୨,୫୦୦ ନିଯୁକ୍ତି
- ପୂର୍ବ ଭାରତରେ ଓଡ଼ିଶା ହେବ ଆତ୍ମନିର୍ଭର ଭାରତର ଲଞ୍ଚପ୍ୟାଡ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ସୂଚନା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଆଉ ଏକ ପାଦେ ଆଗେଇଛି ଓଡ଼ିଶା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ଼ ଆତ୍ମବିଶ୍ୱାସ ଏବଂ ଇଚ୍ଛାଶକ୍ତି ବଳରେ ଓଡ଼ିଶାର ଶିଳ୍ପ ବିପ୍ଲବ ଯାତ୍ରାରେ ଆଜି ଆଉ ଏକ ଐତିହାସିକ ଅଧ୍ୟାୟ ଯୋଡ଼ା ହୋଇଛି। ଆଜି ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ତଥା ରେଳ ମନ୍ତ୍ରୀ ଖୋର୍ଦ୍ଧା ଜିଲ୍ଲାର ଇନଫୋ ଭ୍ୟାଲି ଠାରେ ପ୍ରତିଷ୍ଠିତ ସେମିକଣ୍ଡକ୍ଟର ସଂସ୍ଥା ଥ୍ରୀ-ଡି ଗ୍ଲାସ ସଲ୍ୟୁସନର ଅତ୍ୟାଧୁନିକ ଗ୍ଲାସ ସବଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ୟୁନିଟ ପାଇଁ ଶିଳାନ୍ୟାସ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଓଡ଼ିଶାରେ ଶିଳ୍ପ ଓ ରୋଜଗାର ସୃଷ୍ଟି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରି କହିଛନ୍ତି ଯେ ଓଡ଼ିଶା ପାଇଁ ଏକ ନୂତନ ବିକାଶର ଯୁଗର ଆରମ୍ଭ ହୋଇଛି। ଆଗାମୀ ସମୟରେ ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ଏବଂ ଭବିଷ୍ୟତରେ ଏହାକୁ ଆଇଟି ହବ ଭାବେ ବିକଶିତ କରିବା ପାଇଁ ଆମ ପ୍ରୟାସ ଜାରି ରହିବ। ଆଜିର ଶିଳାନ୍ୟାସ ପ୍ରକୃତରେ ଓଡ଼ିଶାରେ ଏକ ବ୍ୟାପକ ସମୃଦ୍ଧି ଆଣିବ। ଥ୍ରୀ-ଡି ଗ୍ଲାସ ସଲ୍ୟୁସନର ଗ୍ଲାସ ସବଷ୍ଟ୍ରେଟ ପ୍ୟାକେଜିଙ୍ଗ ୟୁନିଟର ପ୍ରଡକ୍ଟ ହେଉଛି ଦେଶରେ ପ୍ରଥମ ଏବଂ ଏହା ଓଡ଼ିଶାରେ ପ୍ରସ୍ତୁତ ହେବ। ଏହି ଟେକ୍ନୋଲୋଜି ଆଗକୁ ସେମିକଣ୍ଡକ୍ଟର ଶିଳ୍ପର ଭବିଷ୍ୟତ ଭାବେ ପ୍ରମାଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିର ଦିନ କେବଳ ଓଡ଼ିଶା ପାଇଁ ନୁହେଁ, ଭାରତର ଟେକ୍ନୋଲୋଜିକାଲ ଲିଡରସିପ ଯାତ୍ରା ପୃଷ୍ଠା-୬

### ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ

## ୨୩ କର୍ମଚାରୀ ମୃତ, ୬ ଗୁରୁତର

- ତଦନ୍ତ ପାଇଁ ୪ ସ୍ୱତନ୍ତ୍ର କମିଟି ଗଠିତ
- ଉଦ୍ଧାରକାରୀ ଦଳର ୧୩ ସଦସ୍ୟ ବି ଆହତ



ଚେନ୍ନାଇ,୧୯।୪: ତାମିଲନାଡୁର ବିରୁଧୁନଗର ଜିଲ୍ଲାରେ ଆଜି ଏକ ବଡ଼ ଧରଣର ଅଘଟଣ ଘଟିଛି। ଏକ ବାଣ ତିଆରି କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟିବା ଫଳରେ ୨୩ ଜଣ କର୍ମଚାରୀଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବିସ୍ଫୋରଣର ଭୟାବହତା ଦୃଷ୍ଟିରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଏହି ବିସ୍ଫୋରଣ ଘଟଣାର ତଦନ୍ତ ପାଇଁ ୪ଟି ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି।

ମିଳିଥିବା ସୂଚନାନୁସାରେ, କଙ୍ଗାନାରପଟ୍ଟି ଅଞ୍ଚଳରେ ଥିବା ଏକ ବାଣ ୟୁନିଟରେ ହଠାତ୍ ବିସ୍ଫୋରଣ ଘଟିଥିଲା। ଏହି ନିଆଁର ପ୍ରକୋପ ଏତେ ଥିଲା ଯେ ଏହା ଦେଖୁ ଦେଖୁ ପାଖରେ ଥିବା ଅନ୍ୟ ୪ଟି ୟୁନିଟକୁ ବ୍ୟାପିଯାଇଥିଲା। ସ୍ଥାନୀୟ ଜିଲ୍ଲାପାଳଙ୍କ ସୂଚନାନୁସାରେ, ଖବର ଲେଖାଯିବା ସୁଦ୍ଧା ୧୯ଟି ମୃତଦେହ ଉଦ୍ଧାର କରାଯାଇଛି, ଯେଉଁଥିରେ ୧୬ ଜଣ ପୁରୁଷ ଓ ୩ ଜଣ ମହିଳା ଅଛନ୍ତି। ଏପରିକି ଉଦ୍ଧାରକାରୀ ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


### ପୋଷାକ ସହ ବଦଳିଲା ସ୍ୱର

## ବିଜେଡିରେ ବବି ସାଜିଛି ଭସ୍ମାସୁର



- ବିଧାୟକଙ୍କ ପାଇଁ ଆସୁଥିବା ଅର୍ଥ ହଡ଼ପ କରୁଥିଲା
- ଯେଉଁଠି କ୍ଷମତା, ସେଇଠି ଥାଏ ବବି ଦାସ:ପ୍ରଭାତ

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ୨୦୧୨ରେ ଚିଟ୍‌ଫଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ଗିରଫ ହେବା ପରେ ନାଲି ପୋଷାକ ପିନ୍ଧିଆସୁଥିବା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଆଜି ପୁଣି ଥରେ ଧଳା ପୋଷାକ ପିନ୍ଧିବା ଆରମ୍ଭ କରିଛନ୍ତି। ଆଉ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ପୋଷାକ ପରିବର୍ତ୍ତନର କାରଣ କହିବା ସହ ବିଜେଡିର ପୂର୍ବତନ ସାଙ୍ଗଠନିକ ନେତା ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସ ତାଙ୍କ ପ୍ରତି କରିଥିବା ଆକ୍ଷେପର ଜବାବ ଦେଇଛନ୍ତି। ପ୍ରଭାତ ପାଲଟା ଅଭିଯୋଗ କରି କହିଛନ୍ତି ଯେ ବିଜେଡିରେ ଏବେ ବବି ଭସ୍ମାସୁର ସାଜିଛି। ଯାହାକୁ ଦିନେ ତାଙ୍କ ପରାମର୍ଶରେ ସ୍ୱର୍ଗତଃ ପ୍ୟାରୀମୋହନ ମହାପାତ୍ର ସଙ୍ଗଠନ ଦାୟିତ୍ୱ ଦେଇଥିଲେ ସେଇ ବବି ଏବେ ବିଜେଡି ପାଇଁ ଭସ୍ମାସୁର ହୋଇଛି। ଜଣକ ପରେ ଜଣେ ନେତାଙ୍କୁ ଭସ୍ମ କରି ବିଜେଡିର ସର୍ବେସର୍ବା ହେବାକୁ ବବି ଚକ୍ରାନ୍ତ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।

ବବି ଦାସ ୨୦୨୪ ନିର୍ବାଚନ ପୂର୍ବରୁ ନିଜେ ବିଧାୟକ ଟିକେଟ ପାଇଲାନି, ସମ୍ବଲପୁରରେ ଲୋକସଭା ପାଇଁ ଲଢ଼ିଲା। ସେ କ'ଣ ମତେ ଟିକେଟ ଦେବ ବୋଲି ପ୍ରଭାତ ପ୍ରଶ୍ନ କରିଛନ୍ତି। ସେହିଭଳି ବବି ଦାସ ସାଙ୍ଗଠନିକ ସମ୍ପାଦକ ହୋଇଥିବାରୁ ଦଳର ବିଧାୟକ ଓ ନେତାଙ୍କ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଦଳ ପକ୍ଷରୁ ଯେଉଁ ଅର୍ଥ ଦିଆଯାଏ, ସେଥିରୁ ବବି ୪୦ ପ୍ରତିଶତ ନିଜେ ରଖି ବାକି ୬୦ ପ୍ରତିଶତ ବିଧାୟକଙ୍କୁ ଦେଉଥିଲା। ବିଜେଡିର ସବୁ ବିଧାୟକଙ୍କୁ ଏକାନ୍ତରେ ପଚାରିଲେ ସମସ୍ତେ ଏହାକୁ ସ୍ୱୀକାର କରିବେ ବୋଲି ବୋଲି ପ୍ରଭାତ କହିଛନ୍ତି।

ପ୍ରଭାତ କହିଛନ୍ତି ଯେ ସେ ନିଷ୍ଠାର ସହ ରାଜନୀତି କରିବାକୁ ଚାହିଁଥିଲେ। ସେଥିପାଇଁ ୨୦୦୦ ଓ ୨୦୦୪ ନିର୍ବାଚନରେ ସେ ସ୍ୱାଧିନ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ୨୦୦୦ ନିର୍ବାଚନରେ ସେ ହାରିଗଲେ, କିନ୍ତୁ ୨୦୦୪ରେ ଜିତିଥିଲେ। ବିଜେଡିରେ କିଛି ଗୋଡ଼ଟଣା ନେତା ଓ ଅସହିଷ୍ଣୁଙ୍କ ପାଇଁ ଆଜି ସେ ବିଜେଡିରୁ ବହିଷ୍କୃତ ହୋଇଛନ୍ତି। ଟ୍ରଷ୍ଟ କଥା ଉଠାଇ ନବୀନଙ୍କୁ ସତ କହିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା। ଆଉ ଯେଉଁମାନେ ତାଙ୍କ ଗୋଡ଼ ଟାଣି ପୃଷ୍ଠା-୬

### ପଶ୍ଚିମରୁ ଉପକୂଳ ସବୁଠି ପାରଦ ଉପରମୁହାଁ

## ୧୩ ଜିଲ୍ଲାରେ ୨୩ ପର୍ଯ୍ୟନ୍ତ ସ୍କୁଲ ଛୁଟି



ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ରାଜ୍ୟବ୍ୟାପୀ ଚିନ୍ତା ବଢ଼ାଉଛି ତାତିର ମାତ୍ରା। ପଶ୍ଚିମରୁ ଉପକୂଳ ସବୁଠି ପାରଦ ଉପରମୁହାଁ। ଏଭଳି ଗ୍ରୀଷ୍ମ ପ୍ରବାହକୁ ଦେଖି ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶାକୁ ହିଟ୍ ୱେଭ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ୩ ଦିନ ପାଇଁ ଉପକୂଳ ଓଡ଼ିଶାରେ ଅସହ୍ୟ ଗୁଳିଗୁଳି ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆଲର୍ଟ କରାଯାଇଛି। ଏଭଳି ସ୍ଥିତିରେ ପିଲାଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଆଜି ସୁଦ୍ଧା ୧୩ଟି ଜିଲ୍ଲାରେ ସାମୟିକ ଭାବେ ସ୍କୁଲ ଛୁଟି ଘୋଷଣା କରିଛନ୍ତି ସ୍ଥାନୀୟ ଜିଲ୍ଲାପାଳ। ରାଜ୍ୟରେ ଅସହ୍ୟ ଗରମ ସାଙ୍ଗକୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ସେଠାକାର ଜିଲ୍ଲାପାଳ ସ୍କୁଲ୍‌ଗୁଡ଼ିକରେ ଛୁଟି ଘୋଷଣା କରୁଛନ୍ତି। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଉଛି। ପୂର୍ବରୁ ପୃଷ୍ଠା-୬

### ନବୀନଙ୍କ ବିବୃତ୍ତି ଉପରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିକ୍ରିୟା

## ସାଂସଦ ସଂଖ୍ୟା ୩୨କୁ ବଢ଼ିଲେ ଅସୁବିଧା କ'ଣ ?



- ଅତି କମ୍‌ରେ ୧୧ ମହିଳା ପ୍ରତିନିଧିତ୍ୱ ସୁଯୋଗ ପାଇବେ

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ପାଇବା ଭଳି ଏକ ସକାରାତ୍ମକ ସମ୍ଭାବନାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କାହିଁକି ଭୟଭୀତ ଓ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି, ତାହା ବୁଝାପଡୁନାହିଁ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଶ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ଦେଇଥିବା ବିବୃତ୍ତି ଆଶ୍ଚର୍ଯ୍ୟଜନକ। ତାଙ୍କ ଭଳି ବ୍ୟକ୍ତିଙ୍କ ବକ୍ତବ୍ୟ ଓଡ଼ିଶାବାସୀଙ୍କ ମନରେ ଭ୍ରମ ସୃଷ୍ଟି କରୁଛି। ସେ ଯେଉଁ କଥା କହିଛନ୍ତି, ତାହା ଭିତ୍ତିହୀନ ଓ ହାସ୍ୟାସ୍ପଦ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ସୁନିଶ୍ଚିତ କରିଛନ୍ତି। ଗତ ୧୬ ଓ ୧୭ରେ ସଂସଦରେ ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଚର୍ଚ୍ଚା ସମୟରେ ଦେଶର ସବୁ ରାଜ୍ୟ ସମେତ ପୃଷ୍ଠା-୬

## ନେତାଙ୍କ ଆଭିମୁଖ୍ୟକୁ ନେଇ କର୍ମୀ ବେହାଲ୍

- ଦୁଇ ବିରୋଧୀ ଦଳରେ ସମାନ ସ୍ଥିତି
- ମୁକାବିଲା ପାଇଁ ବଳ ପାଉନି



ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ରାଜ୍ୟର ଦୁଇ ପ୍ରମୁଖ ବିରୋଧୀ ଦଳ ବିଜେଡି ଓ କଂଗ୍ରେସରେ ନିଜ ନିଜ ନେତାଙ୍କ ଆଭିମୁଖ୍ୟକୁ ନେଇ କର୍ମୀଙ୍କ ମଧ୍ୟରେ ହତାଶା ଭାବ ପରିଲକ୍ଷିତ ହୋଇଛି। ଅବସ୍ଥା ଏଭଳି ହୋଇଛି ଯେ କର୍ମୀମାନେ କାହାକୁ ବିରୋଧ କରିବେ ଓ କାହା ସହ ରହିବେ, ତାହା ଜାଣିପାରୁନାହାନ୍ତି।

ଗତ ରାଜ୍ୟସଭା ନିର୍ବାଚନ ପରଠାରୁ ରାଜ୍ୟ ରାଜନୀତିରେ ଏଭଳି ଖେଳ ଚାଲିଛି। ଦୁଇ ବିରୋଧୀ ଦଳ ଏବେ ପରସ୍ପରର ସଙ୍ଗାତ ବସିଥିବାରୁ କର୍ମୀମାନେ ତାହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏଭଳି କାର୍ଯ୍ୟରେ ଅସନ୍ତୋଷ ପ୍ରକଟ କରି ଦଳୀୟ ବିଧାୟକମାନେ କ୍ରସ ଭୋଟିଂ ଜରିଆରେ ଜବାବ ଦେଇଥିବା ବେଳେ କର୍ମୀମାନେ ଅକଳରେ ପଡ଼ିଛନ୍ତି। ତେବେ ସ୍ଥିତି ରକ୍ଷା ପାଇଁ ଉଭୟ ଦଳ କିଛି କାମଚଳା ନେତାଙ୍କୁ ନେଇ ଘନ ଘନ ସାମ୍ବାଦିକ ସମ୍ମିଳନୀ କରୁଥିବା ଦେଖିବାକୁ ମିଳୁଛି।

ରାଜ୍ୟ କଂଗ୍ରେସ ମୁଖିଆ ଭକ୍ତ ଚରଣ ଦାସ ବିଜେଡିର ରାଜ୍ୟସଭା ପ୍ରାର୍ଥୀଙ୍କୁ ସମର୍ଥନ ଘୋଷଣା କରିବା ପରେ କଂଗ୍ରେସରେ ଏକପ୍ରକାର ନିଆଁ କୁହୁଳୁଛି। ଯେଉଁଥିପାଇଁ ଦଳର ତିନି ତିନି ଜଣ ବିଧାୟକ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରି ଏଭଳି ବୁଝାମଣାକୁ ବିରୋଧ କରିଥିଲେ। କେବଳ ଏହି ତିନି ଜଣ ବିଧାୟକ ନୁହନ୍ତି, ୨୪ ବର୍ଷ ଧରି ବିଜେଡି ବିରୋଧରେ ଲଢୁଥିବା ଦଳର ତଳ ସ୍ତରର ନେତା ଓ କର୍ମୀମାନେ ମଧ୍ୟ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ପଞ୍ଚାୟତ ନିର୍ବାଚନରେ କୌଣସି ପ୍ରକାରେ ବିଜେଡିକୁ ବାଟ ଛାଡ଼ିହେବ ନାହିଁ ବୋଲି ଜିଲ୍ଲାର ନେତାମାନେ ଖୋଲାଖୋଲି କହିବା ଆରମ୍ଭ କଲେଣି।

ସେହିଭଳି କଂଗ୍ରେସ ସହ ମେଣ୍ଟକୁ ବିରୋଧ କରି ବିଜେଡିର ଅସନ୍ତୁଷ୍ଟ ବିଧାୟକମାନେ କେବଳ କ୍ରସ ଭୋଟିଂ କରିନାହାନ୍ତି, ବିଜେଡିକୁ ଟକ୍କର ଦେବା ପାଇଁ ନାଗରିକ ମଞ୍ଚରେ ଏକପ୍ରକାର ଯୋଡ଼ିହୋଇ ଯାଇଛନ୍ତି। ତେବେ ସେମାନଙ୍କ ବିରୋଧକୁ ଖାତିର ନ କରି ବିଜେଡିର ରାଜ୍ୟସଭା ନେତା ମାନସ ମଙ୍ଗରାଜ ସିଧାସଳଖ ଇଣ୍ଡି ମେଣ୍ଟ ପୃଷ୍ଠା-୬


ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଜୟ ଜଗନ୍ନାଥ !

କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀ, ବିଶେଷ କରି କୃଷକ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । କୃଷିପ୍ରଧାନ ରାଜ୍ୟ ଓଡ଼ିଶାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ଆମ ଅନ୍ନଦାତା ଅକ୍ଷିମୁଠି ଅନୁକୂଳ କରି ଖେତରେ ସୁନାର ଫସଲ ଫଳାଇବା ପାଇଁ ସଂକଳ୍ପ ନେଇଥାନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଚଳିତ ବର୍ଷ ଅକ୍ଷିମୁଠି ଅନୁକୂଳ ଶୁଭଙ୍କର ହେଉ । ଓଡ଼ିଶା ମାଟି ଶସ୍ୟଶ୍ୟାମଳା ହେଉ । ପ୍ରତିଟି ଚାଷୀ ପରିବାର ହସଖୁସି ଓ ସମୃଦ୍ଧିରେ ଭରି ଉଠୁ, ଏହା ହିଁ ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL/320920-15001/21/2627

**ରେଳମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ**

# ଭୁବନେଶ୍ୱର ଷ୍ଟେସନ୍‌ରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ

## ରେଳ ଢାଞ୍ଚାର ବ୍ୟାପକ ବିକାଶ ଉପରେ ଜୋର୍



ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ରାଜ୍ୟରେ ରେଳ ସଂଯୋଗ ବିସ୍ତାର ପ୍ରତି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତା ପ୍ରତି ମଧ୍ୟ ସେ ଆଲୋକପାତ କରିଥିଲେ।

ଶ୍ରୀ ବୈଷ୍ଣବ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଭୁବନେଶ୍ୱର ରେଳ ଷ୍ଟେସନରେ ଚାଲିଥିବା ପୁନଃବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ସେଠାରେ ସେ ଉନ୍ନତ ଯାତ୍ରୀ ସୁବିଧା ବୃଦ୍ଧି, ବର୍ଦ୍ଧିତ ସୁଗମତା, ଉନ୍ନତ ସର୍କୁଲେସନ୍ ଏରିଆ ଏବଂ ଆଧୁନିକ, ବିମାନବନ୍ଦର ଭଳି ସୁବିଧା ସମେତ ଯାତ୍ରୀ କେନ୍ଦ୍ରିକ ଉନ୍ନତିକରଣର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ସେ ଯାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟର ଗତିକୁ ତ୍ୱରାନ୍ୱିତ କରିବା ଓ ସମୟ ସୀମା ମଧ୍ୟରେ ସମାପ୍ତି ସୁନିଶ୍ଚିତ କରିବା ପାଇଁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ଷ୍ଟେସନ୍‌ର ପୂର୍ବ ପାର୍ଶ୍ୱରେ ପ୍ରସ୍ତାବିତ ଏଲିଭେଟେଡ୍ କରିଡରର ସମୀକ୍ଷା କରି ଏହାର ଶୀଘ୍ର ସମାପ୍ତି ପାଇଁ ସମସ୍ତ ସମସ୍ୟାକୁ ପ୍ରାଥମିକତା ଦେଇ ସମାଧାନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ସେ କହିଥିଲେ ଯେ ୯୦ ହଜାର କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ ବର୍ତ୍ତମାନ ରାଜ୍ୟ ସାରା କାର୍ଯ୍ୟକାରୀ ହେଉଛି, ଯାହା ରେଳ ଭିତ୍ତିଭୂମିର ଏକ ଐତିହାସିକ ପ୍ରସାରକୁ ପ୍ରତିଫଳିତ କରୁଛି। ଓଡ଼ିଶା ରେଳ ବିକାଶ ପାଇଁ ୧୦ ହଜାର କୋଟିରୁ ଅଧିକ ରେକର୍ଡ ବଜେଟ୍ ଆବଣ୍ଟନ ପାଇଛି, ଯାହା ପୂର୍ବ ଦଶନ୍ଧିଗୁଡ଼ିକରେ ହାରାହାରି ଆବଣ୍ଟନ ତୁଳନାରେ ଯଥେଷ୍ଟ ଅଧିକ ଓ ପ୍ରାୟ ୧୩ ଗୁଣ ଅଧିକ।

ଅନ୍ତର୍ଭୁକ୍ତ ଅଭିବୃଦ୍ଧି ଉପରେ ଆଲୋକପାତ କରି ଶ୍ରୀ ବୈଷ୍ଣବ ପଶ୍ଚିମ ଓଡ଼ିଶାରେ ବିଶେଷକରି ଜୁନାଗଡ଼-ନବରଙ୍ଗପୁର-ଜୟପୁର-ମାଲକାନଗିରି-ଭଦ୍ରଚଳମ କରିଡର ସହ ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବା ନେଇ ଉଲ୍ଲେଖ କରିଥିଲେ, ଯାହା ଆଦିବାସୀ ଓ ଆକାଂକ୍ଷୀ ଅଞ୍ଚଳଗୁଡ଼ିକୁ ଯୋଗାଯୋଗରେ ଯଥେଷ୍ଟ ଉନ୍ନତି ଆଣିବ। ସେ ଏହା ମଧ୍ୟ ସୂଚନା ଦେଇଥିଲେ ଯେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ସାରା ଓଡ଼ିଶାରେ ୫୯ଟି ରେଳ ଷ୍ଟେସନକୁ ପୁନଃବିକଶିତ କରାଯାଉଛି, ଯାହା ଯାତ୍ରୀମାନଙ୍କୁ ଉତ୍ତମ ଏବଂ ଆଧୁନିକ ସୁବିଧା ପ୍ରଦାନ କରିବ।

**ସୁନ୍ଦରଗ୍ରାମ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ଉତ୍ସବରେ ମୁଖ୍ୟମନ୍ତ୍ରୀ**

# ଶିକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ

- ପୁରାତନ ଛାତ୍ରଙ୍କ ସଫଳତା ବିଦ୍ୟାଳୟର ଗର୍ବ
- ନୂତନ ଶିକ୍ଷାନୀତି ଓ ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ
- ଦକ୍ଷତାଭିତ୍ତିକ ଶିକ୍ଷା, ସ୍ମାର୍ଟ କ୍ଲାସ୍‌ରୁମ୍ ଓ ଅନଲାଇନ୍ ସିଷ୍ଟମ୍‌କୁ ଗୁରୁତ୍ୱ
- ମୋବାଇଲ, ସୋସିଆଲ ମିଡିଆଠାରୁ ଦୂରେଇ ରହିବାକୁ ପରାମର୍ଶ



ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ସୁନ୍ଦରଗ୍ରାମ ହାଇସ୍କୁଲ୍ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ଏହା ଅଞ୍ଚଳର ସାମାଜିକ ଓ ବୌଦ୍ଧିକ ଉନ୍ନତିର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ ବୋଲି କଟକ ଜିଲ୍ଲାର ସୁନ୍ଦରଗ୍ରାମସ୍ଥିତ ହାଇସ୍କୁଲର ପ୍ଲାଟିନମ୍ ଜୁବିଲି ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ବିଦ୍ୟାଳୟର ୭୫ ବର୍ଷର ଗୌରବମୟ ଯାତ୍ରାକୁ ସ୍ମରଣ କରି କହିଛନ୍ତି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ୭୫ ବର୍ଷର ସଫଳ ଯାତ୍ରା କୌଣସି ସଂସ୍ଥା ପାଇଁ ଅପୂର୍ବ ସଫଳତା ଏବଂ ଏହା ପଛରେ ଅନେକ ଶିକ୍ଷାନୁରାଗୀ ଓ ତ୍ୟାଗୀ ବ୍ୟକ୍ତିଙ୍କ ଅବଦାନ ରହିଛି। ସାଢ଼େ ୭ ଦଶନ୍ଧି ପୂର୍ବେ ସ୍ଥାପିତ ଏହି ଶିକ୍ଷାର ଚାରା ଆଜି ଏକ ବିଶାଳ ବୃକ୍ଷରେ ପରିଣତ ହୋଇ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଆଲୋକ ଦେଉଛି। ବିଦ୍ୟାଳୟର ସଫଳତାର ମୂଳ ମାପକାଠି ହେଉଛି ଏହାର ପୁରାତନ ଛାତ୍ରଛାତ୍ରୀଙ୍କ ସଫଳତା। ଶିକ୍ଷାର ମହତ୍ତ୍ୱ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିକ୍ଷା କେବଳ ପାଠ୍ୟଜ୍ଞାନ ନୁହେଁ, ବରଂ ଚରିତ୍ର ଗଢ଼ିବା ଓ ଜୀବନ ମୂଲ୍ୟବୋଧ ସୃଷ୍ଟିର ଏକ ମାଧ୍ୟମ। ସେ ଛାତ୍ରଛାତ୍ରୀଙ୍କୁ ଆଧୁନିକ ଯୁଗର ଚାହିଦା ଅନୁସାରେ ଦକ୍ଷତା ବିକାଶ, ସୃଜନଶୀଳତା ଓ ନବୀନ ଚିନ୍ତାଧାରାରେ ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ମୋବାଇଲ ଓ ସୋସିଆଲ ମିଡିଆର ଅତିରିକ୍ତ ବ୍ୟବହାରଠାରୁ ଦୂରେଇ ରହି ଜ୍ଞାନାର୍ଜନରେ ଗୁରୁତ୍ୱ ଦେବାକୁ କହିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ଶିକ୍ଷା କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ ନୂତନ ଶିକ୍ଷା ନୀତି-୨୦୨୦ ଅନୁସାରେ ଦକ୍ଷତାମୂଳକ ଓ ଗୁଣାତ୍ମକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି। ଡିଜିଟାଲ ଶିକ୍ଷା, ସ୍ମାର୍ଟ କ୍ଲାସ୍‌ରୁମ୍ ଓ ଅନ୍‌ଲାଇନ୍ ପାଠପଢ଼ା ପ୍ରଣାଳୀ ମାଧ୍ୟମରେ ଶିକ୍ଷାରେ ବିପ୍ଳବ ଅଣାଯାଇଛି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଭଳି ପ୍ରକଳ୍ପ ମାଧ୍ୟମରେ ଗ୍ରାମୀଣ ଶିକ୍ଷାର ମୂଳ ଭିତ୍ତିକୁ ସୁଦୃଢ଼ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବିଦ୍ୟାଳୟର ୪ ଜଣ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହ ସ୍ମରଣିକା ଉନ୍ମୋଚନ କରିଥିଲେ। ସେହିପରି ପ୍ରାଚୀ ନଦୀର ପୁନରୁଦ୍ଧାର ନିମନ୍ତେ ୪୫୦ କୋଟି ଟଙ୍କା ଘୋଷଣା କରିଥିବାରୁ ସ୍ଥାନୀୟ ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କଟକରେ ପ୍ରଭାତଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା



କଟକ,୧୯।୪ (ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ସାମ୍ବାଦିକ ସମ୍ମିଳନୀ ସାରି କଟକରେ ପହଞ୍ଚିବାପରେ ପ୍ରଭାତ ବିଶ୍ୱାଳଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତାଙ୍କର ସମର୍ଥକ ଫୁଲତୋଡ଼ା ଓ ଉପଢୌକନ ନେଇ ତାଙ୍କୁ ଓଏମପି ଛକରୁ ପାଛୋଟି ନେଇଥିଲେ। କଟକ-ଚୌଦ୍ୱାର ମହାନଗରର କର୍ପୋରେଟର ଅରବିନ୍ଦ ଜେନାଙ୍କ ସମର୍ଥକମାନେ ପ୍ରଭାତଙ୍କୁ ସ୍ୱାଗତ କରିଥିବା ବେଳେ କର୍ପୋରେଟର ସୁବ୍ରତ ଉଡ଼େଇଙ୍କ ସମେତ ଅନେକ କର୍ପୋରେଟର ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଁ କଟକ-ଚୌଦ୍ୱାରବାସୀଙ୍କ ସହ ଅଛି। ଆଗକୁ ମଧ୍ୟ ରହିବି। ଯେଉଁମାନେ ମୋ ବିରୁଦ୍ଧରେ ଚକ୍ରାନ୍ତ କରିଛନ୍ତି ସେମାନଙ୍କ କଥା ଭଗବାନ ବୁଝିବେ ବୋଲି ପ୍ରଭାତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଉଦ୍‌ଘାଟିତ



କଟକ,୧୯।୪ (ସଂଚାର ବ୍ୟୁରୋ): ଆଠଗଡ଼ ବ୍ଲକ ରାଧାକିଶୋରପୁର ଗ୍ରାମ ପଞ୍ଚାୟତରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭିନ୍ନ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଶୁଭ ଉଦଘାଟନ କରିଛନ୍ତି। ଏହିକ୍ରମରେ ଖମାରନୂଆଗାଁ, ବେଲଦା, ରାଧାକିଶୋରପୁର, ପୁରୁଷୋତ୍ତମପୁର, ରାଧାଦାମୋଦରପୁର ଆଦି ଗ୍ରାମରେ ନିର୍ମିତ ବିଭିନ୍ନ ପଞ୍ଚାୟତ, ରାସ୍ତା, କୋଠାର ଓ ଅନ୍ୟାନ୍ୟ ଆବଶ୍ୟକ ପ୍ରକଳ୍ପଗୁଡ଼ିକର ଲୋକାର୍ପିତ କରାଯାଇଥିଲା। ଗ୍ରାମାଞ୍ଚଳର ସାମଗ୍ରିକ ଉନ୍ନତି ଓ ଲୋକଙ୍କ ସୁବିଧାକୁ ଧ୍ୟାନରେ ରଖି ଏହି ପ୍ରକଳ୍ପଗୁଡ଼ିକର ଲୋକାର୍ପିତ କରାଯାଉଛି ବୋଲି ବିଧାୟକ ଶ୍ରୀ ସ୍ୱାଇଁ ତାଙ୍କ ଅଭିଭାଷଣରେ କହିଥିଲେ। ଜିଲ୍ଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ସରପଞ୍ଚ ବିନୋଦ କୁମାର ମାଝୀ, ସମିତି ସଭ୍ୟ ବିଧାନ ଚନ୍ଦ୍ର ସ୍ୱାଇଁଙ୍କ ସହ ବନ୍ଧୁ ସ୍ଥାନୀୟ ଜନପ୍ରତିନିଧି, ବରିଷ୍ଠ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

● ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗ

## ଦେଶବାସୀଙ୍କୁ ଭ୍ରମିତ କରୁଛି ବିଜେପି

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ସଂସଦ ଓ ବିଧାନସଭା କ୍ଷେତ୍ରରେ ମହିଳା ସଂରକ୍ଷଣ ବିଲକୁ ନେଇ ବିରୋଧୀ ଦଳମାନେ ଏହାକୁ ସମର୍ଥନ ନ ଦେବାରୁ ଏହା କାଟ୍ ଖାଇଲା ବୋଲି ବିଜେପି ପକ୍ଷରୁ ଯାହା ପ୍ରଚାର କରାଯାଉଛି, ତାକୁ ଦୃଢ଼ ଖଣ୍ଡନ କରିଛି ବିଜେଡି। ଯେଉଁଭଳି ଭାବେ ଡିମିଲଟେସନ ବିଲ୍ ସହ ମହିଳା ସଂରକ୍ଷଣ ବିଲକୁ ଯୋଡି ସଂସଦରେ ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଉପସ୍ଥାପନ କଲେ, ତାହା କୌଣସି ପ୍ରହସନରୁ କମ ନଥିଲା ବୋଲି ଦଳ ପକ୍ଷରୁ କୁହାଯାଇଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ପିଏସି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ମହିଳା ସଂରକ୍ଷଣ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତଞ୍ଚକତା କରି ମହିଳାଙ୍କ ସହ ପ୍ରତାରଣା କରୁଛନ୍ତି ବୋଲି କହି କେନ୍ଦ୍ର ସରକାର ଓ ରାଜ୍ୟ ବିଜେପି ଉପରେ ବର୍ଷିଥିଲେ।




ଶ୍ରୀମତୀ ସେଠୀ କହିଥିଲେ ଯେ ନାରୀ ଶକ୍ତି ବନ୍ଦନ ଅଧିନିୟମ ଗତ ୨୦୨୩ ସେପ୍ଟେମ୍ବରରେ ସମସ୍ତ ରାଜନୈତିକ ଦଳ ସମର୍ଥନରେ ପାସ ହୋଇଥିଲା। ଏହାକୁ ତୁରନ୍ତ ଲାଗୁ ନ କରି ନୂତନ ଜନଗଣନା ମାଧ୍ୟମରେ ଡିମିଲଟେସନ ପରେ ଏହାକୁ ଲାଗୁ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ଅପ୍ରତ୍ୟାଶିତ ଭାବେ ହଠାତ୍ କେନ୍ଦ୍ର ସରକାର ଡିଲିମିଟେସନ ବିଲ୍ ସହ ମହିଳା ସଂରକ୍ଷଣ ବିଲକୁ ଯୋଡ଼ି ସଂସଦର ବିଶେଷ ଅଧିବେଶନରେ ଉପସ୍ଥାପନ କଲେ। ମହିଳା ସଂରକ୍ଷଣ ବିଲ୍ ନେଇ କୌଣସି ରାଜନୈତିକ ଦଳର ସଂଶୟ ନ ଥିଲା, କିନ୍ତୁ ପ୍ରସ୍ତାବିତ ଡିମିଲଟେସନ ବିଲ୍‌କୁ ନେଇ ଅନେକ ଅସହମତି ରହିଥିଲା। ବିଶେଷକରି ଡିଲିମିଟେସନ ମାଧ୍ୟମରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୯ରୁ ୩.୫ ପ୍ରତିଶତକୁ ହ୍ରାସ ପାଇବା ଆଶଙ୍କା ଥିବାରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଓ ରାଜ୍ୟର ସମସ୍ତ ସାଂସଦଙ୍କୁ ଚିଠି ଲେଖି ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବିଜେପି ସାଂସଦମାନେ ବିଲ୍ ସପକ୍ଷରେ ଭୋଟ ଦେଲେ। ବିଲ୍ କାଟ ଖାଇବା ପରେ ମହିଳା ସଂରକ୍ଷଣ ବିଲ୍‌କୁ ବିଜେଡି ବିରୋଧ କଲା ବୋଲି ଯେଉଁ ଅଭିଯୋଗ କରାଯାଉଛି, ଯାହା ସମ୍ପୂର୍ଣ୍ଣ ଅମୂଳକ ବୋଲି ଶ୍ରୀମତୀ ସେଠୀ କହିଛନ୍ତି।ସେହିପରି ଶ୍ରୀମତୀ ସାହୁ କହିଥିଲେ ଯେ ମହିଳା ସଂରକ୍ଷଣ ପ୍ରଦାନ କ୍ଷେତ୍ରରେ ବିଜେଡି ସବୁ ସମୟରେ ଆଗରେ ରହିଛି। ମହିଳାଙ୍କୁ ସାମ୍ବିଧାନିକ ପଦବୀରେ ଅବସ୍ଥାପିତ କରିବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ୧୯୯୨ରେ ରାଜ୍ୟର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଓ ଅର୍ବାନ ଲୋକାଲ ବଡିରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ତାଙ୍କ ସୁପୁତ୍ର ଶ୍ରୀ ପଟ୍ଟନାୟକ ତାଙ୍କ ଶାସନ ସମୟରେ ଏହି ସଂରକ୍ଷଣ ସଂଖ୍ୟାକୁ ୫୦ ପ୍ରତିଶତକୁ ବଢ଼ାଇଥିଲେ। କିନ୍ତୁ ଆଜି ବିଜେପି ସରକାର କ୍ଷମତାକୁ ଆସିବାର ଦୁଇ ବର୍ଷ ପରେ ମିଶନ ଶକ୍ତି ଦ୍ୱାରା ସଶକ୍ତ ହୋଇଥିବା ମହିଳାମାନେ ଘରକୋଣରେ ସୀମିତ ହୋଇ ଯାଇଥିବା ଦେଖିବାକୁ ମିଳୁଛି। ତେଣୁ ମହିଳା ସରଂକ୍ଷଣ ବିଲ୍‌କୁ ବିଜେଡି ବିରୋଧ କରୁଛି ବୋଲି ବିଜେପିର ଦାବିକୁ ଓଡ଼ିଶାବାସୀ ଗ୍ରହଣ କରିବେ ନାହିଁ।

**ବିଜେପି ରାଜ୍ୟ ପଦାଧିକାରୀ ବୈଠକ**

# ସଙ୍ଗଠନକୁ ବୁଥ୍ ସ୍ତର ପର୍ଯ୍ୟନ୍ତ ସଶକ୍ତ ପାଇଁ ବିସ୍ତୃତ ଆଲୋଚନା




ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ପାର୍ଟିର ସାଙ୍ଗଠନିକ ଦୃଷ୍ଟିକୋଣରୁ ବୁଥ କମିଟିଠାରୁ ଆରମ୍ଭ କରି ମଣ୍ଡଳ କମିଟି ଓ ଜିଲ୍ଲା କମିଟି ପର୍ଯ୍ୟନ୍ତ ବିସ୍ତୃତ ଆଲୋଚନା କରାଯାଇଥିଲା। ପାର୍ଟି ପ୍ରତିଷ୍ଠା ଦିବସ, ଆମ୍ବେଦକର ଜୟନ୍ତୀ ଓ ବିଶେଷକରି ସମ୍ପ୍ରତି ଚାଲୁ ରହିଥିବା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ସମୀକ୍ଷା କରାଯାଇଥିଲା। ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ପ୍ରାୟ ସଫଳତାର ସହ ସମାପ୍ତ ହୋଇସାରିଛି ଓ ଏବେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିରକୁ ସଫଳ କରିବା ପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। ଆସନ୍ତା ୧ରୁ ମାସ ଶେଷ ସୁଦ୍ଧା ରାଜ୍ୟର ୩୭ଟି ସାଙ୍ଗଠନିକ ଜିଲ୍ଲାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ବିଜେପିର ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଥାଏ। ସେ ଦୃଷ୍ଟିରୁ ଆଜି ପାର୍ଟିର ସମସ୍ତ ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ପ୍ରଭାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାରୀ ପରିଡ଼ା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ପ୍ରଭାରୀମାନେ ଉପସ୍ଥିତ ଥିଲେ। ସଙ୍ଗଠନକୁ ବୁଥ୍ ସ୍ତର ପର୍ଯ୍ୟନ୍ତ ସଶକ୍ତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମକୁ ପ୍ରତ୍ୟେକ ମଣ୍ଡଳ ଓ ବୁଥ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ବିସ୍ତୃତ ଆଲୋଚନା ହୋଇଛି। ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମଧ୍ୟ ଆଲୋଚନା ହୋଇଛି ବୋଲି ସେ କହିଛନ୍ତି।

● ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗ

## କଂଗ୍ରେସ ଉଠାଇଲା ସାମ୍ବିଧାନିକ ପ୍ରଶ୍ନ

ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ନିଜ ସପକ୍ଷରେ ସଂଖ୍ୟା ନଥାଇ ମଧ୍ୟ ମହିଳା ସଂରକ୍ଷଣ ବିଲ୍ ଆଣି ନାକଚ ହେବା ଓ ବିରୋଧୀଙ୍କୁ ସରକାର ଦୋଷାରୋପ କରିବା ପ୍ରସଙ୍ଗରେ ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ସାମ୍ବିଧାନିକ ପ୍ରଶ୍ନ ଉତ୍‌ଥାପନ କରାଯାଇଛି। ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ପ୍ରକାଶ ଜେନାଙ୍କ ସହ ଏଆଇସିସି ମୁଖପାତ୍ର ଡ. ହମିଦ ହୁସେନ,



ପିସିସି ମୁଖପାତ୍ର ମନୋରଞ୍ଜନ ଦାସ ଯୋଗଦେଇ ବିଜେପି ମହିଳା ଆରକ୍ଷଣ ବିଲ୍‌କୁ କଠୋର ସମାଲୋଚନା କରିବା ସହ ସରକାରଙ୍କୁ କାଠଗଡ଼ାରେ ଛିଡା କରାଇଛନ୍ତି। ସଭାପତି ଶ୍ରୀ ଜେନା କହିଛନ୍ତି ଯେ ସରକାର ୨୦୨୩ରେ ମହିଳା ସଂରକ୍ଷଣ ବିଲ୍ ଆଗତ କରି ପାସ କରିସାରିଥିଲେ। ଏବେ ପୁଣି ପ୍ରହସନ ପୂର୍ବକ ପୁଣି ଥରେ ମହିଳା ସଂରକ୍ଷଣ ବିଲ୍ ଆଗତ କରି ସଂଖ୍ୟାଗରିଷ୍ଠତା ନଥିବା ସତ୍ତ୍ୱେ ସରକାର କେବଳ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି। ଏଆଇସିସି ମୁଖପାତ୍ର ଡ. ହୁସେନ କହିଛନ୍ତି ଯେ ଶାସକ ବିଜେପି ସରକାର ଯେତେ ଦିନରୁ ଶାସନକୁ ଆସିଲା ସେହି ସମୟରୁ ବିକାଶ କାମକୁ ଛାଡ଼ି କେବଳ ନିଜ ପ୍ରଧାନମନ୍ତ୍ରୀ ଓ ଦଳର ବାହାବା ନେବାରେ ବ୍ୟସ୍ତ ଅଛନ୍ତି। ମହିଳାଙ୍କୁ ସଂରକ୍ଷଣ ଦେବା ଆଳରେ ସବୁଦିନ କ୍ଷମତାରେ ରହିବା ପାଇଁ ବିଜେପି ନିଜକୁ ସୁହାଇବା ଭଳି ନିର୍ବାଚନମଣ୍ଡଳୀ ପରିସୀମା ନିର୍ଦ୍ଧାରଣ ବିଲ୍ ପାସ୍ କରିନେବାକୁ ଚାହୁଁଥିଲା। କିନ୍ତୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ ସମସ୍ତ ବିରୋଧୀ ଦଳ ଏକଜୁଟ ହୋଇ ସରକାରଙ୍କ ପ୍ରବଞ୍ଚନାପୂର୍ଣ୍ଣ ବିଲ୍‌କୁ ନାକଚ କରିଥିଲେ। କଂଗ୍ରେସ ମହିଳା ସଂରକ୍ଷଣ ବିଲ୍ ଡ. ମନମୋହନ ସିଂଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ରାଜ୍ୟସଭାକୁ ଆଣି ପାରିତ କରିଥିଲେ। କିନ୍ତୁ ସଂଖ୍ୟା ନ ଥିବାରୁ ଏହା ଲୋକସଭାରେ ପାରିତ ହୋଇ ପାରିନଥିଲା। ବିଜେପି ସରକାର ମଧ୍ୟ ୨୦୨୩ରେ ମହିଳା ସଂରକ୍ଷଣ ବିଲ୍ ପାସ୍ କରିଥିଲା ଓ ରାଷ୍ଟ୍ରପତି ମଧ୍ୟ ଏଥିରେ ମୋହର ମାରିଥିଲେ। କିନ୍ତୁ ଲାଗୁ କରିବା ପାଇଁ ନୋଟିଫିକେସନ ଦେବାକୁ ୩ ବର୍ଷ ସମୟ ଲାଗିଲା କାହିଁକି? ସରକାର ଏହାର ଜବାବ ଦେବା ଦରକାର। ସରକାର ପ୍ରକାରାନ୍ତରେ ମହିଳା ସଂରକ୍ଷଣ ନାଁରେ 'ସୀମା ପୁନଃନିର୍ଦ୍ଧାରଣ ବିଲ୍' ଆଣିବାକୁ ଚାହୁଁଥିଲେ, ଯାହା ଅସାମ୍ବିଧାନିକ। କାରଣ ଏହି ବିଲ୍‌ରେ ଆସାମ ଓ ଜମ୍ମୁ-କାଶ୍ମୀରର ସିଟ୍ ସଂଖ୍ୟା ବୃଦ୍ଧି କରାଯାଇନାହିଁ, ଯାହା ବିଜେପିକୁ ସୁହାଇବ। ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ କୋର୍ଟରେ ମଧ୍ୟ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ। ତେଣୁ ଏହି ବିଲ୍ ମାଧ୍ୟମରେ ଦୀର୍ଘ ବର୍ଷ ଧରି ବିଜେପି ନିରଙ୍କୁଶ କ୍ଷମତା ହାସଲ କରିବା ପାଇଁ ଯେଉଁ ଫନ୍ଦି କରିଥିଲା, ବିରୋଧୀ ତାକୁ ଅକାମୀ କରିଦେଇଛନ୍ତି ବୋଲି ଶ୍ରୀ ହୁସେନ୍ କହିଛନ୍ତି।

# ନାଁ ନନେଇ ବର୍ଷିଲେ ଗୌତମ



● କ୍ରୀତଦାସଙ୍କ ପାଇଁ ଯାଜପୁରବାସୀ ନିନ୍ଦିତ
● ଇନ୍ଦ୍ରଚନ୍ଦ୍ରଙ୍କୁ ବି ମାନୁ ନ ଥିଲେ

ଯାଜପୁର ଟାଉନ,୧୯।୪ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ରାଜନୈତିକ ପରିବେଶ ଏବେ ଚର୍ଚ୍ଚାରେ। ଶୁକ୍ରବାର ସନ୍ଧ୍ୟାରେ ନିଜ ନିର୍ବାଚନମଣ୍ଡଳୀରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ଯୋଗଦେଇ ବିଜେପିର ନେତା ଗୌତମ ରାୟ ଭାଷଣ ମାଧ୍ୟମରେ ବିପକ୍ଷ ଶିବିରକୁ କଠୋର ଭାବେ ନିଶାନା କରିଛନ୍ତି। ସେ କାହା ନାଁ ନେଇନଥିଲେ ମଧ୍ୟ ତାଙ୍କ ତୀକ୍ଷ୍ଣ ଓ ଶାଣିତ ମନ୍ତବ୍ୟ ଯାଜପୁର ରାଜନୀତିରେ ନୂଆ ଝଡ଼ ସୃଷ୍ଟି କରିଛି। ଭାଷଣରେ ଶ୍ରୀ ରାୟଙ୍କ ତୀକ୍ଷ୍ଣ ଆକ୍ଷେପ ଥିଲା ଯେ କ୍ଷମତାରେ ଥିବାବେଳେ ଜଣେ ଇନ୍ଦ୍ରଚନ୍ଦ୍ରଙ୍କୁ ବି ମାନୁ ନ ଥିଲେ। ପଦବୀର ଦୁରୁପଯୋଗ କରି ଘର, ଗାଡ଼ି ଓ ସମ୍ପତ୍ତି ବଢ଼ାଇବାରେ ବ୍ୟସ୍ତ ଥିଲେ। ଜନସାଧାରଣଙ୍କ ଅର୍ଥକୁ ପ୍ରକଳ୍ପ ନାମରେ ହଡ଼ପ କରିଚାଲିଥିଲେ। ସେ ବନ୍ଧ, ରାସ୍ତା ମରାମତି, ଡାକ୍ତରଖାନା, ଖେଳପଡ଼ିଆ ଓ ସେତୁ ନିର୍ମାଣ ଭଳି ଉନ୍ନୟନ କାମରେ ମଧ୍ୟ ଅନିୟମିତତା କରିଥିବା ଅଭିଯୋଗ କରିଥିଲେ। ଗରିବ ଲୋକଙ୍କ ପାଇଁ ଥିବା ଆବାସ ଯୋଜନା, ସ୍ୱଚ୍ଛ ଭାରତ ମିଶନର ପାଇଖାନା, ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କ ଭତ୍ତା ଏବଂ ହରିଶ୍ଚନ୍ଦ୍ର ସହାୟତା ରାଶି ପର୍ଯ୍ୟନ୍ତ ମଧ୍ୟ ଅନିୟମିତତା ହୋଇଥିବା କହି ସେ କଟୁ ଆକ୍ଷେପ କରିଥିଲେ। ଯେଉଁଠି ସୁଯୋଗ ମିଳିଲା, ସେଠି ମୁହଁ ପୂରେଇ ଖାଇଥିଲେ ବୋଲି ଗୌତମ କହିବା ସମୟରେ ଏହା ସଭାସ୍ଥଳରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ବେଶ୍ ପ୍ରତିକ୍ରିୟା ସୃଷ୍ଟି କରିଥିଲା। ସେ ଯାଜପୁରର ସମ୍ମାନକୁ ନେଇ ମଧ୍ୟ ଗଭୀର ଚିନ୍ତା ବ୍ୟକ୍ତ କରିଥିଲେ। ସେ କହିଥିଲେ, କେତେବେଳେ କ୍ରୀତଦାସ ସାଜିବାକୁ ପଡ଼ିଥିଲା, କେତେବେଳେ ଟ୍ରାଫିକ ପୁଲିସ ଭଳି ରାସ୍ତାରେ ଠିଆ ହେବାକୁ ପଡ଼ିଥିଲା। ଏହି କାରଣରୁ ଯାଜପୁର ମାଟି ଆଜି ଚାରିଆଡ଼େ ନିନ୍ଦାର ପାତ୍ର ହୋଇଛି। ଗୌତମଙ୍କ ଏହି ସଭାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ବିଜେଡିର କିଛି ପଞ୍ଚାୟତ ସ୍ତରର ନେତା ଓ କର୍ମୀଙ୍କ ବିଜେପିରେ ଯୋଗଦାନ। ଏହା ରାଜନୀତିକ ସମୀକରଣକୁ ଆହୁରି ରୋଚକ କରିଛି। ତେବେ ଶ୍ରୀ ରାୟ କାହାରି ନାଁ ନେଇ ନ ଥିଲେ ମଧ୍ୟ ତାଙ୍କ ଆକ୍ଷେପ କାହା ଉଦ୍ଦେଶ୍ୟରେ ଥିଲା, ସେଥିପ୍ରତି ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଜୋରଦାର ଚର୍ଚ୍ଚା ଚାଲିଛି। ଇଙ୍ଗିତ ସ୍ପଷ୍ଟ— ନାଁ ନ ଥିଲେ ମଧ୍ୟ ସନ୍ଦେଶ ସିଧାସଳଖ ପହଞ୍ଚିଛି। ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ରାଜନୈତିକ କାର୍ଯ୍ୟକଳାପ ଓ ସମ୍ପତ୍ତିକୁ ନେଇ ସାମାଜିକ ଗଣମାଧ୍ୟମରେ ଚାଲୁଥିବା ଚର୍ଚ୍ଚା ପରିପ୍ରେକ୍ଷୀରେ ଏହି ଭାଷଣ ଆହୁରି ଗୁରୁତ୍ୱ ଅଧିଗ୍ରହଣ କରିଛି।

## ଜଳଭଣ୍ଡାରରେ ବୁଡିଗଲେ ୬ ସାଙ୍ଗ, ୨ ମୃତ

ଭଞ୍ଜନଗର, ୧୯।୪ (ସଂଚାର ବ୍ୟୁରୋ) : ଭଞ୍ଜନଗର ଜଳଭଣ୍ଡାରରେ ବୁଡ଼ି ସ୍ଥାନୀୟ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଦୁଇ ଛାତ୍ରଙ୍କ ମୃତ୍ୟୁ ହୋଇଛି । ସେମାନେ ହେଲେ ଲାଲସିଂର କାହ୍ନା ପ୍ରଧାନ ଓ ଆଶୁତୋଷ ଭୂୟାଁ। ଏହି ଘଟଣାରେ ଆଉ ୪ ଜଣ ଛାତ୍ର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରବିବାର ଅପରାହ୍ନରେ କାହ୍ନା ପ୍ରଧାନ ଓ ଆଶୁତୋଷ ଭୂୟାଁ ସମେତ ଲାଲସିଂର ୬ ସାଙ୍ଗ ମିଶି ଭଂଜନଗର ଜଳଭଣ୍ଡାରରୁକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ହସ ଗମାତ ହୋଇ ପାଣିରେ ଖେଳୁଥିବା ବେଳେ କାହ୍ନା ପ୍ରଧାନ ଓ ଆଶୁତୋଷ ଭୂୟାଁ ପାଣିରେ ବୁଡ଼ି ଯାଇଥିଲେ। ଅନ୍ୟ ସାଙ୍ଗମାନେ ତାଙ୍କୁ ଖୋଜିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ନପାଇବାରୁ ଦମକଳ ବାହୀନି ଏବଂ ପୋଲିସକୁ ସୂଚନା ଦେଇଥିଲେ।

**୬୧ତମ ଫେମିନା ମିସ୍ ଇଣ୍ଡିଆ**

# 'ବିଶ୍ୱ ସୂତ୍ର' କଲେକ୍ସନ୍‌ରେ ଭାରତୀୟ ହସ୍ତତନ୍ତର ଅନନ୍ୟ ପ୍ରଦର୍ଶନ



ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ପ୍ରଥମ ଥର ପାଇଁ ବିକାଶ କମିଶନର୍ (ହସ୍ତତନ୍ତ), ବୟନ ମନ୍ତ୍ରଣାଳୟ, ଭାରତ ସରକାର ଓ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକ୍ନୋଲୋଜି (ଏନଆଇଏଫଟି) କାର୍ଯ୍ୟାଳୟ 'ବିଶ୍ୱ ସୂତ୍ର- ବିଶ୍ୱ ପାଇଁ ଭାରତର ବୁଣାକାର' ଶୁଭାରମ୍ଭ କରିଛି, ଯାହା ଭୁବନେଶ୍ୱରରେ ୬୧ତମ ଫେମିନା ମିସ୍ ଇଣ୍ଡିଆରେ ଉପସ୍ଥାପିତ ଏକ ଡିଜାଇନର୍ କଲେକ୍ସନ, ଏକ ସମସାମୟିକ ବିଶ୍ୱ ଡିଜାଇନ୍ ମଧ୍ୟରେ ଭାରତୀୟ ହସ୍ତତନ୍ତକୁ ସ୍ଥାନିତ କରୁଛି। ଏହି ପ୍ରୟାସ ସାରା ଭାରତରୁ ୩୦ଟି ସ୍ୱତନ୍ତ୍ର ହସ୍ତତନ୍ତକୁ ଏକତ୍ରିତ କରେ, ପ୍ରତ୍ୟେକଟି ଏକ ଭିନ୍ନ ରାଜ୍ୟକୁ ପ୍ରତିନିଧିତ୍ୱ କରେ ଏବଂ ୩୦ଟି ଦେଶରୁ ଆହୃତ ପ୍ରେରଣା ମାଧ୍ୟମରେ ସେଗୁଡ଼ିକୁ ପୁନଃ ବ୍ୟାଖ୍ୟା କରେ, ଯାହା ବିବିଧ ସାଂସ୍କୃତିକ ଉପାଦାନ, ସିଲୁଏଟ୍ ଓ ଡିଜାଇନକୁ ପ୍ରତିଫଳିତ କରେ। ବିଶ୍ୱ ଫ୍ୟାଶନ୍ ଲେନ୍ସ ମାଧ୍ୟମରେ ସଂଗୃହୀତ, ଏହି ସଂଗ୍ରହ ଭାରତୀୟ ବୟନକୁ ସ୍ୱତନ୍ତ୍ର ସାଂସ୍କୃତିକ ସିଲୁଏଟ୍ ସହ ଯୋଡ଼ିଥାଏ - ଗ୍ରୀକ୍ ରୂପ ସହ ଓଡ଼ିଶା ଇକାତ, ନରୱେଜିଆନ୍ ରେଖା ସହ କାଞ୍ଚିପୁରମ୍, ମିଶରୀୟ ଉପାଦାନ ସହ ମୁଗା, ସ୍ପାନିସ୍ ପ୍ରଭାବ ସହିତ ପଟୋଲା ଓ ୟୁଏଇ-ପ୍ରେରିତ ଏନସେମ୍ବଲ୍ ସହ ବନାରସୀ-ଭାରତର ହସ୍ତତନ୍ତ ଶବ୍ଦକୋଷରେ ଏକ ନୂତନ ଡିଜାଇନ୍ ଦୃଷ୍ଟିକୋଣ ଆଣିଥାଏ।

# ସରିଲା ସୋସିଆଲ୍ ମିଡ଼ିଆ ଇନ୍‌ଫ୍ଲୁଏନ୍ସରଙ୍କ ଓଡ଼ିଶା ଗସ୍ତ



ଭୁବନେଶ୍ୱର, ୧୯।୪ (ସଂଚାର ବ୍ୟୁରୋ): ଭୂଟାନ, କାମ୍ବୋଡ଼ିଆ, ଲାଓସ୍, ମାଲେସିଆ, ମଙ୍ଗୋଲିଆ, ମ୍ୟାନ୍‌ମାର, ନେପାଳ, ସିଙ୍ଗାପୁର, ଥାଇଲାଣ୍ଡ ଓ ଭିଏତନାମ୍‌ରୁ ସୋସିଆଲ୍ ମିଡ଼ିଆ ଇନ୍‌ଫ୍ଲୁଏସର ଏବଂ କଣ୍ଟେଣ୍ଟ କ୍ରିଏଟରମାନଙ୍କର ଏକ ପ୍ରତିନିଧି ଦଳ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି। ୧୬ ତାରିଖରୁ ୧୯ ତାରିଖ ଏହି ଦଳ ଓଡ଼ିଶା ଗସ୍ତରେ ଆସିଥିବାବେଳେ ଭାରତ ସରକାରଙ୍କର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ତଥା ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ଉତ୍ତମ ସମନ୍ୱୟରେ ଏହି ଗସ୍ତ ସଫଳ ହୋଇଛି ବୋଲି ସେମାନେ ଜଣାଇଛନ୍ତି। ଓଡ଼ିଶାରେ ସେମାନଙ୍କ ଗସ୍ତ ଅତ୍ୟନ୍ତ ପ୍ରେରଣାଦାୟୀ। ଏଠିକାର ଆତିଥ୍ୟ, ସଂସ୍କୃତି, ପରମ୍ପରିକ ଖାଦ୍ୟ ଓ ଲୋକମାନଙ୍କର ଆତ୍ମୀୟତା ସେମାନଙ୍କୁ ପ୍ରଭାବିତ କରିଛି ବୋଲି ସେମାନେ କହିଛନ୍ତି।

ଏହି ଦଳରେ ଟ୍ରାଭେଲ ବ୍ଲଗର, ଖାଦ୍ୟ ଓ ଲାଇଫ୍ ଷ୍ଟାଇଲ୍ ଇନ୍‌ଫ୍ଲୁଏନ୍ସର, ୱେଲ୍‌ନେସ୍ ବ୍ଲଗର, ଐତିହ୍ୟ ଅନୁସନ୍ଧାନକାରୀ ଏବଂ ଡକ୍ୟୁମେଣ୍ଟାରୀ ନିର୍ମାତାମାନେ ସାମିଲ ଥିଲେ। ସେମାନେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା ସହିତ ରାଜ୍ୟର ଉନ୍ନତି ଓ ପ୍ରଗତିମୂଳକ ପ୍ରୟାସଗୁଡ଼ିକୁ ଅତି ନିକଟରୁ ପରଖିବା ସହ ଅନୁଭବ କରିଥିଲେ। ସେମାନେ ଖଣ୍ଡଗିରି ଓ ଉଦୟଗିରି, ବିଶ୍ୱ ଦକ୍ଷତା କେନ୍ଦ୍ର, ରଘୁରାଜପୁର ହେରିଟେଜ୍ ଭିଲେଜ୍, କୋଣାର୍କ ସୂର୍ଯ୍ୟମନ୍ଦିର ଆଦି ପରିଦର୍ଶନ କରିଛନ୍ତି। ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଗସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି।

**ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ନାଁରେ ଯୌନଶୋଷଣ ଅଭିଯୋଗ ପ୍ରସଙ୍ଗ**

## ଡବଲ ଇଞ୍ଜିନ୍ ସରକାରରେ ବାଡ଼ ଖାଉଛି ଫସଲ



ଭୁବନେଶ୍ୱର,୧୯।୪(ସଂଚାର ବ୍ୟୁରୋ): ନ୍ୟାୟ ପାଇଁ ଥାନାକୁ ଯାଇଥିବା ଜନୈକା ମହିଳା ଜଣେ ବରିଷ୍ଠ ପୁଲିସ୍ ଅଧିକାରୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ବେଳେ ଏ ସଂକ୍ରାନ୍ତରେ ସମସ୍ତ ତଥ୍ୟ ପ୍ରମାଣ ଡିଜିଙ୍କୁ ଦେଇଛନ୍ତି। କିନ୍ତୁ ଅଦ୍ୟାବଧି ତାଙ୍କୁ ନ୍ୟାୟ ମିଳିପାରିନାହିଁ। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳ ସଭାପତି ଈପ୍‌ସିତା ସାହୁ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରରେ ଦିନ ଦିନକୁ ନାରୀ ନିର୍ଯାତନା ବୃଦ୍ଧି ପାଉଥିଲା ବେଳେ ନିଜେ ପୁଲିସ୍ ଅଧିକାରୀ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଲଜ୍ଜାଜନକ ଘଟଣା। ପୀଡ଼ିତା ଜଣଙ୍କ ସବୁ ପ୍ରମାଣ ଦେଇଥିଲେ ସୁଦ୍ଧା ପୁଲିସ୍ ବିଭାଗ ନିଦାବିଷ୍ଟୁ ପାଲଟିଛି। ରକ୍ଷକ ହୋଇ ଭକ୍ଷକ ସାଜିଲେ, ବିଭାଗ ଉପରୁ ଜନସାଧାରଣଙ୍କ ଆସ୍ଥା ତୁଟିଯିବ। ତୁରନ୍ତ ଅଭିଯୁକ୍ତ ଅଧିକାରୀଙ୍କୁ ବହିଷ୍କାର ପାଇଁ ସେ ଦାବି କରିବାସହ ଡବଲ୍ ଇଞ୍ଜିନ୍ ସରକାରରେ ବାଡ଼ ଫସଲ ଖାଉଛି ବୋଲି ମଧ୍ୟ ସେ ଅଭିଯୋଗ କରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ


SANCHAR ସଂଚାର

୪ ସୋମବାର ୨୦ ଏପ୍ରିଲ ୨୦୨୬, ଭୁବନେଶ୍ୱର
Monday 20 April 2026, Bhubaneswar


# ଏଲପିଜି ସଙ୍କଟ ବନାମ ସରକାରଙ୍କ ଦାବି

ଗତ ମାର୍ଚ୍ଚ ମାସରୁ ଭାରତର ରନ୍ଧନ ଗ୍ୟାସ ସଙ୍କଟ ଏକ ଜାତୀୟ ଆଲୋଚନାର ବିଷୟ ହୋଇ ପଡ଼ିଛି। ଇରାନ ସହ ଇସ୍ରାଏଲ-ଆମେରିକା ଯୁଦ୍ଧ ଯୋଗୁଁ ହର୍ମୁଜ ଜଳପଥ ଅବରୋଧ ହେବା ଫଳରେ ଭାରତର ଏଲପିଜି ଆମଦାନୀ ପ୍ରାୟ ୬୦ ପ୍ରତିଶତ ପ୍ରଭାବିତ ହୋଇଛି। ଦେଶର ପ୍ରାୟ ୯୦ ପ୍ରତିଶତ ଏଲପିଜି ଆମଦାନୀ ଏହି



ପଥ ଦେଇ ହୋଇଥାଏ। ଏହି ଜଳପଥରେ ଏଲପିଜି ପର୍ଯ୍ୟାପ୍ତ ପରିମାଣରେ ଆସିପାରୁନଥିବାରୁ ସିଲିଣ୍ଡର ମୂଲ୍ୟ ବୃଦ୍ଧି, କ୍ରମାଗତ ଲାଇନ ଓ କଳ୍ପିତ ବଜାରର ଉତଥାନ ଦେଖାଯାଇଛି। କିନ୍ତୁ ସରକାର ବାରମ୍ବାର କହୁଛନ୍ତି -'କୌଣସି ସଙ୍କଟ ନାହିଁ, ଯୋଗାଣ ସ୍ଥିର ଅଛି'। ପ୍ରଶ୍ନ ଉଠୁଛି, ସରକାରଙ୍କ ଦାବିରେ ବାସ୍ତବତା ଅଛି ନା କେବଳ ଲମ୍ବା ଚଉଡା ଦାବି।

ସରକାରୀ ତଥ୍ୟ ଅନୁସାରେ ଘରୋଇ ଏଲପିଜି ଯୋଗାଣ ସାଧାରଣ ଅଛି। ଏପ୍ରିଲ ମାସରେ ବୁକିଂ ୪୬ ରୁ ୫୦ ଲକ୍ଷ ମଧ୍ୟରେ ରହିଛି ଓ ବିତରଣ ସ୍ଥାନରେ କୌଣସି ଅଭାବ ନାହିଁ ବୋଲି କୁହାଯାଉଛି। ଘରୋଇ ଉତ୍ପାଦନ ୨୫ ରୁ ୪୦ ପ୍ରତିଶତ ବୃଦ୍ଧି ପାଇଛି ଓ ପାଇପଡ୍ ଗ୍ୟାସ ପ୍ରସାରଣ ଦ୍ୱାରା ଆମଦାନୀ ନିର୍ଭରତା କମାଇବାର ପ୍ରୟାସ ଚାଲିଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ କୋଟି କୋଟି ପରିବାରକୁ ସବସିଡି ଦିଆଯାଉଛି। ସରକାର କହୁଛନ୍ତି ଯେ ଏହି ପଦକ୍ଷେପ ଫଳରେ ସଙ୍କଟ ନିୟନ୍ତ୍ରଣରେ ଆସିଛି। କିନ୍ତୁ ସ୍ଥଳ ବାସ୍ତବତା ଏହାର ବିପରୀତ କଥା କହୁଛି।

ବାସ୍ତବରେ ଏହି ସଙ୍କଟ କେବଳ ଏକ ମାସର ନୁହେଁ। ବିଶେଷଜ୍ଞମାନେ କହୁଛନ୍ତି ଯେ ହର୍ମୁଜ୍ ଅବରୋଧ ଓ ଗଲ୍ଫ ଅଞ୍ଚଳର ଉତ୍ପାଦନ କେନ୍ଦ୍ରର କ୍ଷତି ଯୋଗୁଁ ଯୋଗାଣ ସ୍ଥିର ହେବାକୁ ୩ ରୁ ୪ ବର୍ଷ ଲାଗିପାରେ। ବ୍ୟବସାୟିକ ଏଲପିଜି ଯୋଗାଣ ଏପର୍ଯ୍ୟନ୍ତ ବି ପ୍ରଭାବିତ ହୋଇ ରହିଛି। ହୋଟେଲ, ରେଷ୍ଟୁରାଣ୍ଟ ଓ ଛୋଟ ଉଦ୍ୟୋଗରେ ସଙ୍କଟ ଜାରି ରହିଛି। କେତେକ ରାଜ୍ୟରେ କଳ୍ପିତ ବଜାରରେ ସିଲିଣ୍ଡର ମୂଲ୍ୟ ଚାରି ଗୁଣ ବୃଦ୍ଧି ପାଇଛି। ଘରୋଇ ବ୍ୟବହାର କ୍ଷେତ୍ରରେ ମଧ୍ୟ ବୁକିଂ ବିଳମ୍ବ ଓ ଡେଲିଭାରି ସମସ୍ୟା ଦେଖାଯାଉଛି। ଉଜ୍ଜ୍ୱଳା ଯୋଜନା ଯୋଗୁଁ ଏଲପିଜି ବ୍ୟବହାର ବୃଦ୍ଧି ପାଇଛି, କିନ୍ତୁ ଉତ୍ପାଦନ ଓ ଆମଦାନୀ ବିବିଧତା ବଢ଼ାଇବାରେ ସରକାର ପଛରେ ପଡ଼ିଛନ୍ତି। ଫଳରେ ଏକ ଆନ୍ତର୍ଜାତିକ ସଙ୍କଟ ଭାରତର ଘର ଘରର ରନ୍ଧନକୁ ପ୍ରଭାବିତ କରୁଛି।

ସରକାରଙ୍କ ଉଚ୍ଚ ଦାବି ପଛରେ କେତେକ ସତ୍ୟ ଅଛି। ଘରୋଇ ଯୋଗାଣ ପ୍ରାଥମିକତା ଦିଆଯାଇଛି ଓ କିଛି ପଦକ୍ଷେପ ଫଳ ଦେଇଛି। କିନ୍ତୁ ଏହାକୁ 'ସଙ୍କଟ ସମାଧାନ' ବୋଲି କହିବା ଅତ୍ୟଧିକ ଆଶାବାଦୀ ଓ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛି। ଯେଉଁ ଦେଶ ୮୫ ପ୍ରତିଶତ ତୈଳ ଆମଦାନୀ କରେ ଓ ଏଲପିଜି କ୍ଷେତ୍ରରେ ମଧ୍ୟ ଏକା ନିର୍ଭରତା ରଖିଛି, ସେଠାରେ ଏକ ଯୁଦ୍ଧ ଯୋଗୁଁ ଏତେ ବଡ଼ ସଙ୍କଟ ସୃଷ୍ଟି ହେବା ନିଜର ଶକ୍ତିହୀନତାର ପ୍ରମାଣ। ପାଇପଡ୍ ଗ୍ୟାସ ପ୍ରସାର, ଘରୋଇ ଉତ୍ପାଦନ ବୃଦ୍ଧି ଓ ବିକଳ୍ପ ଉତ୍ସ ଖୋଜିବା ଆବଶ୍ୟକ। କେବଳ ପ୍ରେସ ରିଲିଜ ଓ ବିବୃତ୍ତି ଦ୍ୱାରା ଜନତାଙ୍କ ଅସୁବିଧା ଦୂର ହେବ ନାହିଁ।

ଏହି ସଙ୍କଟ ଭାରତର ଶକ୍ତି ନିରାପତ୍ତାର ଏକ ଚେତାବନୀ। ଉଜ୍ଜ୍ୱଳା ଯୋଜନା ପରିବାରକୁ ଗ୍ୟାସ ପହଞ୍ଚାଇଛି ସତ, କିନ୍ତୁ ତାହାର ଦୀର୍ଘସ୍ଥାୟୀ ସଫଳତା ନିର୍ଭର କରୁଛି ଯୋଗାଣ ସ୍ଥିରତା ଉପରେ। ସରକାର ଯଦି ସତ୍ୟ ସ୍ୱୀକାର କରି ଦୀର୍ଘମିଆଦୀ ଯୋଜନା କରନ୍ତି ତେବେ ହିଁ ଜନତା ବିଶ୍ୱାସ କରିବେ। ଅନ୍ୟଥା ଏହି ଉଚ୍ଚ ଦାବି କେବଳ ରାଜନୈତିକ ଆବରଣ ହୋଇ ରହିବ। ରନ୍ଧନ ଗ୍ୟାସ କେବଳ ଏକ ସିଲିଣ୍ଡର ନୁହେଁ -ଏହା ଲକ୍ଷ ଲକ୍ଷ ପରିବାରର ଜୀବନ ଶୈଳୀ ଓ ଅର୍ଥନୀତିର ପ୍ରତୀକ। ଏହାକୁ ରାଜନୈତିକ ଖେଳର ବିଷୟ କରିବା ଉଚିତ ନୁହେଁ।

# କଠିନ ଅଭ୍ୟାସ, ଶକ୍ତିଶାଳୀ ଯକୃତ


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର




ପ୍ରତିବର୍ଷ ଅପ୍ରେଲ ୧୯ ତାରିଖରେ ପାଳିତ ହୁଏ ବିଶ୍ୱ ଯକୃତ ଦିବସ। ପ୍ରତିବର୍ଷ ପରି ଚଳିତ ବର୍ଷ ବାର୍ତ୍ତା ରହିଛି 'କଠିନ ଅଭ୍ୟାସ, ଶକ୍ତିଶାଳୀ ଯକୃତ' (ସଲିଡ୍ ହାବିଟ୍ ଷ୍ଟ୍ରଙ୍ଗ ଲିଭର)। ଏକ ସୁସ୍ଥ ଶରୀର ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ ମଣିଷ ଶରୀରର ଯକୃତ ବା ଲିଭର। ଶରୀର ଭିତରର ସବୁଠାରୁ ବଡ଼ ଗ୍ରନ୍ଥି ବୁଝାଉଥିବା ପେଟ ଭିତରର ଏହି ସମ୍ବେଦନଶୀଳ କ୍ଷେତ୍ରର ଉପାଦେୟ ଭୂମିକା ହେଉଛି ଏହା ପାଚନ ବା ହଜମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ସମ୍ପ୍ରତି ଅସ୍ତବ୍ୟସ୍ତ ଜୀବନ, ଉଦ୍‌ବେଗଜନକ ଭାବେ ନିଶାଦ୍ରବ୍ୟ ସେବନ, ବିଶ୍ରାମର ଅଭାବ ଓ ଖାଦ୍ୟପେୟର ଅସଠିକତା ଏହି ସମ୍ବେଦନଶୀଳ କ୍ଷେତ୍ରକୁ ପ୍ରଭାବିତ କରି ଏହା ମୃତ୍ୟୁର ଦିଗକୁ ଟାଣିନେଇଥାଏ।

ଲିଭର ବା ଯକୃତ (କଲିଜା) ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି। ପେଟଭିତର ମଧ୍ୟ ଭାଗର ଡାହାଣ ପଟକୁ ମଧ୍ୟଚ୍ଛଦାର ଠିକ୍ ତଳକୁ ଯକୃତ ରହିଥାଏ। ପଞ୍ଜରାହାଡ଼ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ରହିଥାଏ। ଏହାର ଲମ୍ବ ୨୦ସେ.ମି., ଓସାର ୧୬ ସେ.ମି. ଓ ଉଚ୍ଚତା ପ୍ରାୟ ୧୨ ସେ.ମି., ଓଜନ ପ୍ରାୟ ଦେଢ଼ରୁ ଦୁଇ କି.ଗ୍ରା। କଲିଜା ହେଉଛି ଶରୀରର ଏକ ରାସାୟନିକ ବିଜ୍ଞାନାଗାର। ଏକ ସମୟରେ ଏହା ବହୁତ ପ୍ରକାରର ରାସାୟନିକ କାର୍ଯ୍ୟ କରିଥାଏ। ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ (ଲୋହିତ ରକ୍ତ କଣିକା ମଧ୍ୟରେ ଥିବା ଲୌହ ଓ ପୁଷ୍ଟିସାର ଅଂଶ) ବାହାର କରି ତାକୁ ଭାଙ୍ଗି ପୁଣି ନୂଆ

## ବିଶ୍ୱ ଯକୃତ ଦିବସ ଅବସରରେ



ହିମୋଗ୍ଲୋବିନ ହେବା ପାଇଁ ଉପାଦାନ ସୃଷ୍ଟି କରିଥାଏ। ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନର ଆବଶ୍ୟକତା ରହିଛି ଯଥା ପ୍ରୋଥ୍ରୋମ୍ବିନ ଓ ଫିବ୍ରିନୋଜେନ୍ ତାହା ଯକୃତରେ ହିଁ ତିଆରି ହୁଏ। ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଖାଦ୍ୟ ପାକସ୍ଥଳୀରୁ ଗ୍ରହଣୀ ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀ ଭିତରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ। ରକ୍ତରେ ଗ୍ଲୁକୋଜର ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ। ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଯକୃତ ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ।

ଯକୃତ ବା କଲିଜାରେ ତନ୍ତୁ ଜମିଗଲେ ପ୍ରଦାହ ବା କ୍ଷତ ହୋଇ ସଂଯୋଜକ ତନ୍ତୁରେ ମୋଟାଦାଗ ଜମିଗଲେ ଏହା ଯକୃତର କାର୍ଯ୍ୟକ୍ଷମତାକୁ କମାଇ ଦିଏ। ଅତ୍ୟଧିକ ମଦ୍ୟପାନ, ଚର୍ବି ଜାତୀୟ ଖାଦ୍ୟ, ହେପାଟାଇଟିସ୍ 'ବି', 'ସି' ଓ 'ଡି' ସଂକ୍ରମଣ, ମଧୁମେହ, ପିତ୍ତକୋଷ ରୋଗ କିମ୍ବା ଅତ୍ୟଧିକ ଲୌହକଣା ଜମିଗଲେ ଲିଭରରେ ସୂତ୍ରତନ୍ତୁମୟତା ସୃଷ୍ଟି ହୁଏ ଓ ଯକୃତ ସଂକୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ସୃଷ୍ଟି ହୋଇ ସିରୋସିସ୍ ରୋଗରେ ରୂପାନ୍ତରିତ ହୁଏ। ତନ୍ତୁମୟତା ଯେତେ ବେଶୀ ହୁଏ ଲିଭରର କର୍ମ କ୍ଷମତା ମଧ୍ୟ ସେତେ ପରିମାଣରେ ବ୍ୟାହତ ହୁଏ ଓ ଧୀରେ ଧୀରେ ଏହା ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ। ଜନସାଧାରଣଙ୍କର ସଚେତନତା ବୃଦ୍ଧି ହେଲେ ସେମାନେ ମଦ୍ୟପାନ, ଚର୍ବିଜାତୀୟ ଖାଦ୍ୟରୁ ବିରତ ଓ ହେପାଟାଇଟିସ୍ ସଂକ୍ରମଣ ସମ୍ବନ୍ଧର ଚିକିତ୍ସା କରିବାକୁ ଆଗେଇ ଆସନ୍ତି। ସହଜ ପାଚ୍ୟ ନିରାମିଷ ଖାଦ୍ୟ ଓ କିଛି ସମୟ ବ୍ୟାୟାମ ମାଧ୍ୟମରେ ଲିଭରର ସ୍ୱାସ୍ଥ୍ୟ ମଧ୍ୟ ରକ୍ଷା କରିହେବ।

ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଯାଏ। ଏହା ଖୁବ୍ କମ୍ ପରିମାଣରେ ଦେଖାଯାଏ। ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ। ୬୦-୮୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଯକୃତ ପରୀକ୍ଷା କରାଇ ନେବା ଜରୁରୀ। ଏହା ଯକୃତର କ୍ଷମତା ଜଣାଇଥାଏ। ଫ୍ୟାଟି ଲିଭର ପାଇଁ ଅଲ୍‌ଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ। ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି। ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ। ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ, ୪୦ ବର୍ଷ ବୟସରେ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ ଏବଂ ସବୁଠାରୁ ବଡ଼ କଥା ମଦ୍ୟପାନ ଓ ଧୂମପାନରୁ ବିରତ ରୁହନ୍ତୁ। ହେପାଟାଇଟିସ୍ ବି ଟୀକା ନେଇ ହେପାଟାଇଟିସ୍ ବି, ଲିଭର ସିରୋସିସ୍ ଓ ଲିଭର୍ କ୍ୟାନସରରୁ ମୁକ୍ତି ପାଆନ୍ତୁ। ଶାଗ, ସବୁଜ ପନିପରିବା, ସେଓ, ଅଙ୍ଗୁର, ଗାଜର, ବିଟ୍, ରସୁଣ, ଅଲିଭ ଅଏଲ, ଲେମ୍ବୁ ସରବର, ଗ୍ରୀନ୍ ଟି', ଫୁଲକୋବି, ବନ୍ଧାକୋବି, ହଳଦୀ ଇତ୍ୟାଦି ଖାଦ୍ୟ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ।


**ଅବସର ପ୍ରାପ୍ତ ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ମୋବାଇଲ୍:୯୪୩୭୦୫୧୯୫୭**


# ପୁନଶ୍ଚ ଗନ୍ଧମାର୍ଦ୍ଦନ: କାଲି ଆଜି ଓ କାଲି


ବିଜୟ କୁମାର ସ୍ୱାଇଁ


ଗନ୍ଧମାର୍ଦ୍ଦନ ପର୍ବତମାଳା ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲ୍ଲାର ପଦ୍ମପୁର ଓ ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ ଉପଖଣ୍ଡର ପ୍ରାୟ ୯୫ ବର୍ଗକିମି ବିସ୍ତୃତ ଘଞ୍ଚ ଜଙ୍ଗଲ ଓ ୧୨୦୦ ପ୍ରକାର ଔଷଧୀୟ ଗୁଳ୍ମ, ୫୦୦ ପ୍ରାଣୀସମ୍ପଦ ଓ ବୃକ୍ଷରାଜିରେ ଭରପୂରରେ ଦିଗନ୍ତ ବିସ୍ତାରି ଅଛି। ଗବେଷଣାରୁ ଜଣାଯାଇଅଛି ଯେ ଏହି ଔଷଧୀୟ ଗୁଳ୍ମମାନଙ୍କ ମଧ୍ୟରୁ ୨୦ଟି ସ୍ଥାନୀୟ ଆଦିବାସୀମାନଙ୍କ ଦ୍ୱାରା ମହୌଷଧୀ ପାଇଁ ବ୍ୟବହାର ହୋଇଥାଏ। ଏହି ଐତିହାସିକ ପର୍ବତମାଳାରେ ଉନ୍ନତମାନର ୨୦୭ ମିଲିୟନ ଟନ୍ ବକ୍‌ସାଇଟ୍ (ଆଲୁମିନା) ଅଛି, ଯାହା ୧୯୮୦ ମସିହାରେ (ନିୟମଗିରିର ୭୨ ମିଲିୟନଟନ୍) ହୋଇଥିବା ସର୍ଭେରୁ ଜଣାପଡ଼ିଥିଲା। ଉକ୍ତ ପର୍ବତମାଳାରୁ ଅନେକ ଝରଣା ପ୍ରବାହିତ ହେଲେ ମୁଖ୍ୟଦୁଇଟି ଜଳଧାରା ଅଛି, ଯାହା ଗୋଟିଏ ପାଟଣାଗଡ଼ ଉପଖଣ୍ଡର ହରିଶଙ୍କର ମନ୍ଦିର ପାର୍ଶ୍ୱରେ ପ୍ରବାହିତ ଓ ଅନ୍ୟଟି ପାଇକମାଳ/ପଦ୍ମପୁର ଉପଖଣ୍ଡସ୍ଥିତ ନୃସିଂହନାଥ ମନ୍ଦିର ପାଦଦେଶରେ ଅବସ୍ଥିତ। ଏହି ଜଳଧାରାକୁ ଅନେକ ପାପନାଶୀନି କୁଣ୍ଡ ବା ପାବନ ଜଳଧାରା ବୋଲି ଗ୍ରହଣ କରିଥାନ୍ତି। ଗ୍ରୀଷ୍ମ ଋତୁରେ ମଧ୍ୟ ଏହି ଜଳଧାରାରୁ ପ୍ରବାହିତ ଜଳ ମନ୍ଦିର ତଥା ସ୍ଥାନୀୟ ଜନସାଧାରଣଙ୍କର ପ୍ରାୟ ୧୦୦ ଏକର ଚାଷ ଜମିକୁ ଗୋଟିଏ ଫସଲ ପାଇଁ ଜଳ ଯୋଗାଇ ଥାଏ। ବିଜ୍ଞାନ ଦୃଷ୍ଟିରୁ ପ୍ରମାଣିତଯେ ଏହି ଜଳଧାରାର ଉତ୍ସ ଆଲୁମିନା। କାରଣ ଆନୁମିନାର ଗୋଟିଏ ଅଣୁରେ ୭ଟି ଜଳଅଣୁ ମିଶି ରହିଛି। ଯାହାକୁ WATER OF CRISTALIZATION କୁହାଯାଏ। ବକ୍ସାଇଟ ବ୍ୟତୀତ ଚୂନପଥର, ଲୁହାପଥର ଓ କଳାମୁଗୁନିପଥର ମଧ୍ୟ ଏଠାରୁ ମିଳିଥାଏ। ପର୍ବତମାଳାର ପାଦଦେଶରେ ପ୍ରସିଦ୍ଧ ନୃସିଂହନାଥ ମନ୍ଦିର ଗାତ୍ରରେ ଏକ ଶିଳାଲେଖ ରହିଛି, ଯାହା ଏହାର ପ୍ରାଚୀନତାକୁ ପ୍ରମାଣ କରିଥାଏ। ଏତଦ୍‌ବ୍ୟତୀତ ସେଠାରେ ଏକ ବୁଦ୍ଧିଷ୍ଟ ମୋନାଷ୍ଟ୍ରି (ମଠ/ଚୈତ୍ୟ) ଥିଲା, ଯାହା ଚୀନ ପରିବ୍ରାଜକ ହୁଏନଂସାଙ୍କ ଦ୍ୱାରା (୬୨୯-୬୪୫) ଲିପିବଦ୍ଧ ସି.ଓ.କି. ପୁସ୍ତକରେ ସନ୍ନିବେଶିତ। ଭାରତର ବିଖ୍ୟାତ ଦାର୍ଶନିକ ନାଗାର୍ଜୁନ ଏଠାରେ ଅଧ୍ୟକ୍ଷ ଥିଲେ। ଗନ୍ଧମାର୍ଦ୍ଦନ ପର୍ବତମାଳା କେବଳ ଜୈବବିବିଧତା ଓ ଔଷଧୀୟ ଗୁଳ୍ମରେ ପରିପୂର୍ଣ୍ଣ ନୁହେଁ, ବରଂ ଓଡ଼ିଶା ତଥା ଭାରତୀୟ ଧର୍ମଧାରା ଓ ଐତିହାସିକ ତଥ୍ୟ ସହ ଓତଃପ୍ରୋତ ଭାବେ ଜଡ଼ିତ। ରାମାୟଣ, ମହାଭାରତରେ ମଧ୍ୟ ଗନ୍ଧମାର୍ଦ୍ଦନ ପର୍ବତମାଳାର ବର୍ଣ୍ଣନା ରହିଛି। କୁହାଯାଏ ଯେ ଲକ୍ଷ୍ମଣଙ୍କ ଶକ୍ତିଭେଦ କାରଣରୁ ଦେବ ଚିକିତ୍ସକ ସୁଶେଣ ପହଞ୍ଚି ହିମାଳୟରୁ ବିଷଲ୍ୟକରଣୀ ଆଣିଲେ ଲକ୍ଷ୍ମଣଙ୍କ ଜୀବନ ବଞ୍ଚିଯିବ। ତେଣୁ ଭଗବାନ ରାମଚନ୍ଦ୍ରଙ୍କ ଆଦେଶରେ ପବନପୁତ୍ର ହନୁମାନ ହିମାଳୟରୁ ବିଷଲ୍ୟକରଣୀ ଖୋଜିବାରେ ଅସୁବିଧା ହେବାରୁ ହିମାଳୟରୁ ଏକ ବିରାଟ ପର୍ବତ ଧରି ଆସିଥିଲେ ଓ ଭରତଙ୍କ ବାଟୁଳି ମାଡ଼ରେ ଏହି ପର୍ବତର କିଛି ଅଂଶ ଏହିଠାରେ ପଡ଼ିଥିଲା, ଯାହା ଗନ୍ଧମାର୍ଦ୍ଦନ ନାମରେ ପରିଚିତ। ମନ୍ଦିରର ଇଷ୍ଟଦେବ ଭଗବାନ ବିଷ୍ଣୁଙ୍କର ନୃସିଂହ ଅବତାର ବା ମୃତ୍ତିକା ମାର୍ଜାର ବେଶଧାରୀ ରୂପେ ପୂଜିତ। କିମ୍ବଦନ୍ତୀ ଅଛି ମନ୍ଦିର ପାର୍ଶ୍ୱ ପର୍ବତରେ ଥିବା ଗୁମ୍ଫା (ଫାଟ) ମଧ୍ୟରେ ମୂଷିକ ଦୈତ୍ୟ ଲୁଚି ଯିବାରୁ ଭଗବାନ ବିଷ୍ଣୁ ମୃତ୍ତିକା ମାର୍ଜାର (ମାଟି ବିରାଡ଼ି) ବେଶଧରି ଦୈତ୍ୟକୁ ହତ୍ୟା କରିଥିଲେ।

ମନ୍ଦିରର ପ୍ରସିଦ୍ଧି ତଥା ଜନସାଧାରଣଙ୍କ ବିଶ୍ୱାସ କାରଣରୁ ପ୍ରତିଦିନ ଶହଶହ ଲୋକ ମନ୍ଦିର ପରିଦର୍ଶନରେ ଆସିଥାନ୍ତି, ହେଲେ ବୁଦ୍ଧପୂର୍ଣ୍ଣିମା ଅବସରରେ ସ୍ଥାନୀୟ ଜନସାଧାରଣଙ୍କ ବ୍ୟତୀତ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲା ତଥା ଛତିଶଗଡ଼ର ରାୟପୁର, ସାରଙ୍ଗଗଡ଼, ରାୟଗଡ଼ ଆଦି ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁମାନଙ୍କର ସମାବେଶ ହୋଇଥାଏ। ମନ୍ଦିରର ବିଶେଷତ୍ୱ ଏହି ଯେ ଠାକୁରଙ୍କ ପାଇଁ ଉଦ୍ଦିଷ୍ଟ ପ୍ରସାଦ ହରିହର ପଙ୍ଗତ ପ୍ରତିଦିନସମସ୍ତ ଶ୍ରଦ୍ଧାଳୁକୁ ନିଶୁଳ୍କ ବଣ୍ଟନ କରାଯାଇଥାଏ।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ କଂଗ୍ରେସ ସରକାର ଅମଳରେ 'ବାଲ୍‌କୋ' ନାମକ ଏକ ସଂସ୍ଥାକୁ ୪୭ ବର୍ଷ ପାଇଁ ଲିଜ୍ ସୂତ୍ରରେ ପ୍ରଦାନ କରିଥିଲେ। ସର୍ତ୍ତ ଥିଲା ଯେ ବାଲ୍‌କୋ କମ୍ପାନି ବକ୍ସାଇଟି (ଆଲୁମିନା) ନୂଆପଡ଼ା ଜିଲ୍ଲା ଦିଗରୁ ଉତ୍ତୋଳନ ଆରମ୍ଭ କରିବ। କାରଣ ମନ୍ଦିର ନିକଟରୁ ଉତ୍ତୋଳନ କଲେ ଜଳଧାରା କମିବା ସହ ବ୍ୟାହତ ହେବା ଓ ପରିଶେଷରେ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବାର ଆଶଙ୍କା ଥିଲା ମଧ୍ୟ। ହେଲେ ବାଲ୍‌କୋ ପାଇକମାଳ, ପଦ୍ମପୁର ଉପଖଣ୍ଡ ଦିଗରୁ ମନ୍ଦିର ନିକଟସ୍ଥ ପର୍ବତରୁ ପଥର କାଟି ଉତ୍ତୋଳନ କରିବା ତଥା ବିରାଟ ବିରାଟ ଗଛ କାଟିବା ଆରମ୍ଭ କଲା। ଉନ୍ନତ ଭାରିଯାନ ଓ ଓଜନଦାର୍ ମେସିନ ବ୍ୟବହାର କରିଥିଲା। ଫଳରେ ଜଳଧାରା ଊଣା ହେବା ସହ ମାଟିଆ ଦେଖାଯାଇଥିଲା ଏବଂ ଔଷଧୀୟ ଗୁଳ୍ମ ମଧ୍ୟ ନଷ୍ଟ ହେଲା। ଏହା ସହିତ ବାଲ୍‌କୋର ମୁଖ୍ୟ କାର୍ଯ୍ୟାଳୟ କୋରବାଠାରେ ବକ୍ସାଇଟି ପହଞ୍ଚାଇବା ପାଇଁ ରେଳପଥ ନିର୍ମାଣ



ଓ ନୃସିଂହନାଥ ମନ୍ଦିର ପାଦଦେଶରେ ପ୍ରକଳ୍ପ ଗୃହ ନିର୍ମାଣ କରିଥିଲା।

ଏହି ସମସ୍ତ କାରଣରୁ ମନ୍ଦିର ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା କରି ବିଶ୍ୱହିନ୍ଦୁ ପରିଷଦ, ସ୍ଥାନୀୟ ଯୁବକ ସଂଘ, ଶ୍ରୀ ଶିରିଶ ବହିଦାର ତଥା ଅଞ୍ଚଳ ମହାବିଦ୍ୟାଳୟର ଆମ ଭଳି କିଛି ଅଧ୍ୟାପକ ଏହି ଆଲୁମିନା ଉତ୍ତୋଳନକୁ ବିରୋଧ କରିଥିଲେ। ସେତେବେଳେର ଗଙ୍ଗାଧର ମେହେର ମହାବିଦ୍ୟାଳୟର ଛାତ୍ର, ଅଧୁନା ବରଗଡ଼ ଲୋକସଭା ସଦସ୍ୟ ଶ୍ରୀଯୁକ୍ତ ପ୍ରଦୀପ ପୁରୋହିତ ଓ ଅନ୍ୟମାନଙ୍କ ସହ ଗନ୍ଧମାର୍ଦ୍ଦନ ସୁରକ୍ଷା ସମିତି ଗଠନ କରି ଆନ୍ଦୋଳନ ଆରମ୍ଭ କଲେ। ଏହିକାରଣରୁମନ୍ଦିରରେ ପୂଜିତ ଇଷ୍ଟଦେବ ନୃସିଂହନାଥଙ୍କୁ କୌଣସି ଦୁର୍ବୃତ୍ତ ଚୋରି କରିନେଇଗଲା। ପୁଲିସକୁ ଜଣାଇବା ପରେ ପୁଲିସ କୁକୁର ପହଞ୍ଚି ଗନ୍ଧମାର୍ଦ୍ଦନ ପାହାଡ଼ ଶିଖରରେ ପହଞ୍ଚିଥିଲା ଓ ସେଠାରେ ଏକ ମୃତ ଯୁବକର ଶରୀର ପଡ଼ିଥିଲା। ସେହି ମୃତ ଯୁବକର ସଠିକ୍ ପରିଚୟ ବୋଧହୁଏ ଅଦ୍ୟାବଧି ମିଳିପାରି ନାହିଁ।

ପୂଜିତ ମୂର୍ତ୍ତି ଚୋରି ହେବାରୁ ବିଶ୍ୱହିନ୍ଦୁ ପରିଷଦର ଶ୍ରୀ ଶିରିଶ ବହିଦାର ଅଞ୍ଚଳ ମହାବିଦ୍ୟାଳୟର ଶ୍ରୀ ବିପିନ ବିହାରୀ ନନ୍ଦ, ଲେଖକ ଏବଂ ଅନ୍ୟ କିଛି ଯୁବକ ପୁରୀ ପହଞ୍ଚି ନୂତନ ବିଗ୍ରହ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ମୂର୍ତ୍ତି ନିର୍ମାଣ ପରେ ମୁକ୍ତିମଣ୍ଡପଙ୍କ ପରାମର୍ଶ ଅନୁସାରେ ଠାକୁରରାଜାଙ୍କୁ ନିମନ୍ତ୍ରଣ କରାଯାଇଥିଲା ନୂତନ ବିଗ୍ରହ ପ୍ରତିଷ୍ଠା କରିବାପାଇଁ। ଠାକୁର ରାଜାଙ୍କୁ ଜଗତର ନାଥ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଭାବେ ଗ୍ରହଣ କରାଯାଉଥିବାରୁ ଏକ ସଂକୀର୍ତ୍ତନ ମଣ୍ଡଳୀ ମଧ୍ୟ ପାଛୋଟି ନେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପୁରୀରୁ ନବନିର୍ମିତ ବିଗ୍ରହ ସମ୍ମାନର ସହ ପାଇକମାଳ/ନୃସିଂହନାଥ ମନ୍ଦିରରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିଲା। ହେଲେ ନିର୍ଦ୍ଦିଷ୍ଟ ପ୍ରତିଷ୍ଠା ଦିନ ପୂର୍ବରୁ ଜାନକୀ ପଟ୍ଟନାୟକଙ୍କ ସରକାର ସ୍ଥାନୀୟ ପଦ୍ମପୁର ତହସିଲଦାରଙ୍କୁ ଆଦେଶ ଦେଲେ ନୂତନ ବିଗ୍ରହ ପ୍ରତିଷ୍ଠା କରିବା ପାଇଁ ଠାକୁର ରାଜା ନଥାଇ ନୂତନ ବିଗ୍ରହ ପ୍ରତିଷ୍ଠା ହେବାରୁ ସ୍ଥାନୀୟ ଜନସାଧାରଣ କ୍ଷୁବ୍ଧ ହୋଇ ଆନ୍ଦୋଳନ କଲେ।

ନୂତନ ବିଗ୍ରହ ପ୍ରତିଷ୍ଠା ହେବାର ୫/୬ ବର୍ଷ ପରେ ସମ୍ବଲପୁର ରୋଡ ରେଳଷ୍ଟେସନ (ମେହେର କଲେଜ ନିକଟ) ପ୍ଲାଟଫର୍ମ ଏକ ସିମେଣ୍ଟ ବେଞ୍ଚ୍ ତଳେ ଅଖା ମୁହଁ ବନ୍ଧ କରାଯାଇ ପଡ଼ି ରହିଥିଲା। ପୁଲିସ୍‌ର ସନ୍ଦେହ ହେବାରୁ ଓ କେହି ଦାବିଦାର ନଥିବାରୁ ପୁଲିସ ଅଖାମୁହଁ ଖୋଲିବାରୁ ସେଥିରୁ ପୂର୍ବରୁ ପୂଜା ପାଉଥିବା ବିଗ୍ରହ ମିଳିଥିଲା। ଅକ୍ଷତ ଅବସ୍ଥାରେ ପ୍ରଥମବିଗ୍ରହ ମିଳିବାରୁ ମୁକ୍ତିମଣ୍ଡପ ସହିତ ପରାମର୍ଶକରାଯାଇ ନୂତନ ମୂର୍ତ୍ତି ସହ ପୁରାତନ ମୂର୍ତ୍ତି ଏକତ୍ର ସ୍ଥାପନ କରାଗଲା।

### ପୁନଶ୍ଚ ଗନ୍ଧମାର୍ଦ୍ଦନ କାହିଁକି?

ସରକାର ପରିବର୍ତ୍ତନ ପରେ ୨୦୨୪ ନଭେମ୍ବର ମାସରେ ବର୍ତ୍ତମାନ ସରକାର ବକ୍ସାଇଟ୍ ଖନନ ପାଇଁ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଆଦାନି ଗ୍ରୁପ୍ ଗନ୍ଧମାର୍ଦ୍ଦନ ପାଦଦେଶରେ ଥିବା ଜନସାଧାରଣଙ୍କଠାରୁ ପ୍ରାୟ ୧୮ ଏକର ପରିମିତ ଜମିକିଣିବା ଓ ସରକାରୀ ବିଜ୍ଞପ୍ତି ଜନସାଧାରଣ ତଥା ପରିବେଶବିତ୍‌ମାନଙ୍କ ଆଶା ଆଶଙ୍କାକୁ ଦୃଢ଼ିଭୂତ କରିଛି। ବିଧାନସଭାରେ ବିଜେଡି ସଦସ୍ୟା ଶ୍ରୀମତୀ ବର୍ଷା ସିଂହବରିହା ଆଦି ସଦସ୍ୟମାନେଏହାର ସ୍ପଷ୍ଟୀକରଣ ମାଗିଥିଲେ। ହେଲେ ସରକାରଙ୍କର କହିବା କଥା ଯେ ଆଦାନି ଗ୍ରୁପ୍ ସୁନ୍ଦରଗଡ଼ଠାରେ ଖଣିଜ ପଦାର୍ଥ ଉତ୍ତୋଳନ କରୁଥିବାରୁ ସେହି ଅନୁରୂପ ଜମିରେ ବୃକ୍ଷରୋପଣ ପାଇଁ ଏହି ୧୮ ଏକର ଜମି ବ୍ୟବହାର ହେବ। ଅନ୍ୟ ଏକ କାରଣ ଯେ ଆଦାନୀ ଗ୍ରୁପ ଜମି କ୍ରୟ କରିବା ପାଟଣାଗଡ଼ଠାରେ ବିମାନବନ୍ଦର ଓ ବରଗଡ଼-ନୂଆପଡ଼ା-ବଲାଙ୍ଗୀର ରେଳପଥ ପାଇଁ ବ୍ୟବହାର ହୋଇପାରେ। କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଆଦାନି ଗ୍ରୁପ୍ ସହିତ ଆଲୁମିନା ଉତ୍ତୋଳନ ପାଇଁ କୌଣସି ବୁଝାମଣାପତ୍ର ସ୍ୱାକ୍ଷର ହୋଇ ନାହିଁ କି ଲିଜ୍ ମଧ୍ୟ ଦିଆଯାଇ ନାହିଁ ଓ ସରକାରଙ୍କ ମୁଖ୍ୟ ବନ ସଂରକ୍ଷକ ମଧ୍ୟ ଏହା ସ୍ପଷ୍ଟ କରିଛନ୍ତି। ଏତଦ୍‌ବ୍ୟତୀତ ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କନକବର୍ଦ୍ଧନ ସିଂହଦେଓ ବିଧାନସଭାରେ ଘୋଷଣା କରିଛନ୍ତି ଯେ କୌଣସି ଖଣି ଖନନର ପ୍ରଶ୍ନ ନାହିଁ।

ବରଗଡ଼ ଲୋକସଭା ସଦସ୍ୟ ଶ୍ରୀଯୁକ୍ତ ପ୍ରଦୀପ ପୁରୋହିତ, କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଅମିତ ଶାହଙ୍କ ସହିତ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିବା ସହ ଶାହଜୀଙ୍କୁ ନୃସିଂହନାଥ ମନ୍ଦିର ପରିଦର୍ଶନ ପାଇଁ ଆସିବାକୁ ଅନୁରୋଧ କରିଛନ୍ତି। ଏହା ସହିତ ଗନ୍ଧମାର୍ଦ୍ଦନ ପର୍ବତର ଐତିହାସିକ ଗୁରୁତ୍ୱ, ଔଷଧୀୟ ଗୁଳ୍ମ, ପରିବେଶ ସୁରକ୍ଷା, ପାଣିପାଗପରୀକ୍ଷା ଓ ସ୍ଥାନୀୟ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ କାରଣରୁ ଏହାକୁ ଗଜପତି ଜିଲ୍ଲାର ମହେନ୍ଦ୍ରଗିରି, କନ୍ଧମାଳ ଜିଲ୍ଲାର ମାଣ୍ଡାସୋର ଭଳି ଗନ୍ଧମାର୍ଦ୍ଦନ ପର୍ବତମାଳାକୁ ଜୈବ ବିବିଧତା ହେରିଟେଜ୍ ସାଇଟ୍ ଭାବେ ଜଙ୍ଗଲ ଓ ପରିବେଶ ବିଭାଗ ଘୋଷଣା କରିବା ସହ ଏହାକୁ ରାଷ୍ଟ୍ରୀୟ ସମ୍ପତ୍ତି ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ସମସ୍ତ ତଥ୍ୟ ସାମାଜିକ ଗଣମାଧ୍ୟରେ ପ୍ରକାଶିତ ଯାହା ଜନସାଧାରଣଙ୍କୁ କିଛି ପରିମାଣରେ ଆଶ୍ୱସ୍ତ କରିପାରେ, ହେଲେ ସନ୍ଦେହ ରହିବା ସ୍ୱାଭାବିକ।


ମୋବାଇଲ୍: ୯୪୩୭୦୫୫୦୫୮
MAIL: CSBIJAYA@GMAIL.COM


# କାରଖାନା ଆସିଲା, କିନ୍ତୁ କାର୍ଯ୍ୟାଳୟ କାହିଁକି ନୁହେଁ?




ମନସିଜ୍ ଦାସ


ଅନେକ ପ୍ରାକୃତିକ ବିଭବ ଓ ଖଣିଜ ସମ୍ପଦ ଭରା ଓଡ଼ିଶା ଆଜି ବିଶ୍ୱ ଶିଳ୍ପ ମାନଚିତ୍ରରେ ଏକ ସୁଦୃଢ଼ କ୍ଷେତ୍ର ଭାବେ ପରିଚିତ ଓ ଗର୍ବିତ ମଧ୍ୟ। ଓଡ଼ିଶାକୁ ଅନେକ ନାମୀ ଓ ବହୁ ରାଷ୍ଟ୍ରୀୟ କମ୍ପାନୀ ବ୍ୟାପକ ପୁଞ୍ଜି ନିବେଶ ପାଇଁ ଆଗ୍ରହ ରଖିବା ପଛରେ ବଡ଼ କାରଣ ହେଉଛି ଖଣିଜ ସମ୍ପଦ, ଜମିର ଉପଲବ୍ଧତା ଓ ନୀତିଗତ ସହଜତା। ଇସ୍ପାତ ଠାରୁ ଆଲୁମୁନିୟମ ପର୍ଯ୍ୟନ୍ତ ଓଡ଼ିଶା ଉତ୍ପାଦନର ଏକ ମୁଖ୍ୟ କେନ୍ଦ୍ରରେ ପରିଣତ ହୋଇଛି। ଓଡ଼ିଶା ପ୍ରଗତିରେ ଆଗେଇବ ବ୍ୟାପକ କର୍ମ ସଂସ୍ଥାନ ସୃଷ୍ଟି ହେବ, ସ୍ଥାନୀୟ ଉଦଯୋଗୀ କାମଧନ୍ଦା ପାଇବେ, ମେହନତି ସ୍ଥାନୀୟ ଶ୍ରମ ଶକ୍ତି ବେଶ ଭଲ ଦି' ପଇସା ପାଇବେ। ସ୍ଥାନୀୟ ସ୍ୱୟଂ ସହାୟକ ସଂଗଠନମାନେ ନିଜ ସାମଗ୍ରୀ ଆଗେଇବାର ସହଜ ସୋପାନଟିଏ ଦେଖିବେ ଏହି କ୍ଷେତ୍ରରୁ କିନ୍ତୁ ଏ ସବୁ ପଛରେ ଆମ ଭିତରେ ଗୋଟିଏ ଛୋଟିଆ ଅଥଚ ନୀରବ ପ୍ରଶ୍ନଟି ଆନ୍ଦୋଳିତ କରୁଛି। ପୁଞ୍ଜିନିବେଶ ଆସିଲା, ବିଶାଳ ବିସ୍ତୀର୍ଣ୍ଣ କାରଖାନା ବା ଉଦ୍ୟୋଗର ସମ୍ପ୍ରସାରିତ ଶାଖା ଗଢ଼ି ଉଠିଲା କିନ୍ତୁ 'କାର୍ଯ୍ୟାଳୟ' କାହିଁକି ନୁହେଁ?

ଓଡ଼ିଶାରେ ବ୍ୟାପକ ଉତ୍ପାଦନ ହେଉଛି ଏହି ଓଡ଼ିଶାରୁ ହିଁ ସବୁକିଛି ପରିଚାଳନା ଓ କାର୍ଯ୍ୟାନ୍ୱୟନ ହେଉଥିବାବେଳେ ଶୀତ ତାପ ନିୟନ୍ତ୍ରିତ କୋଠରୀ ଭିତରୁ ସୁଦୂର ରାଜଧାନୀ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ କିମ୍ବା ଅନ୍ୟ ସ୍ଥାନରୁ ନିଆଯାଉଛି। ଏହାର ଛୋଟିଆ ଅର୍ଥଟି ହେଉଛି ମୂଲ୍ୟ ସୃଷ୍ଟିର ସର୍ବାଧିକ ଅଂଶ ରାଜ୍ୟ ବାହାରେ ରହି ଯାଉଛି। ଆମ ଓଡ଼ିଆ ପିଲାମାନେ ଢ଼େର ପଢ଼ୁଆ ଗବେଷଣା କ୍ଷେତ୍ରରେ ନିରନ୍ତର ଉଦ୍ୟମ ଜାରି ରଖିବା ସହ ବିଶ୍ୱର ଅନେକ ନାମୀଦାମୀ କମ୍ପାନୀରେ ଓଡ଼ିଶାର ଗର୍ବ ଓ ଗୌରବ ବଢ଼ାଉଛନ୍ତି କିନ୍ତୁ ଅତି କଷ୍ଟକର କଥା ଉଚ୍ଚପଦବୀ, ଉଚ୍ଚ ଦରମା ଓ ନୀତି ନିର୍ଦ୍ଧାରଣର ସୁଯୋଗ ଓଡ଼ିଶାର ଯୁବକ ମାନଙ୍କ ପାଖକୁ ଆସୁନାହିଁ। ଘର ପାଖରେ ଅନୁଷ୍ଠାନଟି ଗଢ଼ି ଉଠିଛି, ଅନୁଷ୍ଠାନ ବା ଉଦ୍ୟୋଗ ବିଶ୍ୱର ଏକ ନାଁକରା ହୋଇପାରେ କିନ୍ତୁ ଓଡ଼ିଆ ପିଲାଙ୍କ ଢ଼େର ପ୍ରତିଭା ଥିଲେ ମଧ୍ୟ ଓଡ଼ିଶାରେ ଗଢ଼ି ଉଠୁଥିବା ବିଶାଳ ଶିଳ୍ପଉଦ୍ୟୋଗରେ ସେମାନଙ୍କ ଅଧ୍ୟବସାୟ, ନିଷ୍ଠା ଓ କଠୋର ପରିଶ୍ରମ ଓ ଅନୁଷ୍ଠାନ ପ୍ରତି ସମର୍ପଣ ଭାବନାକୁ ନା ସୁଯୋଗ ଦିଆଯାଉଛି ନା ମୂଲ୍ୟାୟନ! ଏହା ହିଁ ଏକ ଅଣନିଶ୍ୱାସୀ କରିଦେଲା ପରି ନିଷ୍ଠୁର ସତ୍ୟ। କହିବାକୁଗଲେ ଆମେ ଏଯାବତ୍ 'ପ୍ରଡକ୍ସନ ବେସ' ହିସାବରେ ଦେଖାଯାଉଛୁ କିନ୍ତୁ 'ଡିସିସନ ସେଣ୍ଟର' ଭାବେ ନୁହେଁ। ଏହା ପଛର କାରଣ ଓ ସମସ୍ୟା ଢ଼େର ଆମ ଓଡ଼ିଆ ଯୁବକ ମାନଙ୍କର ଖାଲି ଯେ ସ୍ୱପ୍ନ ରହିଛି ତାହା ନୁହେଁ ସେମାନେ କଠୋର ଅଧ୍ୟବସାୟ ଓ ପରିଶ୍ରମ ଆକାଂକ୍ଷୀ। ଆକାଂକ୍ଷା ଓ ସୁଯୋଗ ଭିତରେ ଥିବା ମାର୍ଜିନ ଶିକ୍ଷାର ସଂଖ୍ୟା ବଢ଼ାଉଛି କିନ୍ତୁ ଅନ୍ୟ ପଟରେ ନିର୍ଦ୍ଦେଶିତ କ୍ୟାରିୟର ସୁଯୋଗ ଅପେକ୍ଷାକୃତ ଭାବେ କମ୍ ଯାହା ଅନେକ ମେଧାବୀ ଓ ସ୍ୱପ୍ନ ଆକାଂକ୍ଷୀ ଯୁବକ ମାନଙ୍କୁ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବାହାର ରାଜ୍ୟ ବା ବାହାର ଦେଶକୁ ଏକ ପ୍ରକାର ପ୍ରବାସର ବାଟ ଦେଖାଉଛି। ଏହାର ପରିଣତି ସ୍ୱରୂପ ଓଡ଼ିଶାର ଅର୍ଥନୀତି ଗୋଟିଏ 'ମାଇଗ୍ରେସନ ଡ୍ରିଭନ୍' ମଡ଼େଲରେ ଧୀରେ ଧୀରେ ନିର୍ଭରଶୀଳ ହେଉଛି।



ପ୍ରଶ୍ନ ଉଠିବା ସ୍ୱାଭାବିକ ସେ କେବଳ ମୋ ଭିତରେ ନୁହେଁ, ଅନେକ ଓଡ଼ିଆଙ୍କ ଭିତରେ ମଧ୍ୟ ଯେ ଆମ ପ୍ରାକୃତିକ ସମ୍ବଳଭରା ଓଡ଼ିଶା କ'ଣ କେବଳ ଉତ୍ପାଦନରେ ନିଜକୁ ସୀମିତ ରଖିବ ନା ମୂଲ୍ୟ ସୃଷ୍ଟିର ସମ୍ପୂର୍ଣ୍ଣ ଶୃଙ୍ଖଳାରେ ନିଜ ସ୍ଥାନକୁ ସୁନିଶ୍ଚିତ ଓ ମଜଭୁତ କରିବ। ଏସବୁ ସମ୍ଭାବନାର ମାପକାଠି ହେଉଛି ଓଡ଼ିଶାରେ କେବଳ କାରଖାନା ବା ଶିଳ୍ପ ଉଦ୍ୟୋଗ ଗଢ଼ି ଉଠିଲେ ହେବନାହିଁ। କାର୍ଯ୍ୟାଳୟ ମଧ୍ୟ ଓଡ଼ିଶା ଆସୁ। ଓଡ଼ିଶା ଆଗାମୀ ବିକଶିତ ଓ ଅଭିବୃଦ୍ଧି ସମ୍ପନ୍ନ ନୂଆ ଓଡ଼ିଶା ଭାବେ ଗଢ଼ି ଉଠିବାକୁ ନୀଳ ନକ୍ସା ପ୍ରସ୍ତୁତ କରୁଥିବାବେଳେ ବିଶେଷକରି ଆଇଟି ଓ ସଭସ ସେକ୍ଟରରେ ଆକ୍ରମକ ନିବେଶ, ଷ୍ଟଟସ ପରିବେଶକୁ ଶକ୍ତ ଓ ସହରୀୟ ଜୀବନ ମାନଙ୍କୁ ଉନ୍ନତ କରିବା ନିମିତ୍ତ ଗୁରୁତ୍ୱ ପ୍ରଦାନର ସ୍ପଷ୍ଟ ସନ୍ଦେଶ ରହୁ। ଓଡ଼ିଶା କେବଳ କାରଖାନାର ଏକ ଭୂମି ନୁହେଁ ଏହା ନେତୃତ୍ୱର ମଧ୍ୟ ଏକ ଉତ୍କୃଷ୍ଟ ଓ ପ୍ରଭାବୀ ସଶକ୍ତ କେନ୍ଦ୍ର ଏହି ମନ୍ତ୍ରଟିକୁ ସମସ୍ତଙ୍କୁ ବୁଝାଇବା ଦରକାର। ଉନ୍ନତିର ମାନଦଣ୍ଡ ପୂରଣ ନିମିତ୍ତ କାରଖାନାର ସଂଖ୍ୟା ବଢ଼ିବା ଠାରୁ ସୁଯୋଗର ଗୁଣତ୍ୱ ମଧ୍ୟ ଅନେକ।

ଓଡ଼ିଶାର ବିକାଶ ପାଇଁ ଉନ୍ନତି ନିମିତ୍ତ ଅନେକ ସରକାରୀ ଯୋଜନା ଲୋକପ୍ରିୟ ହେଉଛି। ଓଡ଼ିଶାରେ ବ୍ୟାପକ ପୁଞ୍ଜିନିବେଶ ବିକଶିତ ଓଡ଼ିଶାକୁ ଆହୁରି ଆଗେଇ ନେବ ନିଶ୍ଚୟ। ଏଠାରେ କହିରଖୁ କି ଯେ ୨୦୪୭ ମସିହାରେ ଦେଶ ସ୍ୱାଧୀନତା ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ଭାରତକୁ ଏକ ପୂର୍ଣ୍ଣ ବିକଶିତ, ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦୀ ଏବଂ ଅନ୍ତର୍ଭୁକ୍ତି ଅର୍ଥନୀତିରେ ପରିଣତ କରିବାପାଇଁ ସରକାର 'ବିକଶିତ ଭାରତ-୨୦୪୭' ନାମକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଥିବାବେଳେ ଓଡ଼ିଶା ମଧ୍ୟ 'ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭' ପ୍ରସ୍ତୁତ କରିଛି। ଭାରତର ସ୍ୱାଧୀନତାର ଶହେ ବର୍ଷ ପୂରଣ କଲାବେଳେ ଆମ ସରକାର ଯେଉଁ ଛଅଟି ନୀତି ଉପରେ ଗୁରୁତ୍ୱ ଦେଇଛନ୍ତି ତାହା ଅତୀବ ଗୁରୁତ୍ୱପୂର୍ଣ୍ଣ। ସେଗୁଡ଼ିକ ହେଉଛି ଲୋକ ପ୍ରଥମେ ଆଧାରିତ ବିକାଶ, ଗ୍ରାମ ସଶକ୍ତି କରଣ, ଅନ୍ତର୍ଭୁକ୍ତି ଅଭିବୃଦ୍ଧି, ପ୍ରଯୁକ୍ତି ବିଦ୍ୟାରେ ଉନ୍ନତି, ସାଂସ୍କୃତିକ ଅସ୍ମିତା ଓ ଦାୟିତ୍ୱପୂର୍ଣ୍ଣ ଶାସନ। ଓଡ଼ିଶା ବିକାଶ ଓ ନବ ସୃଜନ କ୍ଷେତ୍ରରେ ଆଜି ଗର୍ବ କରିବା ଭଳି ସ୍ଥିତିରେ ପହଞ୍ଚିବା ପାଇଁ ଆହୁରି କଠିନ ପରିଶ୍ରମ ଦରକାର। ଉଭୟ ଭାରତ ଓ ଓଡ଼ିଶା ହାତ ଧରା ଧରି ହୋଇ ପୂର୍ଣ୍ଣ ବିକଶିତ କ୍ଷେତ୍ରକୁ ଗୁରୁତ୍ୱ ସହ ଓଡ଼ିଶାର ଦ୍ରୁତ ଶିଳ୍ପାୟନରେ ଉଦ୍ୟୋଗର ନବ କାର୍ଯ୍ୟାଳୟ ଗୁଡ଼ିକ କେବଳ ଯୁବଶକ୍ତି ପାଇଁ ନୁହଁ। ପର୍ଯ୍ୟଟନ ବିକାଶ ଠାରୁ ଆର୍ଥିକ ଅଭିବୃଦ୍ଧି, ସବୁଜ ଶକ୍ତିର ଶ୍ରମ ଠାରୁ କୃଷିର ଆଧୁନିକକରଣ, ପରିବହନ ଓ ଲଜେଷ୍ଟିକ୍ସରେ ଉନ୍ନତି ଠାରୁ ଉଚ୍ଚତର ସ୍ୱାସ୍ଥ୍ୟ ସେବା, ଡିଜିଟାଲ ସେବା, ସବୁ ଗୁଡ଼ିକ ବିକାଶର ନୀଳ ନକ୍ସା ମଧ୍ୟରେ ଅନ୍ତର୍ଭୁକ୍ତ ହେବା ବାଞ୍ଛନୀୟ।


**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ**
**ଗୁରୁଗ୍ରାମ, ହରିୟାନା**

**ଇରାନ-ଆମେରିକା ସୋସିଆଲ ମିଡିଆ ଯୁଦ୍ଧ**

# ଖାମେନିଙ୍କ ନିର୍ଦ୍ଦେଶରେ ଖୋଲିବ ହର୍ମୁଜ




## ପରୋକ୍ଷରେ ଟ୍ରମ୍ପଙ୍କୁ 'ଇଡ଼ିଅଟ୍' ସମ୍ବୋଧନ

ନୂଆଦିଲ୍ଲୀ,୧୯।୪: ଇରାନ ଓ ଆମେରିକା ଭିତରେ ଚାଲିଥିବା କୂଟନୈତିକ ବିବାଦ ଏବେ ସୋସିଆଲ ମିଡିଆ ଓ୍ୱାରରେ ବଦଳି ଯାଇଛି। ଦକ୍ଷିଣ ଆଫ୍ରିକା ସ୍ଥିତ ଇରାନ ଦୂତାବାସର ଏକ ଭାଇରାଲ ଅଡିଓ କ୍ଲିପ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଇଡିୟଟ୍(ମୂର୍ଖ)ବୋଲି କୁହାଯାଇଛି। କ୍ଲିପରେ ଆଇଆରଜିସିର ଜଣେ ନୌସେନା କର୍ମଚାରୀ କହୁଛନ୍ତି, ହର୍ମୁଜ୍ ପ୍ରଣାଳୀ ଏବେ ବି ବନ୍ଦ ଅଛି। ଆମେ ଆମର ନେତା ଇମାମ୍ ଖାମେନିଙ୍କ ନିର୍ଦ୍ଦେଶରେ ଖୋଲିବୁ, କୌଣସି ଇଡିଅଟ୍‌ଙ୍କ ଟ୍ୱିଟ୍ ଦ୍ୱାରା ନୁହେଁ। ଏହା ପରେ ଏହି ଭିଡ଼ିଓ ବାର୍ତ୍ତାରେ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଚେଷ୍ଟା କରୁଥିବା ସମସ୍ତ ଜାହାଜ ପାଇଁ ଏକ କଡ଼ା ଚେତାବନୀ ଦିଆଯାଇ କୁହାଯାଇଛି, ଯଦି ତୁମେ ହରମୁଜ୍ ପ୍ରଣାଳୀ ଦେଇ ଯିବାକୁ ଚାହୁଁଥାଅ, ତେବେ ତୁମକୁ ଇରାନର ସେପା ନେଭି (ଆଇଆରଜିସି) ଠାରୁ ଅନୁମତି ନେବାକୁ ପଡିବ। ଆମର ଶତ୍ରୁମାନଙ୍କ ସହିତ ସମ୍ପର୍କ ଥିବା ଜାହାଜ ଯଦି ହର୍ମୁଜ ଅତିକ୍ରମ କରିବାକୁ ଚେଷ୍ଟା କରନ୍ତି ତା'ହେଲେ ସେମାନଙ୍କୁ ଟାର୍ଗେଟ କରାଯିବ। ଏହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା ଜୋର ଧରିଛି। ଏହାର ଆରମ୍ଭ ଏକ ଭାଇରାଲ ଭିଡିଓ ଓ ଅଡିଓ କ୍ଲିପ୍‌ରୁ ହୋଇଛି। ଇରାନର ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି)ର ନୌସେନା ଓ ସମୁଦ୍ରରେ ଥିବା ଜାହାଜରୁ ଏହି ଭିଡ଼ିଓ କ୍ଲିପ୍ ପ୍ରସାରିତ ହୋଇଛି। ଏହି ରେକର୍ଡିଂରେ ଇରାନ ନୌସେନାର ଜଣେ ଅଧିକାରୀ 'ଇଡିଅଟ୍' ଶବ୍ଦ ବ୍ୟବହାର କରିଛନ୍ତି।

ସବୁଠାରୁ ମଜା କଥା ହେଉଛି, ବିଶ୍ୱସ୍ତରର ଏକାଧିକ ସୋସିଆଲ ମିଡିଆ ଦାବି କରିଛନ୍ତି ଯେ, ଭିଡ଼ିଓ ବାର୍ତ୍ତାରେ ଆଇଆରଜିସିର ନୌସେନା ଅଧିକାରୀଜଣକ ଯେଉଁ 'ଇଡିଅଟ' ଶବ୍ଦ ବ୍ୟବହାର କରିଛନ୍ତି, ତାହା ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଆବାସ ଆରାଘଚିଙ୍କ ନିମନ୍ତେ ଉଦ୍ଦିଷ୍ଟ। ଇରାନର ନୌସେନାମାନେ ଆରାଘଚିଙ୍କୁ ହିଁ 'ଇଡିଅଟ୍' ବୋଲି କହିଛନ୍ତି। ଏମିତିକି, ଏହି ଭିଡ଼ିଓ ବାର୍ତ୍ତାକୁ ଉଦ୍ଧାର କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଲେଖିଥିଲେ ଯେ, ଇରାନର ନୌସେନା ଇରାନର ବୈଦେଶିକ ମନ୍ତ୍ରୀଙ୍କୁ 'ଇଡିଅଟ୍' ବୋଲି କହୁଛି। ମାତ୍ର ତେହେରାନ ପକ୍ଷରୁ ଏହା ଉପରେ ପ୍ରତିବାଦ କରାଯିବା ସହ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରାଯାଇଛି। ଦକ୍ଷିଣ ଆଫ୍ରିକାରେ ଥିବା ଇରାନୀ ଦୂତାବାସ ପକ୍ଷରୁ ଲେଖାଯାଇଛି ଯେ, "ତୁମେମାନେ ଇଡିଅଟ। ଆମ ନୌସେନା ଅଧିକାରୀ ତୁମର ଇଡିଅଟ୍ ରାଷ୍ଟ୍ରପତି ଟ୍ରମ୍ପଙ୍କ କଥା ହିଁ କହୁଥିଲା। କେବଳ 'ଇଡିଅଟ' ବୋଲି ଗୁଗୁଲ୍ କର, ତୁମେ ବୁଝିପାରିବ ଯେ ସେ ଇଡିଅଟ୍‌ଟି କିଏ।

## ସମ୍ଭାବ୍ୟ ଶାନ୍ତି ପ୍ରସ୍ତାବ ସତ୍ତ୍ୱେ ଇରାନ ସେନା ଯୁଦ୍ଧ ପାଇଁ ପ୍ରସ୍ତୁତ



ତେହେରାନ, ୧୯।୪: ଇରାନ୍ ଆମେରିକା ସହ ଯୁଦ୍ଧକୁ ସମ୍ମାନର ସହ ଶେଷ କରିବାକୁ ଚେଷ୍ଟା କରୁଛି ବୋଲି ଇରାନର ରାଷ୍ଟ୍ରପତି ମସୁଦ ପେଜେଶକିଆନ ରବିବାର କହିଛନ୍ତି। ସେ କହିଛନ୍ତି, ଇରାନକୁ ନ୍ୟୁକ୍ଲିୟର ଅଧିକାରରୁ ବଞ୍ଚିତ କରିବାକୁ ଟ୍ରମ୍ପଙ୍କର କୌଣସି ଅଧିକାର ନାହିଁ। ଇରାନୀ ଟ୍ରମ୍ପ କହୁଛନ୍ତି ଯେ, ଇରାନକୁ ତାର ନ୍ୟୁକ୍ଲିୟର ଅଧିକାରଗୁଡ଼ିକର ବ୍ୟବହାର କରିବା

### ଆମ ଶତ୍ରୁ ଉପରେ ଆମର ଭରସା ନାହିଁ: ଗାଲିବାଫ୍

ଉଚିତ୍ ନୁହେଁ। କିନ୍ତୁ ଏହା କହୁ ନାହାନ୍ତି ଯେ, କ'ଣ ଅପରାଧ କରିଛି ଇରାନ।

ଏଥିସହ ନିଷ୍ଠୁର ଶତ୍ରୁ ବିରୋଧରେ ପୂରା ଦୃଢତାର ସହ ତିଷ୍ଠି ରହିବାକୁ ସେ ଇରାନବାସୀଙ୍କୁ ଅପିଲ କରିଛନ୍ତି। ଇରାନକୁ ନିଜର ବର୍ତ୍ତମାନର ସ୍ଥିତିକୁ ବଜାୟ ରଖିବାକୁ ହେବ। ଆମର ଛବି ଏମିତି ହେବା ଉଚିତ ନୁହେଁ ଯେ, ଆମେ ଯୁଦ୍ଧକୁ ପସନ୍ଦ କରୁଛୁ। ଆମ ଲୋକ ତ ନିଜର ସୁରକ୍ଷା କରୁଛନ୍ତି। ପେଜେଶକିୟାନ କହିଛନ୍ତି, ଅଷ୍ଟ୍ରେଲିଆରେ ଆମର ଝିଅମାନେ ଶତ୍ରୁକୁ ଏକ ବଡ଼ ଝଟକା ଦେଇଥିଲେ। ସେହି ଦୁଇ ପ୍ରିୟ ଝିଅ ଯେଉଁମାନଙ୍କୁ ଶତ୍ରୁ ଦ୍ୱାରା ଭ୍ରମିତ କରାଯାଇଥିଲା। ସେମାନେ ଫେରି ଆସିବା ସ୍ୱାଗତଯୋଗ୍ୟ। ଆମେ ବାହୁଖୋଲି ତାଙ୍କର ସ୍ୱାଗତ କରିବୁ। ଏସିଆନ କପରେ ଅଷ୍ଟ୍ରେଲିଆ ମହିଳା ଫୁଟବଲ ଟିମ୍‌ର ପ୍ରଦର୍ଶନ ବିଷୟରେ ଉଲ୍ଲେଖ କରି ସେ ଏହି କଥା କହିଛନ୍ତି।

ଅପରପକ୍ଷରେ, ଇରାନୀ ସଂସଦ ଅଧ୍ୟକ୍ଷ ମହମ୍ମଦ ବଗେର ଗାଲିବାଫ କହିଛନ୍ତି, ମଧ୍ୟପ୍ରାଚ୍ୟରେ ସଂଘର୍ଷର ସମାଧାନ ପାଇଁ ଓ୍ୱାଶିଂଟନ ଓ ତେହେରାନ ମଧ୍ୟରେ କଥାବାର୍ତ୍ତା ଜାରି ରହିଥିବା ସତ୍ତ୍ୱେ ଇରାନର ସଶସ୍ତ୍ର ବାହିନୀ ଯୁଦ୍ଧ ପାଇଁ ପୂର୍ଣ୍ଣ ପ୍ରସ୍ତୁତ ହୋଇରହିଛି। ପ୍ରେସ୍ ଟିଭି ଗାଲିବଫଙ୍କ ମନ୍ତବ୍ୟକୁ ଉଦ୍ଧାର କରି କହିଛି, ଶତ୍ରୁ ଉପରେ ଭରସା ନାହିଁ। ଯେକୌଣସି ସମୟରେ ଆମ ଶତ୍ରୁ ଆମ ଉପରେ ଆକ୍ରମଣ କରିପାରେ। ତେଣୁ ଇରାନର ସଶସ୍ତ୍ର ବାହିନୀ ସ୍ଥଳଭାଗରେ ସଂପୂର୍ଣ୍ଣ ରୂପେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇରହିଛି।

## ଆମେରିକା ଉପରେ ଯୁଦ୍ଧ ଲଦି ଦେଇଛନ୍ତି ନେତ୍ୟାନ୍ୟାହୁ: କମଳା ହ୍ୟାରିସ୍



ଓ୍ୱାଶିଂଟନ, ୧୯।୪: ଇରାନ-ଆମେରିକା ଯୁଦ୍ଧ ଦୁର୍ଭାଗ୍ୟଜନକ। ଆମେରିକାର ଲୋକମାନେ କେବେ ବି ଯୁଦ୍ଧ ଚାହୁଁ ନଥିବା ବେଳେ ସେମାନଙ୍କ ଉପରେ ଜାଣିଜାଣି ଯୁଦ୍ଧ ଲଦି ଦିଆଯାଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତ୍ୟାନ୍ୟାହୁ ଓରଫ୍ ବିବି ଆମେରିକାର ନାଗରିକମାନଙ୍କ ଉପରେ ଏଭଳି ବିନାଶକ ଯୁଦ୍ଧ ଲଦି ଦେଇଛନ୍ତି ବୋଲି ଆମେରିକାର ପୂର୍ବତନ ଉପ-ରାଷ୍ଟ୍ରପତି କମଳା ହ୍ୟାରିସ୍ କହିଛନ୍ତି। ଶନିବାର ଏକ ପାଣ୍ଠି ସଂଗ୍ରହ କାର୍ଯ୍ୟକ୍ରମକୁ ଉଦବୋଧନ ଦେଇ ହ୍ୟାରିସ କହିଛନ୍ତି, ଡୋନାଲ୍ଡ ଟ୍ରମ୍ପଙ୍କୁ ଯୁଦ୍ଧ ଭିତରକୁ ଟଣା ଯାଇଛି। ଏ କାମ ଆଉ କେହି ନୁହେଁ, ଏହା ହେଉଛି ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କ କାମ। ବିବି ନେତ୍ୟାନ୍ୟାହୁଙ୍କ କଥାରେ ପଡ଼ି ରାଷ୍ଟ୍ରପତି ଟ୍ରମ୍ପ୍ ଯୁଦ୍ଧ ଭିତରକୁ ଟାଣି ହୋଇଗଲେ। ଟ୍ରମ୍ପ୍ ଏପରି ଏକ ଯୁଦ୍ଧ ଭିତରକୁ ଟାଣି ହୋଇଯାଇଛନ୍ତି, ଯେଉଁ ଯୁଦ୍ଧକୁ କୌଣସି ଜଣେ ବି ଆମେରିକୀୟ ଚାହାନ୍ତି ନାହିଁ। ଏହି ଯୁଦ୍ଧ ସମ୍ପୂର୍ଣ୍ଣ ଆମେରିକାକୁ ବିପଦ ଭିତରକୁ ଟାଣି ନେଇଛି ବୋଲି ହ୍ୟାରିସ୍ ସ୍ପଷ୍ଟ ଭାଷାରେ କହିଛନ୍ତି। ହ୍ୟାରିସଙ୍କ ଅଭିବ୍ୟକ୍ତି ପ୍ରସାରିତ ହେବା ପରେ ଟ୍ରମ୍ପ୍ ଏହା ଉପରେ କୌଣସି ସିଧାସଳଖ ପ୍ରତିକ୍ରିୟା ଦେଇନାହାନ୍ତି। ତେବେ ସୋସିଆଲ ମିଡ଼ିଆ ପ୍ଲାଟଫମ 'ଟ୍ରୁଥ ସୋସିଆଲ'ରେ ଇସ୍ରାଏଲକୁ ତାଙ୍କର ଜଣେ ବହୁତ ବଡ଼ ସହଯୋଗୀ ବୋଲି ବର୍ଣ୍ଣନା କରିଛନ୍ତି। ଲୋକମାନେ ଇସ୍ରାଏଲକୁ ପସନ୍ଦ କରନ୍ତୁ କି ନକରନ୍ତୁ, ଇସ୍ରାଏଲ୍ କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ମହାନ ସହଯୋଗୀ ବୋଲି ପ୍ରମାଣିତ କରିସାରିଛି। ଇସ୍ରାଏଲ ସାହସୀ, ବିଶ୍ୱସ୍ତ ଏବଂ ଚତୁର ଏବଂ ସଂଘର୍ଷ ଓ ଚାପ ମୁହୂର୍ତ୍ତରେ ସ୍ଥିର ରହିବା ଜାଣିଛି। କଠିନ ସମୟରେ କିପରି ଲଢ଼ିବାକୁ ହେବ ଏବଂ ଯୁଦ୍ଧରେ କିପରି ଜିତିବାକୁ ହେବ ତାହା ଇସ୍ରାଏଲକୁ ଖୁବ୍ ଭଲଭାବରେ ଜଣା ବୋଲି ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି।

## ୫୦ ଦିନ ପରେ ବି ଆୟାତୁଲ୍ଲାଙ୍କୁ କବର ଦିଆଯାଇନି !



ଇରାନ,୧୯।୪:ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲ୍ଲୀ ଖାମେନିଙ୍କ ହତ୍ୟାର ୫୦ ଦିନ ବିତି ସାରିଛି। ହେଲେ ତାଙ୍କର ଅନ୍ତିମ ସଂସ୍କାର ଏଯାଏଁ ହୋଇପାରିନି। ନ୍ୟୁୟର୍କ ପୋଷ୍ଟର ରିପୋର୍ଟ ଅନୁସାରେ, ଇରାନର ଅଧିକାରୀ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନାହାନ୍ତି ଯେ, ତାଙ୍କୁ କେବେ ଓ କେଉଁଠି କବର ଦିଆଯିବ। ଏହା ପଛର କାରଣ ହେଉଛି ସୁରକ୍ଷା। କୁହାଯାଉଛି ଯେ, ଏପର୍ଯ୍ୟନ୍ତ ସେଠାରେ ସ୍ଥିତି ସମ୍ବେଦନଶୀଳ ରହିଛି। ବୋଧହୁଏ ଏହି କାରଣରୁ ସରକାର ଭବ୍ୟ ସାର୍ବଜନୀନ ଅନ୍ତିମ ସଂସ୍କାର କରିବାକୁ ଦୂରେଇ ରହୁଛନ୍ତି। ଆଶଙ୍କା ରହିଛି ଯେ, ଏହି ସମୟରେ ଇସ୍ରାଏଲ ପକ୍ଷରୁ ବଡ଼ ଧରଣର ହମଲା ହୋଇପାରେ କିମ୍ବା ଦେଶ ଭିତରେ ଅଶାନ୍ତି ସୃଷ୍ଟି ହୋଇପାରେ। ବର୍ତ୍ତମାନ ଯୁଦ୍ଧ ଭଳି ସ୍ଥିତି ଓ ଲଗାତାର ବିବାଦ କାରଣରୁ ବଡ ଧରଣର ଆୟୋଜନକୁ ବିପଦଜନକ ହୋଇପାରେ।

ରିପୋର୍ଟ ଅନୁସାରେ, ଖାମେନିଙ୍କ ମୃତ୍ୟୁ ୨୮ ଫେବୃଆରୀ ୨୦୨୬ ରେ ଆମେରିକା ଓ ଇସ୍ରାଏଲର ମିଳିତ ଏୟାରଷ୍ଟ୍ରାଇକରେ ହୋଇଥିଲା। ଯାହାପରେ ଯୁଦ୍ଧ ଆହୁରି ଭୟଙ୍କର ରୂପ ନେଇଥିଲା। ୧୯୮୯ ରେ ସୁପ୍ରିମ ଲିଡର ରୁହୋଲ୍ଲାହ ଖୁମେନିଙ୍କ ମୃତ୍ୟୁ ବେଳେ ଯେଉଁଭଳି ବଡ଼ ସାର୍ବଜନୀକ ଭିଡ କିମ୍ବା ଶୋକ ପ୍ରଦର୍ଶନ ହୋଇଥିଲା ସେଭଳି ଏଥର ଦେଖିବାକୁ ମିଳିନି। ସରକାରଙ୍କୁ ଆଭ୍ୟନ୍ତରୀଣ ବିରୋଧ ଓ ସମ୍ଭାବିତ ପ୍ରଦର୍ଶନର ଭୟ ରହିଛି। ବଡ଼ ଜନସମୂହ ଏକାଠି ହେଲେ ନିୟନ୍ତ୍ରଣ କରିବା ଖୁବ୍ କଷ୍ଟକର ହୋଇପାରେ। ଏଥିପାଇଁ ତାଙ୍କର ଅନ୍ତିମ ସଂସ୍କାର ବଡ଼ ଧରଣରେ ହୋଇପାରିନି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ମଶହଦକୁ ଖାମେନିଙ୍କୁ କବର ଦେବା ନେଇ ସମ୍ଭାବିତ ସ୍ଥାନ ବୋଲି କୁହାଯାଉଛି। ଏହା ହେଉଛି ତାଙ୍କର ହୋମଟାଉନ୍। ଏଠାରେ ଇମାମ ରାଜ ଦରଘା ଧାର୍ମିକ ଦୃଷ୍ଟିକୋଣରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଠାରେ ସୁରକ୍ଷା ବ୍ୟବସ୍ଥା ମଧ୍ୟ ଅପେକ୍ଷାକୃତ ଖୁବ୍ ଭଲ। ଆରମ୍ଭରୁ ୪ ମାର୍ଚ୍ଚରେ ତିନି ଦିନ ପାଇଁ ରାଷ୍ଟ୍ରୀୟ ଅନ୍ତିମ ସଂସ୍କର ନେଇ ଯୋଜନା ପ୍ରସ୍ତୁତ ହୋଇଥିଲା, କିନ୍ତୁ ଆମେରିକା-ଇସ୍ରାଏଲର ଲଗାତାର ଭାବରେ ଆକ୍ରମଣ ବଢ଼ି ଯାଇଥିଲା। ଏହି କାରଣରୁ ଅନ୍ତିମ ସଂସ୍କାରକୁ ରଦ୍ଦ କରାଯାଇଥିଲା।

## ଗୁରୁଦ୍ୱାର ବାହାରେ ଗୁଳିମାଡ଼ ୨ ଭାରତୀୟ ନିହତ




ନୂଆଦିଲ୍ଲୀ,୧୯।୪: ବୈଶାଖୀରେ ଏକ ବଡ଼ଧରଣର ଅଘଟଣ ଘଟିଛି। ଶ୍ରଦ୍ଧାଳୁଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ ହେବା ଫଳରେ ଇଟାଲୀର ବେରଗାମୋ ପ୍ରଦେଶର କୋଭା ସହରରେ ବୈଶାଖୀ ଉତ୍ସବରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଗୁରୁଦ୍ୱାର ବାହାରେ ଦୁଇ ଭାରତୀୟଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଗୁରୁଦ୍ୱାରାରୁ ବାହାରିବା ସମୟରେ ୨ ଜଣଙ୍କ ଉପରକୁ ଆତତାୟୀ ଗୁଳମାଡ଼ କରିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଦୁଇଜଣ ମୃତ୍ୟୁବରଣ କରିଥିବା ବେଳେ ଜଣେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଫେରାର ଆକ୍ରମଣକାରୀକୁ ପୁଲିସ ସନ୍ଧାନ କରୁଛି। ଲା ସିସିଲିଆ ଖବରକାଗଜର ତଥ୍ୟ ଅନୁଯାୟୀ, ସହରର ଶିଳ୍ପାଞ୍ଚଳରେ ଥିବା ଗୁରୁଦ୍ୱାର ମାତା ସାହିବ କୌର ଜୀଙ୍କ ସାମ୍ନା ଛକରେ ଏହି ଘଟଣା ଘଟିଛି। ଦୁଇ ମୃତକ ହେଉଛନ୍ତି କୋଭୋର ବାସିନ୍ଦା ରଗିନ୍ଦର ସିଂହ (୪୮) ଏବଂ ଆଗ୍ନାଡେଲୋର ବାସିନ୍ଦା ଗୁରମିତ୍ ସିଂହ (୪୮)। ସ୍ଥାନୀୟ ପୁଲିସ ଏହାକୁ ପୂର୍ବ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସନ୍ଦେହ କରୁଥିବା ବେଳେ ଘଟଣାସ୍ଥଳରୁ ପ୍ରାୟ ୧୦ଟି ଗୁଳି ଖୋକା ଜବତ କରାଯାଇଛି।

## ଶ୍ରୀନଗର ବିମାନବନ୍ଦରରେ ୨ ଆମେରିକୀୟ ଅଟକ



ଶ୍ରୀନଗର, ୧୯।୪: ରବିବାର ଶ୍ରୀନଗର ବିମାନ ବନ୍ଦରରେ ଦୁଇଜଣ ଆମେରିକୀୟ ନାଗରିକଙ୍କୁ ଅଟକ ରଖାଯାଇଛି। ସେମାନଙ୍କ ମଧ୍ୟରୁ ଜଣକୁ ଚିହ୍ନଟ କରାଯାଇଛି। ସେ ହେଉଛନ୍ତି ଆମେରିକାର ମନ୍‌ଟାନା ନିବାସୀ ଜେଫ୍ରି ସ୍କଟ୍। ସେମାନଙ୍କଠାରୁ ଭାରତରେ ବେଆଇନ୍ ଘୋଷଣା କରାଯାଇଥିବା ଗୋଟିଏ ଗ୍ରାମିନ୍ ସାଟେଲାଇଟ୍ ଫୋନ୍ ଜବତ କରାଯାଇଛି। ଏୟାରପୋର୍ଟ ସିକ୍ୟୁରିଟି ଅଧିକାରୀମାନେ ରୁଟିନ୍ ଚେକିଂ ସମୟରେ ସେମାନଙ୍କ ଲଗେଜ୍ ଯାଞ୍ଚ୍ କରି ସାଟେଲାଇଟ୍ ଫୋନ୍ ଥିବା ଦେଖିବାକୁ ପାଇଥିଲେ। ଦୁଇ ଆମେରିକୀୟଙ୍କୁ ପ୍ରଥମେ ବିମାନବନ୍ଦର ନିରାପତ୍ତାକର୍ମୀମାନେ ପଚରାଉଚରା କରିଥିଲେ ଏବଂ ପରେ ସେମାନଙ୍କୁ ଅଧିକ ତଦନ୍ତ ନିମନ୍ତେ ପୋଲିସକୁ ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ ଯେ, ଆତଙ୍କବାଦୀ କାର୍ଯ୍ୟରେ ବ୍ୟବହୃତ ହେଉଥିବାରୁ ସରକାରଙ୍କ ଅନୁମତି ବିନା ସାଟେଲାଇଟ୍ ଫୋନ୍ ବ୍ୟବହାର କରିବାକୁ ଭାରତରେ ନିଷିଦ୍ଧ ଘୋଷଣା କରାଯାଇଛି। ବିଶେଷକରି ଥୁରାୟା ଏବଂ ଇରିଡିୟମ୍ ଫୋନ୍ ଭଳି ଡିଭାଇସଗୁଡ଼ିକର ବ୍ୟବହାରକୁ କଡ଼ାକଡ଼ି କରାଯାଇଛି। ଏ ଡିଭାଇସ ସବୁକୁ ବିନା ଅନୁମତିରେ ପାଖରେ ରଖୁଥିବା ଏବଂ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ଭାରତୀୟ ଟେଲିଗ୍ରାଫ୍ ଆଇନ ଏବଂ ଅନ୍ୟାନ୍ୟ ସୁରକ୍ଷା ନିୟମ ଅନୁଯାୟୀ ଗିରଫ କରିବାର ପ୍ରାବଧାନ ମଧ୍ୟ ରହିଛି। ଏଠାରେ ସ୍ମରଣ କରାଇଦିଆଯାଇପାରେ ଯେ, ଗତବର୍ଷ ମେ' ମାସରେ ଆମେରିକାରେ ଅବସ୍ଥାପିତ ଜଣେ ଚକ୍ଷୁ ବିଶେଷଜ୍ଞ ମହିଳା ଡାକ୍ତରଙ୍କୁ ଇରିଡିଅମ ସାଟେଲାଇଟ୍ ଫୋନ୍ ରଖିଥିବା ଅଭିଯୋଗରେ ପୁଡୁଚେରୀ ବିମାନ ବନ୍ଦରରେ ଅଟକ ରଖିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

## ଗୁଲଶନ କୁମାରଙ୍କ ସାନଭାଇ ଦର୍ଶନ କୁମାରଙ୍କ ଦେହାନ୍ତ



ନୂଆଦିଲ୍ଲୀ, ୧୯।୪: ଟି-ସିରିଜ୍ ପ୍ରତିଷ୍ଠାତା ଗୁଲସନ୍ କୁମାରଙ୍କ ସାନଭାଇ ଦର୍ଶନ କୁମାରଙ୍କ ଶନିବାର ୭୦ ବର୍ଷ ବୟସରେ ଦେହାନ୍ତ ହୋଇଛି। ତାଙ୍କୁ ୭୦ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇନାହିଁ। ତାଙ୍କ ମୃତ୍ୟୁରେ ସଙ୍ଗୀତ ଶିଳ୍ପ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ଗୁଲସନ୍ କୁମାରଙ୍କ ଟି-ସିରିଜ୍ ପ୍ରତିଷ୍ଠା ଏବଂ ଅଭିବୃଦ୍ଧିରେ ଦର୍ଶନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ୧୯୮୩ ମସିହାରେ ଆରମ୍ଭ ହୋଇଥିବା ମ୍ୟୁଜିକ କମ୍ପାନୀକୁ ଦେଶର ସର୍ବବୃହତ ମ୍ୟୁଜିକ ଲେବଲ୍ ଏବଂ ଫିଲ୍ମ ପ୍ରଡକ୍ସନ୍ ହାଉସରେ ପରିଣତ କରିଥିବା ଯାତ୍ରାରେ ସେ ଲଗାତାର ଯୋଡି ହୋଇ ରହିଥିଲେ। ଗାୟକ ମିକା ସିଂହ ପ୍ରଥମେ ସୋସିଆଲ ମିଡିଆରେ ତାଙ୍କ ମୃତ୍ୟୁ ଖବର ସେୟାର କରିଥିଲେ। ସେ ତାଙ୍କର ଭାବପ୍ରବଣ ଭାବନା ପ୍ରକାଶ କରି ଦର୍ଶନ କୁମାରଙ୍କୁ ଜଣେ ଦୟାଳୁ ବ୍ୟକ୍ତି ଭାବରେ ବର୍ଣ୍ଣନା କରିଥିଲେ ଯିଏ ସର୍ବଦା ନୂତନ କଳାକାର ମାନଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ଥିଲେ। ୧୯୯୭ ମସିହାରେ ତାଙ୍କ ଭାଇ ଗୁଲସନ କୁମାରଙ୍କ ହତ୍ୟା ସମଗ୍ର ଦେଶକୁ ଦୋହଲାଇ ଦେଇଥିଲା। ଗୁଲସନ କୁମାରଙ୍କ ମୃତ୍ୟୁ ପରେ ଦର୍ଶନ କୁମାର ଟି-ସିରିଜକୁ ନିଜ ହାତକୁ ନେଇଥିଲେ ଏବଂ ଏହାକୁ ଦେଶର ପ୍ରମୁଖ ସଂଗୀତ କମ୍ପାନୀରେ ପରିଣତ କରିଥିଲେ।

## ପୁଣି ମା' ହେବେ ଦୀପିକା

### ଭାଇରାଲ ହେଲା ଇନଷ୍ଟାଗ୍ରାମ ପୋଷ୍ଟ୍



ମୁମ୍ବାଇ, ୧୯।୪: ବଲିଉଡର ଅଭିନେତା ଦମ୍ପତି ରଣବୀର ସିଂହ ଏବଂ ଦୀପିକା ପାଦୁକୋନ ଦ୍ୱିତୀୟ ସନ୍ତାନର ପିତାମାତା ହେବାକୁ ଯାଉଛନ୍ତି। ରବିବାର ଦୀପିକା ଏବଂ ରଣବୀର ସେମାନେ ସେମାନଙ୍କର ଦ୍ୱିତୀୟ ସନ୍ତାନର ଅପେକ୍ଷାରେ ଅଛନ୍ତି ବୋଲି ସୋସିଆଲ ମିଡ଼ିଆରେ ଘୋଷଣା କରିଛନ୍ତି। ଏହି ଦମ୍ପତି ଏକ ମିଳିତ ଇନଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ଏହି ଖୁସି ଖବର ସେୟାର କରିଛନ୍ତି ଯାହା ଖୁବ୍ କମ୍ ସମୟ ମଧ୍ୟରେ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ପୋଷ୍ଟରେ ଦୀପିକା-ରଣବୀରଙ୍କ ପ୍ରଥମ ଝିଅ ଦୁଆ ଦୁଇଟି ଲାଲ ରେଖା ରହିଥିବା ଗୋଟିଏ ଗର୍ଭାବସ୍ଥା ପରୀକ୍ଷା କିଟ୍ ଧରିଥିବା ଦେଖାଯାଉଛି। ପୃଷ୍ଠଭୂମିରେ ଦୀପିକା ଦୁଆକୁ ଧରିଥିବା ଦେଖାଯାଉଛି। ଉଭୟ ଦୀପିକା ଏବଂ ରଣବୀର ନିଜନିଜର ବୃତ୍ତିଗତ କାର୍ଯ୍ୟକୁ ନେଇ ବ୍ୟସ୍ତ ରହିଥିବା ବେଳେ ଖୁବ୍ ଶୀଘ୍ର ସେମାନଙ୍କ ପରିବାର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଆସୁଛି ବୋଲି ଉଭୟ ବଲିଉଡ୍ ଦମ୍ପତି ପ୍ରକାଶ କରିଛନ୍ତି। ରଣବୀରଙ୍କ 'ଧୁରନ୍ଧର: ଦି ରିଭେଞ୍ଜ'ର ବ୍ଲକବଷ୍ଟର ହୋଇଥିବା ବେଳେ ଦୀପିକା ଆଗାମୀ ଦିନରେ 'ରାକା' ମୁଭିରେ ନଜର ଆସିବେ। ଇନଷ୍ଟାଗ୍ରାମରେ ଦୀପିକା ଓ ରଣବୀରଙ୍କ ଦ୍ୱିତୀୟ ସନ୍ତାନ ସମ୍ପର୍କୀତ ପୋଷ୍ଟ ସେୟାର ହେବା ପରେ ତାଙ୍କ ପ୍ରଶଂସକମାନେ ଖୁସୀ ବ୍ୟକ୍ତ କରିଛନ୍ତି। ୨୦୨୪ ମସିହା ସେପ୍ଟେମ୍ବର ୮ ତାରିଖରେ ସେମାନଙ୍କର ପ୍ରଥମ କନ୍ୟା 'ଦୁଆ' ଜନ୍ମଗ୍ରହଣ କରିଥିଲା।

## ଟିସିଏସ୍ ପରେ ଡି-ମାର୍ଟରେ ଧର୍ମାନ୍ତରୀକରଣ






### ଅଶ୍ୱିନରୁ ଯୁବକ ହେଲେ ମୁସ୍ତାଫା

ମୁମ୍ବାଇ, ୧୯।୪: ମହାରାଷ୍ଟ୍ରରେ ଧର୍ମାନ୍ତରୀକରଣକୁ ନେଇ ବିବାଦ ଥମିବାର ନାଁ ନେଉନାହିଁ। ନାସିକର ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍)ରେ ହୋଇଥିବା ଧର୍ମାନ୍ତରୀକରଣ ଏବଂ ନିର୍ଯାତନା ମାମଲା ପରେ, ଏବେ ଶିରିଡିର ଏକ ଡି-ମାର୍ଟ ଷ୍ଟୋରରେ ସମାନ ଅଭିଯୋଗ ଆସିଛି। ସେଠାରେ କାମ କରୁଥିବା ଜଣେ ଯୁବକ ଅଶ୍ୱିନଙ୍କୁ ଧର୍ମାନ୍ତରୀକରଣ ପାଇଁ ଉସୁକାଇଥିବାର ଅଭିଯୋଗ ହୋଇଛି। ଅଭିଯୋଗ ହୋଇଛି ଯେ, ଷ୍ଟୋରର ଅନ୍ୟ ଜଣେ କର୍ମଚାରୀ ସୋହେଲ ମନିୟାର ଅଶ୍ୱିନଙ୍କ ବ୍ରେନ୍ ଓ୍ୱାଶ୍ କରି ଧର୍ମାନ୍ତରୀକରଣ ପାଇଁ ପ୍ରୋତ୍ସାହିତ କରିଥିଲେ। ସମ୍ପୃକ୍ତ ଯୁବକ ଜଣକ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ତାଙ୍କ ନାମ ଅଶ୍ୱିନକୁ ପରିବର୍ତ୍ତନ କରି ମୁସ୍ତଫା ରଖିଛନ୍ତି ବୋଲି ଦାବି କରାଯାଉଛି। ତଥାପି, ଏହି ଦାବିଗୁଡ଼ିକ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ନିଶ୍ଚିତ ହୋଇନାହିଁ। ଘଟଣା ସାମ୍ନାକୁ ଆସିବା ପରେ, ଶିରିଡିର ଅନେକ ହିନ୍ଦୁ ସଂଗଠନର ଅଧିକାରୀମାନେ ଡି-ମାର୍ଟ ଷ୍ଟୋରକୁ ଆସି ପରିଚାଳନା କର୍ତ୍ତୃପକ୍ଷଙ୍କଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି। ସୂଚନା ଅନୁଯାୟୀ, ଷ୍ଟୋରରେ ପ୍ରାୟ ୧୫୦ ଜଣ କର୍ମଚାରୀ କାମ କରନ୍ତି। ଧର୍ମାନ୍ତରୀକରଣର ଅଭିଯୋଗ ଆସିବା ପରେ ବିବାଦ ଆହୁରି ବଢ଼ିଛି।

ଡି-ମାର୍ଟ ଷ୍ଟୋର ବାହାରେ ପରିସ୍ଥିତି ଖରାପ ହେଉଥିବା ଦେଖି ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଘଟଣା ପରେ ସଂଗଠନର କର୍ମୀମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶିରିଡିରେ ରହିଥିଲେ। ପୁଲିସ ଅଧିକାରୀଙ୍କ ଅନୁଯାୟୀ, ମାମଲାର ତଦନ୍ତ ଚାଲିଛି ଏବଂ ସମସ୍ତ ପକ୍ଷଙ୍କୁ ପଚରାଉଚରା କରିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଉଲ୍ଲେଖନୀୟ ଯେ, ନାସିକ ସ୍ଥିତ ଟିସିଏସ୍‌ରେ ମହିଳା କର୍ମଚାରୀଙ୍କ ନିର୍ଯାତନା ଏବଂ ଧର୍ମାନ୍ତରୀକରଣ ଉଦ୍ୟମ ଅଭିଯୋଗ ମଧ୍ୟ ସମ୍ପ୍ରତି ସାମ୍ନାକୁ ଆସିଛି, ଯାହାର ତଦନ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍ଆଇଟି) କରୁଛି। ଏହା ବ୍ୟତୀତ, ଜଣେ ନାବାଳିକା ଝିଅକୁ ବିବାହ ଏବଂ ଧର୍ମାନ୍ତରୀକରଣ ପାଇଁ ଚାପ ପକାଇବା ଅଭିଯୋଗରେ ଶିରିଡି ଅଞ୍ଚଳରେ ପୋକ୍ସୋ ଆଇନ ଅନ୍ତର୍ଗତ ଏକ ମାମଲା ରୁଜୁ ହୋଇଛି।

ପ୍ରଶାସନ କହିଛି, ଏହି ମାମଲା ସମ୍ବେଦନଶୀଳ ଏବଂ ତଥ୍ୟ ଯାଞ୍ଚ୍ ହେବା ପରେ ହିଁ ଏହାର ସମାଧାନ ହେବ। ଶିରିଡିର ଡି-ମାର୍ଟରେ ହୋଇଥିବା ଧର୍ମାନ୍ତରୀକରଣ ଘଟଣାର ତଦନ୍ତ ସମାପ୍ତ ହେବା ପରେ ହିଁ ସତ୍ୟ ସାମ୍ନାକୁ ଆସିବ। ନାସିକ୍ ଟିସିଏସ୍ ବିବାଦ ପରେ, ଏହି ନୂତନ ଘଟଣା ରାଜ୍ୟରେ ପୁଣି ଥରେ ସାମାଜିକ ଏବଂ ରାଜନୈତିକ ଅସ୍ଥିରତା ସୃଷ୍ଟି କରିଛି।

## ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା

# ଆଜି ପହଞ୍ଚିବେ ଭାନ୍ସ ଏଣ୍ଡ୍ କୋ.



ୱାଶିଂଟନ, ୧୯।୪: ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ଆମେରିକାର ପ୍ରତିନିଧିମାନେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ଆସନ୍ତାକାଲି ପାକିସ୍ତାନରେ ପହଞ୍ଚିବେ ବୋଲି ଆଜି ହ୍ୱାଇଟ୍ ହାଉସ ପକ୍ଷରୁ ସୂଚନା ଦିଆଯାଇଛି। ହ୍ୱାଇଟ୍ ହାଉସର ଜନୈକ ଅଧିକାରୀଙ୍କ ବକ୍ତବ୍ୟକୁ ଉଦ୍ଧାର କରି ବିବିସି ପକ୍ଷରୁ କୁହାଯାଇଛି ଯେ ଆମେରିକୀୟ ଉପରାଷ୍ଟ୍ରପତି ଜେଡି ଭାନ୍ସ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରାମର୍ଶଦାତା ଷ୍ଟିଭ୍ ୱିଟକଫ ଓ ଜାରେଡ୍ କୁଶନର ଶାନ୍ତି ଆଲୋଚନା ପାଇଁ ଇସଲାମାବାଦ ଯାତ୍ରା କରିବେ। ତେବେ ଆମେରିକୀୟ ପ୍ରତିନିଧି ଦଳ ଇସଲାମାବାଦରେ ପହଞ୍ଚିବାର ଥିଲେ ହେଁ ଏହି ପର୍ଯ୍ୟାୟ ଶାନ୍ତି ଆଲୋଚନାରେ ଇରାନ ଅଂଶଗ୍ରହଣ କରିବ କି ନାହିଁ, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ତେବେ ଏକ ଅସମର୍ଥିତ ସୂତ୍ର ଅନୁସାରେ, ଇରାନର ପ୍ରତିନିଧି ଦଳ ଆସନ୍ତାକାଲି ନୁହେଁ, ବରଂ ମଙ୍ଗଳବାର ଇସଲାମାବାଦରେ ପହଞ୍ଚିବାର ଅଛି। ତେବେ ଇରାନର ସରକାରୀ ଗଣମାଧ୍ୟମ ଏପର୍ଯ୍ୟନ୍ତ ତେହରାନ ପ୍ରତିନିଧି ଦଳର ଇସଲାମାବାଦ ଗସ୍ତ ବାବଦରେ କୌଣସି କିଛି ବି ସ୍ପଷ୍ଟ ସୂଚନା ଦେଇନାହିଁ। ଅପରପକ୍ଷରେ ଇରାନ-ଆମେରିକା ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାକୁ ଆଖିରେ ରଖି ପାକିସ୍ତାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ରାଜଧାନୀ ଓ ରାୱଲପିଣ୍ଡିର ମୁଖ୍ୟ ଟ୍ରାଫିକ ବହୁଳ ରାସ୍ତାଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ସିଲ କରିଦିଆଯାଇଛି। ତାରକା ହୋଟେଲ ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ପାକିସ୍ତାନୀ ବୈଦେଶିକ ମନ୍ତ୍ରୀ ଇଶାକ୍ ଦର୍ କହିଛନ୍ତି ଯେ ଇସଲାମାବାଦ ଉଭୟ ଇରାନ ଓ ଆମେରିକା ମଧ୍ୟରେ ମତଭେଦ ଦୂର କରିବା ପାଇଁ ସକ୍ରିୟ ପ୍ରୟାସ କରୁଛି। ଗତ ୧୧ ତାରିଖରେ ଇସଲାମାବାଦରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ଶାନ୍ତି ଆଲୋଚନା ବିନା ନିଷ୍କର୍ଷରେ ଶେଷ ହୋଇଯାଇଥିଲେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ସଫଳ ହେବ ବୋଲି ଇସଲାମାବାଦ ବେଶ୍ ଆଶାବାଦୀ ଅଛି।

ଆମେରିକା ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାକୁ ନେଇ ଆଶା ପ୍ରକଟ କରିଥିବା ବେଳେ ସଦ୍ୟ ଆଲୋଚନା ବିଫଳ ହେଲେ ଆମେରିକା ଆଦୌ ଚୁପ୍ ବସିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଯଦି ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ଇରାନ କୌଣସି ଚୁକ୍ତି ନ କରେ, ତା'ହେଲେ ଆମେରିକା ଇରାନର ବିଦ୍ୟୁତ୍ ପ୍ଲାଣ୍ଟ ଓ ପ୍ରମୁଖ ସେତୁ ଉପରେ ପ୍ରଚଣ୍ଡ ଆକ୍ରମଣ କରିବ ବୋଲି ଟ୍ରମ୍ପ୍ ସ୍ପଷ୍ଟ କରିଦେଇଛନ୍ତି। ଏହି ଅବସରରେ ସେ ଆହୁରି ସୂଚାଇ ଦେଇଛନ୍ତି ଯେ ଇରାନ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ଜଳପଥରେ ଆମେରିକା ତଥା ବ୍ରିଟେନର ଜାହାଜ ଓ ଟ୍ୟାଙ୍କର ଉପରକୁ ଆକ୍ରମଣ କରି ବର୍ତ୍ତମାନର ଅସ୍ତ୍ରବିରତି ଚୁକ୍ତିନାମା ଉଲ୍ଲଂଘନ କରିଛି। ଅବଶ୍ୟ ଆମେରିକାର ଏହି ଅଭିଯୋଗକୁ ଇରାନ ଖଣ୍ଡନ କରିବା ସହ ଆମେରିକା ଉପରେ 'ବିଶ୍ୱାସ ଭଙ୍ଗ' ଆରୋପ ଲଗାଇଛି।

## ଗଛରେ ପିଟିହୋଇ ଜଳିଗଲା କାର୍, ୫ ଗୁରୁତର

ବୌଦ୍ଧ, ୧୯।୪ (ସଂଚାର ବ୍ୟୁରୋ) : ବୌଦ୍ଧ ଆଦର୍ଶ ଥାନା ୫୭ ଜାତୀୟ ରାଜପଥ ଜନାପଙ୍କ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଭାରସାମ୍ୟ ହରାଇ ରାସ୍ତା କଡ଼ ଗଛରେ ପିଟିହେଲା କାର୍। ଗଛରେ ପିଟି ହୋଇ ନିଆଁ ଲାଗି ଜଳିଗଲା କାର୍। ନବଜାତ ଶିଶୁ ସମେତ ୫ ଜଣ ଗୁରୁତର। ସମସ୍ତ ଗୁରୁତର ବୌଦ୍ଧ ମେଡିକାଲରେ ଭର୍ତ୍ତି। ଟିଟିଲାଗଡରୁ ନବଜାତ ଶିଶୁକୁ ନେଇ ବୌଦ୍ଧ ଫେରୁଥିବା ବେଳେ ଦୁର୍ଘଟଣା ଘଟିଛି। ବୌଦ୍ଧ ସହର ବଗିଚାସାହିର ଶୁଭାଶିଷ ଆଚାର୍ଯ୍ୟ, ତାଙ୍କ ପତ୍ନୀ ସ୍ୱସ୍ତିକା, ଶାଶୂ କମଳିନୀ, ୭ ବର୍ଷର ପୁଅଙ୍କ ସମେତ ୪ ଦିନର ନବଜାତକ ଶିଶୁ ଏକ କାର୍ ଯୋଗେ ଟିଟିଲାଗଡରୁ ବୌଦ୍ଧ ଫେରୁଥିଲେ। ଜନାପଙ୍କଙ୍କ ଗାୟତ୍ରୀ ପ୍ରଜ୍ଞା ପୀଠ ନିକଟରେ ହଠାତ କାରର ଆଗ ଚକ ଫାଟି ଯିବାରୁ କାରଟି ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଲାଗି ଇଞ୍ଜିନରେ ହଠାତ୍ ନିଆଁ ଲାଗି ଯାଇଥିଲା । ନିକଟରେ ଥିବା ବିଦ୍ୟୁତ ଫିଡରର କର୍ମଚାରୀ ଓ ସ୍ଥାନୀୟ ଲୋକେ ନିଆଁ ଲିଭାଇ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ପଠାଇଥିଲେ ।

## ଘର ଭାଙ୍ଗି ଚାଉଳ ବସ୍ତା ଉଠାଇନେଲା ଦନ୍ତା



ଦେବଗଡ଼, ୧୯।୪ (ସଂଚାର ବ୍ୟୁରୋ) : ଗାଁରେ ଦନ୍ତାର ଉପଦ୍ରବ। ଘର ଭାଙ୍ଗିଲା, ଚାଉଳ ବସ୍ତା ଉଠାଇନେଲା। ଦେବଗଡ ବନଖଣ୍ଡ କୁଣ୍ଢେଇଗୋଳା ସେକ୍ସନ ସଙ୍ଗାପସି ଗାଁରେ ଦୀର୍ଘ ସମୟ ଧରି ଦନ୍ତାହାତୀର ଉପଦ୍ରବ । ଘର ଭାଙ୍ଗିବା ସହିତ ଚାଉଳ ବସ୍ତା ଉଠାଇ ନେଇଛି। ଏଥିରେ ଗାଁର ରଜନୀ ନାୟକଙ୍କ ଘର ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ହୋଇଛି। ଆଜବେଷ୍ଟସ ଛାତ ସହ କାନ୍ଥ ଭାଙ୍ଗି ଆସବାବପତ୍ର ମଧ୍ୟ ନଷ୍ଟ ହୋଇଛି। ନିକଟସ୍ଥ ଜଙ୍ଗଲରୁ ଏକ ଦନ୍ତା ହାତୀ ହଠାତ ଗାଁ ଭିତରକୁ ପଶି ଆସିଥିଲା। ଭୟରେ ସମସ୍ତେ ଘର ଛାଡି ବାହାରକୁ ପଳାଇ ଆସିଥିଲେ। ଦୀର୍ଘ ସମୟ ଧରି ଗାଁରେ ଉପଦ୍ରବ କରିଥିଲା ଦନ୍ତା। ଦୀର୍ଘ ସମୟ ଉପଦ୍ରବ କରିବା ପରେ ଜଙ୍ଗଲ ମୁହାଁ ହୋଇଥିବା ଜଣାପଡିଛି ।

## ସରକାରୀ ଆଇଟିଆଇ ପ୍ରିନ୍ସିପାଲଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ

ଦେବଗଡ଼,୧୯।୪(ସଂଚାର ବ୍ୟୁରୋ): ସରକାରୀ ଆଇଟିଆଇ ପ୍ରିନ୍ସିପାଲଙ୍କ ବିରୋଧରେ ସ୍ଥାନୀୟ ବାରକୋଟ ଥାନାରେ ଜଣେଙ୍କ ବାପା-ମା' ଛେଉଣ୍ଡ ନାବାଳିକା ଯୌନ ନିର୍ଯାତନା ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନାନୁସାରେ, ବାରକୋଟସ୍ଥିତ ସରକାରୀ ଆଇଟିଆଇ ହଷ୍ଟେଲରେ ରହୁଥିବା ଅନ୍ତେବାସୀମାନେ ସାଧାରଣତଃ ଛୁଟିରେ ଶିଶୁ ଗୃହକୁ ଫେରୁଥିବା ବେଳେ ସେଠାକାର ପରିଚାଳକ ସେମାନଙ୍କର ସ୍ଥାନୀୟ ଅଭିଭାବକ ଦାୟିତ୍ୱରେ ଥାଆନ୍ତି। ଛୁଟି ସରିଲା ପରେ ପିଲାମାନେ ପୁଣି ଆଇଟିଆଇ ହଷ୍ଟେଲକୁ ଫେରିଯାଆନ୍ତି। ତେବେ ଏହି କ୍ରମରେ ଏବେ ଛୁଟିରେ ଶିଶୁ ଗୃହକୁ ଫେରିଥିବା ଜଣେଙ୍କ ନାବାଳିକାଙ୍କ ନିକଟରେ ଦାମୀ ଉପହାର, ଟଙ୍କା ଓ ମୋବାଇଲ ଥିବା ଦେଖାଯାଇଥିଲା। ଏପରିକି ଅନଲାଇନ୍‌ରେ ତାଙ୍କ ପାଖକୁ ଉପହାର ମଧ୍ୟ ଆସିଥିଲା। ଏନେଇ ଶିଶୁଗୃହର ଶିଶୁ ମଙ୍ଗଳ ଅଧିକାରୀ ସତ୍ୟପ୍ରିୟା ପ୍ରଧାନ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କୁ ସୂଚନା ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶିଶୁ ଗୃହର କାଉନ୍‌ସିଲର୍ ସୁଭଦ୍ରା ସାହୁ ଉକ୍ତ ନାବାଳିକାଙ୍କୁ ପଚରାଉଚରା କରିବା ସହ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ। ଏହି ପଚରାଉଚରା ସମୟରେ ଏଭଳି ସାଙ୍ଘାତିକ ଘଟଣା ସାମ୍ନାକୁ ଆସିଥିଲା। ପଚରାଉଚରା ସମୟରେ ଆଇଟିଆଇର ପ୍ରିନ୍ସିପାଲ ଗତ ମାସେ ହେଲା ତାଙ୍କୁ ବାରମ୍ବାର ଯୌନ ନିର୍ଯାତନା ଦେଉଥିବା ନାବାଳିକା କହିଥିଲେ। ଏପରେ ହଷ୍ଟେଲ ୱାର୍ଡେନ୍ ଏହି ଅପରାଧରେ ସହଯୋଗ କରୁଥିବା ସେ କହିଥିଲେ। ନାବାଳିକାଙ୍କୁ ପ୍ରଲୋଭିତ କରିବା ଉଦ୍ଦେଶ୍ୟରେ ପ୍ରିନ୍ସିପାଲ ତାଙ୍କୁ ନିଜ ଘରକୁ ନେଇ ଅଧଃଖ ନାବାଳିକାଙ୍କୁ ଗୁପଚୁପ, ଚାଉମିନ, ଆଇସକ୍ରିମ ଆଦି ଖାଇବାକୁ ଦେବା ସହ ଦାମୀ ଉପହାର ମଧ୍ୟ ଦେଉଥିଲେ ନାବାଳିକା ପଚରାଉଚରା ସମୟରେ କହିଥିବା ଜଣାପଡ଼ିଛି। ଏନେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ସପୋର୍ଟ ଶିଶୁ ଗୃହର ପରିଚାଳକ ଚନ୍ଦ୍ରଶେଖର ସାହୁ ଓ କାଉନ୍‌ସିଲର ସୁଭଦ୍ରା ସାହୁ ପୀଡ଼ିତାଙ୍କ ସହ ବାରକୋଟ ଥାନାରେ ପହଞ୍ଚି ଉକ୍ତ ପ୍ରିନ୍ସିପାଲଙ୍କ ବିରୋଧରେ ଏତଲା ଦେଇଛନ୍ତି। ବାରକୋଟ ପୁଲିସ ପକ୍ଷରୁ ଏକ ମାମଲା ଦରଜ କରାଯାଇ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

## ଜାତି ଆଧାରିତ କୋଟା ବିରୁଦ୍ଧରେ ସାଧାରଣ ବର୍ଗର ଶୋଭାଯାତ୍ରା

ଭୁବନେଶ୍ୱର, ୧୯।୪ (ସଂଚାର ବ୍ୟୁରୋ):ରାଜଧାନୀ ଭୁବନେଶ୍ୱରରେ ରବିବାର ସାଧାରଣ ବର୍ଗର ନାଗରିକଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ୟୁଜିସି ବିଲ୍ ଓ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା କ୍ଷେତ୍ରରେ ବର୍ଦ୍ଧିତ ଜାତି ଆଧାରିତ ସଂରକ୍ଷଣ ପ୍ରତ୍ୟାହାର ଦାବିରେ ଏକ ବ୍ୟାପକ ବିକ୍ଷୋଭ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଆନ୍ଦୋଳନରେ ଶତାଧିକ ସଚେତନ ନାଗରିକଙ୍କ ସମେତ ବିଭିନ୍ନ ସାମାଜିକ ଓ ଧାର୍ମିକ ସଂଗଠନ ପ୍ରତିନିଧିମାନେ ସମ୍ମିଳିତ ହୋଇଥିଲେ। ରାଜଧାନୀ ନାଗରିକ ମଞ୍ଚର ସଦସ୍ୟା ଟାଇଫୁନ୍ ପରିଜା କହିଛନ୍ତି ଯେ, ଆଜିର ପରିସ୍ଥିତିରେ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନେ ଶିକ୍ଷା, ଚାକିରି ଓ ସୁଯୋଗ କ୍ଷେତ୍ରରେ ଅନିଶ୍ଚିତତା ଓ ବିଷମତାର ସମ୍ମୁଖୀନ ହେଉଛନ୍ତି। ବସୁଧୈବ ପରିବାରର ରାଜ୍ୟ ସଂଯୋଜକ ସୁଶାନ୍ତ କୁମାର ମିଶ୍ର କହିଥିଲେ ଯେ, ସାମାଜିକ ନ୍ୟାୟ ନାମରେ ଗଠିତ ନୀତିଗୁଡ଼ିକ ସମାଜରେ ବିଷମତାକୁ ବଢ଼ାଉଛି ଓ ଏହା ସାଧାରଣ ବର୍ଗର ଯୁବପିଢ଼ିଙ୍କ ଭବିଷ୍ୟତକୁ ଅନିଶ୍ଚିତ କରୁଛି। ଡାକ୍ତରୀ, ଇଞ୍ଜିନିୟରିଂ ଓ ମ୍ୟାନେଜମେଣ୍ଟ ଭଳି ଉଚ୍ଚଶିକ୍ଷାରେ ବର୍ଦ୍ଧିତ ଜାତିକୋଟା ଯୋଗ୍ୟତା ଓ ପ୍ରତିଭାର ଅବମୂଲ୍ୟାୟନ କରୁଛି ବୋଲି ରାଷ୍ଟ୍ରୀୟ ହିନ୍ଦୁ ସଂଗଠନ ପକ୍ଷରୁ କେନ୍ଦ୍ରୀୟ ପ୍ରକୋଷ୍ଠ ଉପାଧ୍ୟକ୍ଷ ଜେନେରାଲ ଦୀନବନ୍ଧୁ ଷଡ଼ଙ୍ଗୀ କହିଛନ୍ତି। ଛାତ୍ରଛାତ୍ରୀମାନେ ନିଟ୍ ଓ ଇଞ୍ଜିନିୟରିଂ ପରୀକ୍ଷା ପାଇଁ କଠିନ ପ୍ରସ୍ତୁତି କରୁଥିବା ବେଳେ ଏପରି ନୀତିଗତ ପରିବର୍ତ୍ତନ ସାଧାରଣ ବର୍ଗର ଛାତ୍ରଛାତ୍ରୀଙ୍କ ମନୋବଳକୁ ଦୁର୍ବଳ କରୁଛି। ସରକାର ତୁରନ୍ତ ଏ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ବ୍ରହ୍ମପୁର ନାଗରିକ ମଞ୍ଚର ଆବାହକ ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ ଦାବି କରିଛନ୍ତି। ସେହିପରି ସ୍ନେହୀ ସମାଜର ଅମରେନ୍ଦ୍ର ପ୍ରସାଦ ସାହୁ କହିଥିଲେ ଯେ, କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କ ନୀତି ସାଧାରଣ ବର୍ଗ ପ୍ରତି ବୈମାତୃକ ଭାବପ୍ରକାଶ କରୁଛି। ସରକାର ଜାତି ଆଧାରିତ ବିଲ୍ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ସେ ଦାବି ରଖିଛନ୍ତି। ଏହି ଅବସରରେ ଅନୁସୂଚିତ ବର୍ଗର ପ୍ରତିନିଧି ନମିତା ମାଝି ଯୋଗଦେଇ ସମାଜରେ ଏକତା ଓ ସମନ୍ୱୟର ବାତାବରଣ ସପକ୍ଷରେ ମତ ପ୍ରକାଶ କରିଥିଲେ। ଅଖିଳ ଭାରତୀୟ ହିନ୍ଦୁ ମହାସଭାର ପ୍ରଦେଶ ସଭାପତି ସରିତା ପଣ୍ଡା ଏହି ଅବସରରେ ସରକାରଙ୍କ ନୀତିକୁ ମାନବତା ବିରୋଧୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଶିଶିର ମହାପାତ୍ର, ସୁକାନ୍ତ ମହାନ୍ତି, ଲକ୍ଷ୍ମଣ ଚୌଧୁରୀ, ଗଜାନନ ତ୍ରିପାଠୀ, ମାନସ ପ୍ରୀତମ୍ ରାଉତ, ମହେଶ ପଣ୍ଡା , ସୌଦାମିନୀ ସାମନ୍ତରାୟ, ରମାକାନ୍ତ ମିଶ୍ର, ପ୍ରିୟବ୍ରତ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ସାମ୍ବାଦିକଙ୍କୁ ୫ହଜାର ଭତ୍ତା

● ବିଜେପି ସଭାପତିଙ୍କ ଘୋଷଣା



କୋଲକାତା, ୧୯।୪ (ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ସାମ୍ବାଦିକଙ୍କ ପାଇଁ ରାଜ୍ୟ ବିଜେପି ବଡ ଘୋଷଣା କରିଛି। ବିଜେପି ଯଦି ପଶ୍ଚିମବଙ୍ଗ ନିର୍ବାଚନରେ ଯଦି ବିଜେପି କ୍ଷମତାକୁ ଆସେ ତେବେ ସାମ୍ବାଦିଙ୍କୁ ମାସିକ ୫ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବ। ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସଭାପତି ସାମିକ ଭଟ୍ଟାଚାର୍ଯ୍ୟ ଏହି ଘୋଷଣା କରିଛନ୍ତି। ଏହି ଭତ୍ତା ସୁବିଧା କେବଳ ପଶ୍ଚିମବଙ୍ଗର ସବୁ ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କୁ ପ୍ରଦାନ କରାଯିବ। ସରକାର ଏଥିପାଇଁ ସ୍ୱତନ୍ତ୍ର ମାନଦଣ୍ଡ ନିର୍ଦ୍ଧାରଣ କରିବେ। ଯେଉଁ ସମ୍ବାଦିକମାନେ ଏହି ମାନଦଣ୍ଡ ପୂରଣ କରୁଥିବେ ସେମାନେ ସମସ୍ତେ ଏହି ଭତ୍ତା ପାଇବାକୁ ଯୋଗ୍ୟ ହେବେ। ଏଥିରେ କୌଣସି ତାରତମ୍ୟ କରାଯିବ ନାହିଁ ବୋଲି ସେ କହିଛନ୍ତି। ସାମ୍ବାଦିକଙ୍କ ଲେଖିବାର ସ୍ୱାଧୀନତାକୁ ନେଇ ସେ କୌଣସି ପ୍ରଶ୍ନ ଉଠାଇ ନାହାନ୍ତି କି ଭତ୍ତା ପ୍ରଦାନ ସମୟରେ ମଧ୍ୟ ଏଥିରେ ବାଛବିଚାର କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଭତ୍ତା ପରିମାଣ ଯଥେଷ୍ଟ ନୁହେଁ, ଏହା କେବଳ ସାମ୍ବାଦିକଙ୍କୁ ସରକାରଙ୍କ ପକ୍ଷରୁ ଏକପ୍ରକାର ଆର୍ଥିକ ସହାୟତା ସାଙ୍ଗକୁ ପାରିବାରିକ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ହେବ ବୋଲି ସେ କହିଛନ୍ତି। ତେବେ ସରକାର ଗଠନ ପରେ ଏଦିଗରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ମାନଦଣ୍ଡ ନିର୍ଦ୍ଧାରଣ କରାଯିବ ବୋଲି ସେ କହିଛନ୍ତି।

## ରୋଷେଇ ବେଳେ ବିସ୍ଫୋରଣ, ଜଳିଗଲା ୩ ଘର

ଦିଗପହଣ୍ଡି,୧୯।୪(ସଂଚାର ବ୍ୟୁରୋ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ଦଳିତ ସାହିରେ ଭୟାବହ ଅଗ୍ନିକାଣ୍ଡ ଘଟି ୩ ପରିବାରର ଚାଳ ଛପର ଘର ଜଳି ଯାଇଛି। ରବିବାର ସନ୍ଧ୍ୟାରେ ରୋଷେଇ ଗ୍ୟାସ ସିଲିଣ୍ଡର ଲିକ୍ ହୋଇ ବିସ୍ଫୋରଣ ହେବାପରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ସୁଗ୍ରୀବ ନାଇକ, ସୁଶୀଳା ନାଇକ ପ୍ରମୁଖଙ୍କ ଘର ଜଳି ଯାଇଛି। ଖବରପାଇ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନି ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ୨୫ କ୍ୱିଣ୍ଟାଲ ମହୁଲ ଜବତ



ଥୁଆମୂଳ ରାମପୁର,୧୯।୪(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ପକ୍ଷରୁ ଚଢ଼ାଉ କରାଯାଇ ପ୍ରାୟ ୨୫ କୁଇଣ୍ଟାଲ ମହୁଲ ବୋଝେଇ ଏକ ପିକଅପ୍ ଭ୍ୟାନକୁ ଜବତ କରାଯାଇଛି। ଥୁଆମୂଳ ରାମପୁର ବ୍ଲକର ଲିଲିଙ୍ଗପଦର ଗ୍ରାମରୁ ଏକ ପିକଅପ୍ ଭ୍ୟାନରେ ବିପୁଳ ପରିମାଣର ମହୁଲ ଜୁନାଗଡ଼ ଅଞ୍ଚଳକୁ ଚାଲାଣ ହେଉଥିଲା। ବିଶେଷ ସୂତ୍ରରୁ ଖବର ପାଇ ଥୁଆମୂଳ ରାମପୁର ଅବକାରୀ ବିଭାଗ କର୍ଲାପାଟ ଅଞ୍ଚଳରେ ଚଢ଼ାଉ କରି ଗାଡ଼ିଟିକୁ ଅଟକାଇଥିଲେ। ଯାଞ୍ଚ ସମୟରେ ଗାଡ଼ିରୁ ପ୍ରାୟ ୨୫ କୁଇଣ୍ଟାଲ ମହୁଲ ମିଳିଥିଲା। ଜବତ ମହୁଲକୁ ପରବର୍ତ୍ତୀ ସମୟରେ ଲାଠିଆଗୁଡ଼ା ମଦ ଭାଟିରେ ଜିମା ଦିଆଯାଇଛି। ଏ ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି।

## ବାର୍ହା ଆକ୍ରମଣରେ ଯୁବକ ଗୁରୁତର



ପାରଳାଖେମୁଣ୍ଡି,୧୯।୪(ସଂଚାର ବ୍ୟୁରୋ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ତରଙ୍ଗଡ଼ା ପଞ୍ଚାୟତ ଦେବଗିରି ରେଞ୍ଜ ଅନ୍ତର୍ଗତ ତାମସିଂ ଗ୍ରାମରେ ଏକ ବାର୍ହା ଆକ୍ରମଣ କରିବା ଫଳରେ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ଯୁବକ ଜୈରାସ ରଇତ (୨୮) ଗତକାଲି ଘରୁ ବାହାରକୁ ଯିବା ସମୟରେ ଅଚାନକ ତାଙ୍କୁ ଉକ୍ତ ଜଙ୍ଗଲୀ ବାର୍ହାଟି ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଓ ଗ୍ରାମବାସୀ ଚିକିତ୍ସା ପାଇଁ ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥାରେ କୌଣସି ସୁଧାର ନ ଆସିବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ତେବେ ଏହି ଘଟଣା ନେଇ ବନ ବିଭାଗ ପାଖରେ କୌଣସି ଖବର ଅଛି କି ନାହିଁ, ସେ ସମ୍ପର୍କରେ କିଛି ବି ଜଣାପଡ଼ିନାହିଁ। କିନ୍ତୁ ଆବେଦନ କଲେ ପରିବାରକୁ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିବା ଜଣାପଡ଼ିଛି।

## ନିଷିଦ୍ଧାଞ୍ଚଳରୁ ବାଲି ଉଠାଣ, ୧୩ ଟ୍ରାକ୍ଟର୍ ଜବତ



କବିସୂର୍ଯ୍ୟନଗର,୧୯।୪(ସଂଚାର ବ୍ୟୁରୋ): କବିସୂର୍ଯ୍ୟନଗର ବ୍ଲକ୍ ମହାଛାଇ ନିକଟରେ ଗତକାଲି ବିଳମ୍ବିତ ସନ୍ଧ୍ୟାରେ ମିଳିତ ଚଢ଼ାଉ କରି ୧୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଛି। ମହାଛାଇ ବାଲିଘାଟରେ ପୂର୍ବରୁ ପ୍ରଶାସନ ପକ୍ଷରୁ ବେଆଇନ ବାଲି ଚାଲାଣକୁ ରୋକିବା ପାଇଁ ୧୬୩ ଧାରା ଜାରି ହୋଇଥିଲା। କିନ୍ତୁ ମାଫିଆମାନେ ଏହାକୁ ଉଲ୍ଲଂଘନ କରି ବାଲିଚାଲାଣ ଜାରି ରଖିଥିଲେ। ଏହି ସୂଚନା ପାଇ ଖଣି ବିଭାଗ, ପୁଲିସ ଓ ତହସିଲ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଚଢ଼ାଉ ହୋଇଥିଲା। ସେଠାରେ ବାଲି ବୋଝେଇ ହୋଇ ରହିଥିବା ୧୩ଟି ଟ୍ରାକ୍ଟର୍‌କୁ ଜବତ କରାଯାଇଥିଲା। କିନ୍ତୁ କୌଣସି ସୂତ୍ରରୁ ସୂଚନା ପାଇ ଉକ୍ତ ଟ୍ରାକ୍ଟରର ଚାଳକମାନେ ଫେରାର ହୋଇଯାଇଥିଲେ। ଗାଡ଼ିଗୁଡ଼ିକୁ ଥାନାକୁ ଅଣାଯିବା ସହ ଅଧିକ ତଦନ୍ତ କରାଯାଉଥିବା ପ୍ରୋବେସନାରୀ ଆଇପିଏସ୍ ଅଧିକାରୀ ନିତେଶ କୁମାର ମିଶ୍ର କହିଛନ୍ତି। ଏନେଇ ପୁରୁଷୋତ୍ତମପୁର ମାଇନିଂ ଅଧିକାରୀଙ୍କ ପକ୍ଷରୁ ଥାନାରେ ମଧ୍ୟ ଏକ ଲିଖିତ ଅଭିଯୋଗ କରାଯାଇଛି।

## ମାନସିକ ଭିନ୍ନକ୍ଷମଙ୍କ ନାରକୀୟ କାଣ୍ଡ: ଗାଁ ଦାଣ୍ଡ ରକ୍ତରଞ୍ଜିତ

ସୁନ୍ଦରଗଡ଼,୧୯।୪(ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗ୍ରାମର ଲଖୁଆପଡ଼ା ଗାଁଦାଣ୍ଡ ଶନିବାର ରାତିରେ ରକ୍ତରଞ୍ଜିତ ହୋଇଛି। ଜଣେ ମାନସିକ ଭିନ୍ନକ୍ଷମ ଯୁବକ ଗାଁ ଦାଣ୍ଡରେ ଶୋଇଥିବା ଲୋକଙ୍କୁ ଶାବଳରେ ଆକ୍ରମଣ କରିବାରୁ ଏଥିରେ ମୋଟ ୯ ଜଣ ମହିଳା ଓ ପୁରୁଷ ଗୁରୁତର ଭାବେ ଆହତ ହୋଇଛନ୍ତି।

ଘଟଣା ଅନୁଯାୟୀ, ପ୍ରଚଣ୍ଡ ଗରମ ଯୋଗୁଁ ଗାଁଦାଣ୍ଡରେ ଲୋକେ ଶୋଇଥିବା ବେଳେ ଗ୍ରାମର ୩୫ ବର୍ଷୀୟ ଯୋଗେଶ୍ୱର ଚମାର ଏକ ଶାବଳ ଧରି ରାତି ସାଢ଼େ ୧୧ଟାରେ ଘରୁ ବାହାରିଥିଲେ। ସେ ପ୍ରଥମେ ରାସ୍ତାରେ ଖଟ ପକାଇ ଶୋଇଥିବା ରାଜ କୁମାର ବରୁଆଙ୍କୁ ପ୍ରଥମେ ଶାବଳରେ ଆକ୍ରମଣ କରିଥିଲେ। ରାଜକୁମାର ଯନ୍ତ୍ରଣାରେ ଚିତ୍କାର କରିବାରୁ ତାଙ୍କ ସ୍ତ୍ରୀ ସୁଭଦ୍ରା, ଭଉଣୀ ଯଶୋଦା ଓ ଭାଉଜ ଚଞ୍ଚଳା ବରୁଆ ଘରୁ ବାହାରକୁ ଚାଲିଆସିଥିଲେ। ତେବେ ଯୋଗେଶ୍ୱର ସେମାନଙ୍କୁ ବି ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ। ସେହିପରି ଯୋଗେଶ୍ୱରଙ୍କୁ କାବୁ କରିବାକୁ ଉଦ୍ୟମ କରିବା ସମୟରେ ବସନ୍ତ ଲେହେରି, ବିକାଶ ଲେହେରୀ, ସନ୍ତୋଷ ନାଗ ଓ ସୁରଜମନୀ ନାଗ ମଧ୍ୟ ଆକ୍ରମଣରେ ଆହତ ହୋଇଥିଲେ। ଶେଷରେ ବହୁ କଷ୍ଟରେ ଯୋଗେଶ୍ୱରଙ୍କୁ କାବୁ କରିବା ସହ ସ୍ଥାନୀୟ ଲୋକେ ପୁଲିସକୁ ଜଣାଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ବ୍ୟବସ୍ଥା କରିବା ସହ ଯୋଗେଶ୍ୱରଙ୍କୁ ଗିରଫ କରିଥିଲା। ପରେ ଯୋଗେଶ୍ୱରଙ୍କୁ ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କ୍ୟାରିଅର୍...

ପାଇଁ ମଧ୍ୟ ଏକ ସ୍ମରଣୀୟ ମୁହୂର୍ତ୍ତ। ଏହି ପ୍ରକଳ୍ପ ଦେଶରେ ପ୍ରଥମ ଥର ପାଇଁ ଏକ ଅତ୍ୟାଧୁନିକ ଥ୍ରୀ-ଡି ଗ୍ଲାସ ସବଷ୍ଟ୍ରେଟ୍ ପ୍ୟାକେଜିଙ୍ଗ ସୁବିଧା ସୃଷ୍ଟି କରିବ। ଏହି ୟୁନିଟରେ ଉତ୍ପାଦିତ କମ୍ପୋନେଣ୍ଟଗୁଡ଼ିକ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ହାଇ ପର୍ଫର୍ମାନ୍ସ କମ୍ପ୍ୟୁଟିଂ ଓ ପ୍ରତିରକ୍ଷା ଇଲେକ୍ଟ୍ରୋନିକ୍ସ ଭଳି ବିକାଶଶୀଳ କ୍ଷେତ୍ରରେ ଗୁରୁତ୍ୱ ଅର୍ଜନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଇଣ୍ଟେଲ, ଲକହେଡ ମାର୍ଟିନ ଓ ଆପ୍ଲାଏଡ ମାଟେରିଆଲ୍ସ ପରି ବିଶ୍ୱସ୍ତରୀୟ ସଂସ୍ଥାମାନେ ଥ୍ରୀ-ଡି ଗ୍ଲାସ ସଲ୍ୟୁସନ ସହ ଯୋଡିହେବା ଓଡ଼ିଶା ପ୍ରତି ବିଶ୍ୱର ବୃଦ୍ଧି ପାଉଥିବା ଭରସାର ପ୍ରମାଣ। ଓଡ଼ିଶା ଆଜି ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ ହୋଇପାରିଛି। ପ୍ରାୟ ୨ ହଜାର କୋଟି ଟଙ୍କା ନିବେଶରେ ସ୍ଥାପିତ ହେଉଥିବା ଏହି ପ୍ରକଳ୍ପ ବର୍ଷକୁ ୭୦ ହଜାର ଗ୍ଲାସ ପ୍ୟାନେଲ, ୫୦ ମିଲିୟନ ଆସେମ୍ବଲ୍ଡ ୟୁନିଟ ଏବଂ ୧୩,୨୦୦ ଅତ୍ୟାଧୁନିକ ଥ୍ରୀ-ଡିଏଚଆଇ ମଡ୍ୟୁଲ୍ ଉତ୍ପାଦନ କରିବ। ଏହାଦ୍ୱାରା ରାଜ୍ୟରେ ପ୍ରାୟ ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶାରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଏପର୍ଯ୍ୟନ୍ତ ୧୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ ଆସିସାରିଛି। ଆଇଆଇଆର ପାଓ୍ୱାର ଇଲେକ୍ଟ୍ରୋନିକ୍ସ ଓ ସିସକମ ପରି ସଂସ୍ଥାମାନେ ପୂର୍ବରୁ ରାଜ୍ୟରେ ୟୁନିଟ୍ ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ଭିଜନରେ ଓଡ଼ିଶା ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ। ପୂର୍ବ ଭାରତରେ ଓଡ଼ିଶା ଆତ୍ମନିର୍ଭର ଭାରତର ଲଞ୍ଚପ୍ୟାଡ ହେବ ବୋଲି ସେ କହିଥିଲେ। ଓଡ଼ିଶା କାହିଁକି ନିବେଶକମାନଙ୍କର ପ୍ରଥମ ପସନ୍ଦ, ତାହାର ପାଞ୍ଚଟି କାରଣ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିପୁଳ ପ୍ରାକୃତିକ ସମ୍ବଳ, ବିଶ୍ୱସ୍ତରୀୟ ଭିତ୍ତିଭୂମି, ଦକ୍ଷ ଯୁବଶକ୍ତି, ଶକ୍ତିଶାଳୀ କନେକ୍ଟିଭିଟି ଏବଂ ରେସ୍ପନସିଭ ଗଭର୍ଣ୍ଣାନ୍ସ। ଏହା ଓଡ଼ିଶାର ଛାତ୍ରଛାତ୍ରୀ ଓ ଇଞ୍ଜିନିୟରମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗର ସମୟ। ସେମାନେ ନିଜକୁ ଦକ୍ଷ କରି ଏହି ଉଦୟମାନ କ୍ଷେତ୍ରରେ ଅଗ୍ରସର ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ। ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଓଡ଼ିଶା ଏକ ଆଦର୍ଶ ଗନ୍ତବ୍ୟସ୍ଥଳୀ ଭାବେ ଉଭୁକ୍ତ ହୋଇଛି। ଆମ ପାଖରେ ସମ୍ବଳ ଅଛି, ପ୍ରତିଭା ଅଛି, ଭିତ୍ତିଭୂମି ଅଛି, ସଂକଳ୍ପ ଅଛି। ଆଗାମୀ ଟେକ୍ନୋଲୋଜି ଗଢ଼ିବାକୁ ଚାହୁଁଥିଲେ - ଓଡ଼ିଶା ଆପଣଙ୍କ ଡେଷ୍ଟିନେସନ, ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ଶାସନ ସଚିବ ଅମିତେଶ ସିହ୍ନା, ଥ୍ରୀ-ଡି ଗ୍ଲାସ ସଲ୍ୟୁସନର ପ୍ରେସିଡେଣ୍ଟ ଓ ସିଇଓ ବାବୁ ମନ୍ଧାବାଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ।

### ବିଜେଡିରେ...

ରାଜନୈତିକ କ୍ୟାରିୟରକୁ ନଷ୍ଟ କରିବା ସକାଶେ ଚକ୍ରାନ୍ତ କରିଥିଲେ, ସେମାନଙ୍କୁ ମଧ୍ୟ ପ୍ରଭୁ ଠିକଣା ଜବାବ ଦେଇଛନ୍ତି ବୋଲି ପ୍ରଭାତ କହିଛନ୍ତି। ବବି ଦାସ ନିଜ ଘରେ ଭାଇ ଭାଇ ଭିତରେ ଫାଟ ସୃଷ୍ଟି କରାଇଛନ୍ତି। ତାଙ୍କ ବିରୋଧରେ ସିବିଆଇରେ ମିଛ ଡକ୍ୟୁମେଣ୍ଟ ଦାଖଲ କରି ତାଙ୍କୁ ଗିରଫ କରାଇବାରେ ବବି ଦାସ ସୂତ୍ରଧର ସାଜିଥିଲା ବୋଲି ପ୍ରଭାତ ଅଭିଯୋଗ କରିଛନ୍ତି। ଏଥିସହ ସେ ଆହୁରି ଅଭିଯୋଗ କରିଛନ୍ତି ଯେ କ୍ଷମତା ଯେଉଁଠି ସେଠି ପ୍ରଭାତ ବିଶ୍ୱାଳ ନ ଥାଏ, ବରଂ ଥାଏ ବବି ଦାସ।

### ୧୩ ଜିଲ୍ଲାରେ...

୯ଟି ଜିଲ୍ଲାରେ ଆଜି ଆହୁରି ୪ଟି ଜିଲ୍ଲାରେ ଏହି ଘୋଷଣା କରାଯାଇଛି। ଏହିସବୁ ଜିଲ୍ଲା ହେଲା ସମ୍ବଲପୁର, ନୂଆପଡ଼ା, ଝାରସୁଗୁଡ଼ା, ସୋନପୁର, କଳାହାଣ୍ଡି, ବଲାଙ୍ଗିର, ନବରଙ୍ଗପୁର, ବୌଦ୍ଧ, ମୟୂରଭଞ୍ଜ, ଦେବଗଡ଼, ଖୋର୍ଦ୍ଧା, କଟକ ଓ ନୟାଗଡ଼। ଏହିସବୁ ଜିଲ୍ଲାରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ବି ବନ୍ଦ ରହିବ। କିନ୍ତୁ ପରୀକ୍ଷା ଚାଲିଥିଲେ, ସତର୍କତା ମୂଳକ ପଦକ୍ଷେପ ସହ ସକାଳ ବେଳା ଏହା ଜାରି ରଖିବା ସକାଶେ କୁହାଯାଇଛି।

### ନେତାଙ୍କ...

ବୈଠକରେ ଯୋଗଦେଇଛନ୍ତି। ଯଦିଓ ଦଳର ବରିଷ୍ଠ ନେତାମାନେ ଖୋଲାଖୋଲି କିଛି କହିପାରୁନାହାନ୍ତି, କିନ୍ତୁ ଏହାକୁ ଅନେକ ସହଜରେ ବି ଗ୍ରହଣ କରିପାରୁନାହାନ୍ତି। କଂଗ୍ରେସ ସହ କାନ୍ଧରେ କାନ୍ଧ ମିଳାଇ କେତେ ଜଣ ବିଜେଡି ନେତା ଚାଲିବେ ତାହା ଦେଖିବାକୁ ବାକି ରହିଲା ବୋଲି କର୍ମୀମାନେ କହିଲେଣି। ଦୁଇ ବିରୋଧୀ ଦଳରେ ଏଭଳି ସ୍ଥିତି କିନ୍ତୁ ଶାସକ ବିଜେପିକୁ ବେଶ୍ ସୁହାଇଛି। ଜାତୀୟ ସ୍ତରରେ କଂଗ୍ରେସ ବିଜେପିକୁ ଜୋରଦାର ବିରୋଧ କରୁଥିବା ବେଳେ ଓଡ଼ିଶାରେ କିନ୍ତୁ ବିରୋଧ ପାଇଁ ଦଳର ବଳ ପାଉନାହିଁ। ସେହିଭଳି ବିଜେଡି ନେତାମାନେ ମଧ୍ୟ କେବଳ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କୁ ବିରୋଧ କରିବାରେ ଲାଗିଛନ୍ତି। ଦୁଇ ବିରୋଧୀ ଦଳ ନିଇତି ଏକାଧିକ ସାମ୍ବାଦିକ ସମ୍ମିଳନୀ କରୁଥିବା ବେଳେ ଏଥିପାଇଁ ଏମାନଙ୍କୁ ଆଗଧାଡ଼ିର ନେତା ମିଳୁ ନ ଥିବା ଲକ୍ଷ୍ୟ କରାଯାଉଛି। ଉଭୟ ବିଜେଡି ଓ କଂଗ୍ରେସ ସରକାରଙ୍କ ବିରୁଦ୍ଧରେ ଯିବା ପାଇଁ ପରସ୍ପର ଉପରେ ନିର୍ଭରଶୀଳ ହୋଇଥିବା ବେଳେ କର୍ମୀମାନେ କିନ୍ତୁ କେହି କାହାର ହାତ ଧରିବାକୁ ରାଜି ନାହାନ୍ତି। ଏଭଳି ସ୍ଥିତିରେ ଦୁଇ ଦଳ କିଭଳି ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଲଢ଼ିବେ ଏବଂ ଡବଲ ଇଞ୍ଜିନ ସରକାରକୁ ଟକ୍କର ଦେବେ, ତାହାକୁ ନେଇ ଦୁଇ ଦଳର କର୍ମୀଙ୍କ ମଧ୍ୟରେ ଆଲୋଚନା ଜୋର୍ ଧରିଛି।

### ସାଂସଦ...

ଓଡ଼ିଶାର ପ୍ରତିନିଧିତ୍ୱ ୫୦ ପ୍ରତିଶତ ବଢ଼ିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ସ୍ପଷ୍ଟ କରିଛନ୍ତି। ଫଳରେ ଓଡ଼ିଶାର ଲୋକସଭା ଆସନ ସଂଖ୍ୟା ୨୧ରୁ ବୃଦ୍ଧି ପାଇ ୩୨ରେ ପହଞ୍ଚିବ। ଏହାଦ୍ୱାରା ଅତି କମ୍‌ରେ ୧୧ ଜଣ ମହିଳା ନୂଆ ସାଂସଦ ଭାବେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ। ବର୍ତ୍ତମାନ ଦେଶର ଲୋକସଭା ସିଟ୍ ଆଧାରରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୮୭ ପ୍ରତିଶତ ଥିବା ବେଳେ ଏହି ଆସନ ବଢ଼ିଲେ ୩.୯୧ ପ୍ରତିଶତକୁ ବୃଦ୍ଧି ପାଇବ, ଯାହାଦ୍ୱାରା ଜାତୀୟ ସ୍ତରରେ ଓଡ଼ିଶାର ଭୂମିକା ସୁଦୃଢ଼ ହେବ। ନବୀନବାବୁଙ୍କ ଭଳି ବ୍ୟକ୍ତିଙ୍କଠାରୁ ସତ୍ୟ ଅଧାରିତ ତଥ୍ୟ ଅପେକ୍ଷା କରାଯାଏ। ମିଥ୍ୟା ପ୍ରଚାର ନ କରି ତଥ୍ୟଭିତ୍ତିକ ସତ୍ୟ ପ୍ରକାଶ କଲେ ଓଡ଼ିଶାର ପ୍ରକୃତ ହିତ ସାଧିତ ହେବ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି।

### ୨୩ କର୍ମଚାରୀ...

ଦଳର ୧୩ ଜଣ ସଦସ୍ୟ ବି ଆହତ ହୋଇଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସେହିପରି ସମସ୍ତ ଗୁରୁତରଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ପ୍ରଶାସନ ସମଗ୍ର ଅଞ୍ଚଳକୁ ସିଲ୍ କରିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ବାଣ ତିଆରି ବେଳେ ସୁରକ୍ଷା ନିୟମର ଉଲ୍ଲଂଘନ ଯୋଗୁଁ ଏହି ଅଘଟଣ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ବିଶେଷକରି ଆଜି ରବିବାରର କାରଖାନା କାହିଁକି ଖୋଲା ଯାଇଥିଲା, ତା'କୁ ନେଇ ପ୍ରଶ୍ନ ଉଠିଛି। ଏହି ଘଟଣା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକ ବ୍ୟକ୍ତ କରିବା ସହ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏହାଛଡ଼ା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଓ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧି ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ତୁରନ୍ତ ପ୍ରଭାବିତଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ଅର୍ଥ ମନ୍ତ୍ରୀ ଥଙ୍ଗମ୍ ଥେନାରାସୁ ପ୍ରଭାବିତ ଅଞ୍ଚଳରେ ପହଞ୍ଚିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ୧୩ ତାରିଖରେ ବିରୁଧୁନଗର ଜିଲ୍ଲାର ସତ୍ତୁର ନଗର ନିକଟସ୍ଥ ମଦଥୁପଟ୍ଟି ଗ୍ରାମରେ ମଧ୍ୟ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟିଥିଲା।

# ଅନୁକମ୍ପାମୂଳକ ନିଯୁକ୍ତି, ଆଦେଶ ମାନୁନାହାନ୍ତି ଅଧସ୍ତନ ଦପ୍ତର

ଭୁବନେଶ୍ୱର,୧୯।୪: ନ୍ୟାୟାଳୟଙ୍କ ନିର୍ଦ୍ଦିଷ୍ଟ ରାୟ ଓ ଏହାର ଅନୁପାଳନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଆଡଭୋକେଟ୍ ଜେନେରାଲଙ୍କୁ ଚିଠି ଓ ସର୍ବୋପରି ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଅମଲାତାନ୍ତ୍ରିକ କାରସାଦି ଯୋଗୁଁ ଜଣେ ମହିଳାଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ଠିକଣା ଭାବେ ଦିଆଯାଇପାରୁନାହିଁ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର 'ନାରୀ ଶକ୍ତି ବନ୍ଦନ' ଉପରେ ବିଶେଷ ଗୁରୁତ୍ୱାରୋପ କରୁଥିବା ବେଳେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ଥିବା ଜଳ ସମ୍ପଦ ବିଭାଗର ତଳିଆ କର୍ମଚାରୀଙ୍କ ଷଡ଼ଯନ୍ତ୍ର ଯୋଗୁ ଏଭଳି ଘଟୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଶାସକ ଦଳର କେତେକ ବିଧାୟକ ମଧ୍ୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

୨୦୧୮ରେ ଜଳ ସମ୍ପଦ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ପତ୍ନୀ ଅନୁକମ୍ପାମୂଳକ ନିଯୁକ୍ତି ଲାଗି ଆବେଦନ କରିଥିଲେ। ଆବେଦନକାରିଣୀ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ ବି ତାଙ୍କ ନିଯୁକ୍ତିକୁ ଅମଲାତାନ୍ତ୍ରିକ କାରସାଦି ଯୋଗୁ ଅଯଥାରେ ବିଳମ୍ବ କରାଯାଇଥିଲା। ତେଣୁ ସେ ବାଧ୍ୟ ହୋଇ ଓଡ଼ିଶା ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଉଭୟ ପକ୍ଷର ଶୁଣାଣି କରିବା ପରେ ଆବେଦନକାରିଣୀଙ୍କୁ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଆଧାରରେ ନିଯୁକ୍ତି ଦେବା ଲାଗି ପଦକ୍ଷେପ ନେବାକୁ ହାଇକୋର୍ଟ କହିଥିଲେ।

ଏହି ପ୍ରସଙ୍ଗରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଗୁଡ଼ିଏ ମାମଲା ସୁପ୍ରିମକୋର୍ଟରେ ରୁଜୁ କରାଯାଇଥିଲା। ବିଶେଷକରି ୨୦୨୦ରେ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେଇ ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ କେତେକ ସଂଶୋଧନ ଆଣିଥିଲେ। ତେବେ ଆଇନ୍ ଅଦାଲତ ସ୍ପଷ୍ଟ କରିଦେଇଥିଲେ ଯେ ସଂଶୋଧନ ଆସିବା ପୂର୍ବରୁ ଯେତେସବୁ ଆବେଦନ ରହିଛି ସେ ସବୁକୁ ୧୯୯୦ର ଅନୁକମ୍ପାମୂଳକ ନିଯୁକ୍ତି ନିୟମ ଆଧାରରେ ବିଚାର କରାଯିବା କଥା। ରାଜ୍ୟର ନୂଆ ବିଜେପି ସରକାର ମଧ୍ୟ ଏ ସଂକ୍ରାନ୍ତରେ ସକରାତ୍ମକ ଆଭିମୁଖ୍ୟ ଗ୍ରହଣ କରିବା ପରେ ଆଡଭୋକେଟ୍ ଜେନେରାଲ ସୁପ୍ରିମକୋର୍ଟରେ ତାହା ଉପସ୍ଥାପନ କରିଥିଲେ।

ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ଜଳ ସଂପଦ ବିଭାଗର ଦାୟିତ୍ୱରେ ଥିବାବେଳେ ଆବେଦନକାରୀଙ୍କୁ ଏକ ତୃତୀୟ ଶ୍ରେଣୀ ପଦବୀରେ ୩ ଦିନ ଭିତରେ ନିଯୁକ୍ତି ଦେବା ପାଇଁ ସ୍ପଷ୍ଟ ଭାବେ ବିଭାଗୀୟ ଇଆଇସିଙ୍କୁ ପତ୍ର ଲେଖିଥିଲେ। ଏଥିରେ ବି ଆଡ୍‌ଭୋକେଟ୍ ଜେନେରାଲଙ୍କ ଚିଠି ଓ ଆଇନ୍ ଅଦାଲତଙ୍କ ନିର୍ଦ୍ଦେଶ ଉଲ୍ଲେଖ ଥିଲା। କିନ୍ତୁ ଇଆଇସିଙ୍କ ଦପ୍ତରର କିଛି ନ୍ୟସ୍ତସ୍ୱାର୍ଥ କର୍ମଚାରୀଙ୍କ ଯୋଗୁ ଏହି ନିର୍ଦ୍ଦେଶ ମଧ୍ୟ କାର୍ଯ୍ୟକାରୀ ହୋଇପାରିନଥିଲା। ଏହାପରେ ଜଳ ସଂପଦ ବିଭାଗରୁ ଅନେକ ପତ୍ର ଇଆଇସିଙ୍କ ଦପ୍ତରରୁ ଏ ସଂକ୍ରାନ୍ତରେ ଆସିଛି। ସଚିବାଳୟରୁ ଚାପ ବଢ଼ିବାରୁ ଏବେ ତରବରିଆ ଭାବେ ଆବେଦନକାରିଣୀଙ୍କୁ ଏକ ଚତୁର୍ଥ ଶ୍ରେଣୀ ପଦବୀରେ ଯୋଗଦେବାକୁ କୁହାଯାଇଛି।

ଆଇନ୍ ଅଦାଲତ ତାଙ୍କୁ ଶିକ୍ଷାଗତ ଯୋଗ୍ୟତା ଆଧାରରେ ଅନୁକମ୍ପାମୂଳକ ନିଯୁକ୍ତି ଦେବା ପ୍ରସଂଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଏବଂ ଆବେଦନକାରିଣୀ ଜଣେ ସ୍ନାତୋକତ୍ତର ଡିଗ୍ରୀଧାରୀ ହୋଇଥିବା ପରିପ୍ରେକ୍ଷୀରେ ତାଙ୍କୁ ତୃତୀୟ ଶ୍ରେଣୀ ପଦବୀରେ ୩ଦିନ ଭିତରେ ନିଯୁକ୍ତି ଦେବା ଲାଗି ଜଳ ସଂପଦ ବିଭାଗ ଗତ ଡିସେମ୍ବର ମାସରେ ସ୍ପଷ୍ଟ ଉଲ୍ଲେଖ କରିଥିଲେ ମଧ୍ୟ ବର୍ଷବର୍ଷ ଧରି ଇଆଇସି ଦପ୍ତରରେ ଡେପୁଟେସନ୍‌ରେ ଗାଦି ମାଡ଼ି ବସିଥିବା ଜଣେ ବାବୁଙ୍କ କାରସାଦି ଯୋଗୁ ଏଭଳି ଘଟିଥିବା କୁହାଯାଉଛି। ଏଠାରେ ଉଲ୍ଲେଖନୀୟ ଯେ ଆବେଦନକାରିଣୀ ଜଣେ ଅନୁସୂଚିତ ଜନଜାତି ବର୍ଗର ଓ ତାଙ୍କ ସ୍ୱାମୀ ସହକାରୀ ଯନ୍ତ୍ରୀ ଥିବାବେଳେ ୨୦୧୮ ମସିହାରେ ଅକାଳ ମୃତ୍ୟୁବରଣ କରିଥିଲେ। ଏ ସଂକ୍ରାନ୍ତରେ ଜାଣିବା ପରେ କିଛି ବିଧାୟକ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ତୃତୀୟ ଶ୍ରେଣୀ ପଦବୀରେ ନିଯୁକ୍ତି ଦେବାକୁ କହିଥିବା ଜଣାପଡିଛି।

ଭାତ ହାଣ୍ଡିରୁ ଗୋଟିଏ ଚିପିବା ଭଳି ଏହା ଏକ ଉଦାହରଣ ମାତ୍ର। ବର୍ତ୍ତମାନର ସରକାର ଅନୁକମ୍ପାମୂଳକ ନିଯୁକ୍ତି କ୍ଷେତ୍ରରେ ଉଦାର ମନୋଭାବ ପୋଷଣ କରି ବ୍ୟବସ୍ଥାରେ ସଂଶୋଧନ ଆଣିଥିବାବେଳେ କିଛି ଦୁର୍ନୀତିଗ୍ରସ୍ତ କର୍ମଚାରୀ ଅର୍ଥ ନପାଇଲେ ଅନର୍ଥ ସୃଷ୍ଟି କରି ଆବେଦନକାରୀମାନଙ୍କୁ ଅଯଥାରେ ହଇରାଣ କରୁଛନ୍ତି ବୋଲି ଆଉ କେତେକ ସ୍ଥାନରୁ ମଧ୍ୟ ଅଭିଯୋଗ ଆସୁଛି। (ତଥ୍ୟ)

## ମରାମତି ଅବହେଳାରୁ ଖତ ଖାଉଛି ବିଚାରପତିଙ୍କ ସରକାରୀ ବାସଭବନ



କେନ୍ଦ୍ରାପଡା,୧୯।୪ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଖଡିଅଙ୍ଗଠାରେ ଥିବା ବିଚାରପତିଙ୍କ ସରକାରୀ ବାସଭବନ ମରାମତି ଅବହେଳାରୁ ଖତ ଖାଉଥିବା ଦେଖିବାକୁ ମିଳିଛି । ଖଡିଅଙ୍ଗଠାରେ ଥିବା ସିଭିଲ୍‌ଜର୍ଜଙ୍କ ସରକାରୀ ବାସଭବନ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ମରାମତି ହେଉନଥିବାରୁ ଏହି ବାସଭବନଟି ଦିନକୁ ଦିନ ନଷ୍ଟ ହେଇ ଯାଉଛି । ସହରର ମୁଖ୍ୟ ସ୍ଥାନରେ ଥିବା ମୂଲ୍ୟବାନ ସମ୍ପତିର ରକ୍ଷଣା ବେକ୍ଷଣ କରି ବାସଭବନଟିକୁ ରହିବା ଯୋଗ୍ୟ କରିବା ପାଇଁ ଦାବି ହେଉଛି ।

## ଗଞ୍ଜାମରେ ଆଜିଠାରୁ ଐତିହ୍ୟବାହୀ ଚନ୍ଦନ ଯାତ୍ରା

### ୨୧ ଦିନ ଧରି ଚାଲିବ ଭକ୍ତିର ମହୋତ୍ସବ



ଛତ୍ରପୁର,୧୯।୪ (ସଂଚାର ବ୍ୟୁରୋ)ଃ ଆଜିଠାରୁ ଗଞ୍ଜାମ ସହର ପୁଣିଥରେ ଭକ୍ତି, ପରମ୍ପରା ଓ ଆନନ୍ଦର ରଙ୍ଗରେ ରଙ୍ଗିତ ହେବ। ପ୍ରସିଦ୍ଧ ଚନ୍ଦନ ଯାତ୍ରା ଆରମ୍ଭ ହେଉଥିବା ବେଳେ ସମଗ୍ର ଅଞ୍ଚଳରେ ଉତ୍ସାହ ଦେଖାଯାଉଛି। "୧୨ ବର୍ଷରେ ତେର ପର୍ବ" ପାଇଁ ପରିଚିତ ଗଞ୍ଜାମରେ ଏହି ଯାତ୍ରାର ଗୁରୁତ୍ୱ ନିଆରା। ପବିତ୍ର ଅକ୍ଷୟ ତୃତୀୟାରେ ଆରମ୍ଭ ହେଉଥିବା ଏହି ୨୧ ଦିନିଆ ଯାତ୍ରା ପୂର୍ବରୁ ଶ୍ରୀରାମ ନବମୀ ଦିନେ ଶୁଭ ଖୁଣ୍ଟି ପୋତାଯାଇଥିଲା। ବର୍ତ୍ତମାନ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ମନ୍ଦିର ପକ୍ଷରୁ ସମସ୍ତ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ପ୍ରଥମ ୧୪ ଦିନ ପର୍ଯ୍ୟନ୍ତ ଏହି ଚାପ ଯାତ୍ରା ଚାଲିବା ପରେ ଭଉଁରୀ ଯାତ୍ରା ଆରମ୍ଭ ହୋଇ ୨୧ ଦିନ ପର୍ଯ୍ୟନ୍ତ ଚାଲିବ। ଏହି ସମୟରେ ସାତ ଘେରା ନୌକା ବିହାର ଓ ଭଉଁରୀ ଖେଳ ଦର୍ଶକଙ୍କୁ ଆକର୍ଷିତ କରିବ। ୧୫ରୁ ୨୧ ଦିନ ମଧ୍ୟରେ କାଳିୟ ଦଳନରୁ ଆରମ୍ଭ କରି ଅନନ୍ତ ଶୟନ ପର୍ଯ୍ୟନ୍ତ ୭ଟି ବିଶେଷ ବେଶ ଦର୍ଶନ ହେବ।ଆଲୋକମାଳାରେ ସଜା ଠାକୁର ଓ ନିଆଳି ଡଙ୍ଗା ରାତ୍ରିରେ ଅପୂର୍ବ ଦୃଶ୍ୟ ସୃଷ୍ଟି କରିବ। ଯାତ୍ରାର ଶେଷ ଦିନରେ ଗୋପାଳ ସ୍ୱାମୀ ତ୍ରିବେଣୀ ମଠ ଛକକୁ ଯାଇ ଦେବଦେବୀଙ୍କୁ ନିମନ୍ତ୍ରଣ କରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ପରେ ପୂଜାର୍ଚ୍ଚନା, ନୌକା ବିହାର ଓ ଚନ୍ଦନ ଲେପନ ସହ ଯାତ୍ରାର ଭବ୍ୟ ସମାପନ ହେବ। ଉତ୍ସବକୁ ନେଇ ପ୍ରଶାସନ ପକ୍ଷରୁ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ଓ ଯାତାୟାତ ପାଇଁ ବିଶେଷ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଦୁର୍ଘଟଣାରେ ଶିକ୍ଷକ ଗୁରୁତର



ବୋରିଗୁମ୍ମା, ୧୯।୪ (ସଂଚାର ବ୍ୟୁରୋ)ଃ କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ଭାରତ ମାଳା ଛକଠାରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ଟିଙ୍ଗିରୀପୁଟ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ମଧୁସୂଦନ ପୂଜାରୀ ଗୁରୁତର ହୋଇଛନ୍ତି। ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ସୁଦୂର କାଠରଗଡା ପଞ୍ଚାୟତ ଅନ୍ତର୍ଗତ ପଢ଼େଇ ଗୁଡା ଗାଁରେ ସରକାରଙ୍କ ଜନଗଣନା କାର୍ଯ୍ୟ ସାରି ଫେରୁଥିବା ସମୟରେ ବୋରିଗୁମ୍ମା ଅଞ୍ଚଳର ବାଘଭଦ୍ରା ଭାରତ ମାଳା ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକ୍ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ଆରୋହୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତା ଉପରେ ଅଚେତ ହୋଇ ପଡ଼ିରହିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ବୋରିଗୁମ୍ମା ଶିକ୍ଷକ ସମାଜ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପସ୍ଥିତ ରହି ଶିକ୍ଷକ ଶ୍ରୀ ପୂଜାରୀଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

## ଏନ୍‌ଡିଆର୍‌ଏଫ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଢେଙ୍କାନାଳ, ୧୯।୪ (ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ଜିଲ୍ଲାରେ ଜାତୀୟ ବିପର୍ଯ୍ୟୟ ପ୍ରତିରକ୍ଷା ବାହିନୀ (ଏନ୍‌ଡିଆର୍‌ଏଫ), ମୁଣ୍ଡଳି ପକ୍ଷରୁ ସାମୂହିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସମସ୍ତ ବ୍ଲକ, ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳ ଏବଂ ବନ୍ୟା ଆଶ୍ରୟସ୍ଥଳ ଉପଲବ୍ଧ ନଥିବା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ୧୮.୪.୨୬ରେ ସଦର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରର କାମାକ୍ଷାପ୍ରସାଦ ହାଇସ୍କୁଲରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସୁଦୀପ୍ତ କୁମାର ସାହୁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଢେଙ୍କାନାଳ ମଧ୍ୟ ଯୋଗ ଦେଇଥିଲେ। ସଚ୍ଚିଦାନନ୍ଦ ପତି, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଏବଂ ମୁଣ୍ଡାଳିର ଅଧିକାରୀମାନେ ଇନ୍ସପେକ୍ଟର ହୀରା ସିଂହ, ସବ-ଇନ୍ସପେକ୍ଟର ଆନନ୍ଦ କୁମାର, ସୀତାକାନ୍ତ ବେହେରା, ହେଡ୍ କନେଷ୍ଟବଳ, ଏମଡି ଆରାଫତ, ହେଡ୍ କନେଷ୍ଟବଳ, ସୁନୀଲ କୁମାର କନେଷ୍ଟବଳ ଇତ୍ୟାଦିଙ୍କୁ ଉପସ୍ଥିତ ଲୋକମାନଙ୍କୁ ଅଭିମୁଖୀକରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ବନ୍ୟା, ବାତ୍ୟା, ଭୂକମ୍ପ, ସାପ କାମୁଡ଼ା, ବଜ୍ରପାତ ଏବଂ ସିପିଆର୍ ଭଳି ବିଭିନ୍ନ ଜୀବନ ରକ୍ଷାକାରୀ କୌଶଳ ବିଷୟରେ ସଚେତନ କରାଯାଇଥିଲା।

### ନିର୍ମାଣ ପରେ କାର୍ଯ୍ୟକାରୀ ହେଉନି ପାଠାଗାର

# ପାଲଟିଛି ମଦୁଆଙ୍କ ଆଡ୍ଡାସ୍ଥଳୀ



ଆନନ୍ଦପୁର,୧୯।୪ (ସଂଚାର ବ୍ୟୁରୋ)ଃ ପାଠାଗାର ହେଲା, କିନ୍ତୁ ପାଠକ ନାହିଁ - ଲକ୍ଷ ଲକ୍ଷ ଟଙ୍କାର ଗୃହ ହେଲା ଅବ୍ୟବହୃତ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳ ୩ନଂ ୱାର୍ଡରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ନିର୍ମାଣ ହୋଇଥିବା ପାଠାଗାର ଆଜି ଅବହେଳାର ଶିକାର ହୋଇ ପଡ଼ିରହିଛି।

ଯେଉଁ ପାଠାଗାର ଯୁବ ପିଢ଼ୀଙ୍କ ଜ୍ଞାନ ବୃଦ୍ଧି ଓ ପାଠାଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ନିର୍ମାଣ ହୋଇଥିଲା, ସେହି ଗୃହ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ନିର୍ମାଣ ସମାପ୍ତି ପରେ ମଧ୍ୟ କାହିଁକି ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ, ସେଥିପାଇଁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି। ଏତେ ବଡ଼ ରାଶିର ଅର୍ଥ ବ୍ୟୟ କରି ନିର୍ମିତ ଏହି ପାଠାଗାର କାହା ପାଇଁ? କାହିଁକି ପ୍ରଶାସନ ଏହାକୁ କାର୍ଯ୍ୟକାରୀ କରିବାରେ ଆଗ୍ରହ ଦେଖାଉନାହିଁ?

ଦୁଃଖର କଥା, ଏହି ପାଠାଗାର ଏବେ ଅସାମାଜିକ କାର୍ଯ୍ୟର କେନ୍ଦ୍ରବିନ୍ଦୁ ହୋଇପଡ଼ିଛି। ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ, ଏଠାରେ ମଦ୍ୟପାନ କରୁଥିବା ଲୋକମାନଙ୍କ ଆଡାସ୍ଥଳୀ ଭାବେ ପରିଣତ ହୋଇଛି। କିଛି ଦୀନ ପୂର୍ବେ ଏହି ପାଠାଗାର ପରିସରରେ ଛେଳି ଚରୁଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ଏହା ସହିତ ଘଷିପୁରା ବ୍ଲକ ସମ୍ମୁଖରେ ନିର୍ମିତ ଆଉ ଦୁଇଟି ଗୃହ ମଧ୍ୟ ସେହିପରି ଅବସ୍ଥାରେ ପଡ଼ିରହିଛି। କୋଟି କୋଟି ଟଙ୍କା ବ୍ୟୟ ହେଉଥିବା ସତ୍ତ୍ୱେ ଏହି ଗୃହଗୁଡ଼ିକ ଆଜି 'ଭୂତ କୋଠି'ର ରୂପ ନେଇଛି। ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନର ନିଦ୍ରା ଭଙ୍ଗ ନହେବାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।

ଲୋକମାନେ ପ୍ରଶ୍ନ କରୁଛନ୍ତି— ଯେଉଁ କାମ ପାଇଁ ଅଧିକାରୀମାନେ ଦରମା ନେଉଛନ୍ତି, ସେହି କାମ କରିବାରେ କାହିଁକି ଅନାଗ୍ରହ? ସ୍ଥାନୀୟ ମହଲରୁ ତୁରନ୍ତ ପାଠାଗାରକୁ କାର୍ଯ୍ୟକାରୀ କରିବା ପାଇଁ ଜୋର ଦାବୀ ହୋଇଛି।

## ଚଣ୍ଡିଆଗଡ଼ି ପଞ୍ଚାୟତରେ ଦୁଇଟି ପ୍ରକଳ୍ପର ଉଦ୍‌ଘାଟନ କଲେ ବିଧାୟକ



ଆଳି,୧୯।୪(ସଂଚାର ବ୍ୟୁରୋ)ଃ ଜଳ ପ୍ରକଳ୍ପ ସହ ଅଙ୍ଗନବାଡି କେନ୍ଦ୍ରର ଫିତା କାଟି ଶୁଭ ଉଦଘାଟନ କଲେ ବିଧାୟକ ପ୍ରତାପ ଦେବ। ଖରାଦିନ ଆସିଲେ ପିଇବା ପାଣି ସମସ୍ୟା କୁ ଦୂର କରିବା ନିମିତ୍ତ ଆଳି ବ୍ଲକ ଚଣ୍ଡିଆଗଡି ପଞ୍ଚାୟତର ବାସନ୍ତୀ ଦୁର୍ଗା ମଣ୍ଡପ ନିକଟରେ ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦଘାଟନ କରିବା ସହ ବଳଦେବଜୀଉ ପାଟଣା ରେ ଅଙ୍ଗନବାଡି ଗୃହର ଶୁଭ ଉଦଘାଟନ କରିଛନ୍ତି ଆଳି ବିଧାୟକ ପ୍ରତାପ କେଶରୀ ଦେବ। ଦୁଇଟି ପ୍ରକଳ୍ପ ଉଦଘାଟନ ହୋଇଥିବା ବେଳେ ଗୋଟିଏ ପଟେ ପଞ୍ଚାୟତର ପାନୀୟ ଜଳ ସମସ୍ୟା ଦୂର ହୋଇଥିବା ବେଳେ, ଅନ୍ୟ ପଟେ ନୂତନ ଅଙ୍ଗନବାଡି ଗୃହରେ କୋମଳ ବତି ଶିଶୁ ସୁରକ୍ଷିତ ପାଠ ପଢ଼ି ପାରିବେ ବୋଲି ବିଧାୟକ ଶ୍ରୀ ଦେବ କହିଥିଲେ। ଏହି ଉଦଘାଟନୀ ସମାରୋହରେ ବହୁ ସଂଖ୍ୟାରେ ମହିଳା, ପୁରୁଷ ଉପସ୍ଥିତ ଥିଲେ।

## ମାରୁତି ୟୁଥ୍ ସେବା ଟ୍ରଷ୍ଟ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର



ମହାକାଳପଡ଼ା,୧୯।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାରୁତି ୟୁଥ ସେବା ଟ୍ରଷ୍ଟ ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଆଜି ବଜ୍ରମହାକାଳୀ ଉଚ୍ଚ ବିଦ୍ୟାଳୟ, ବଡକୁଳ ଠାରେ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମବାଲିକୁଦା ମଠ ମହନ୍ତ ଲକ୍ଷ୍ମୀଧର ବାବା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଶୀର୍ବାଦ ପ୍ରଦାନ ପୂର୍ବକ ଫିତା କାଟି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ ବିଭାଗ ବିଶେଷଜ୍ଞ ଡ଼ାଃ ଦେବୀ ପ୍ରସାଦ ସାହୁ ଓ ଅସ୍ଥିଶଲ୍ୟ ବିଭାଗ ବିଶେଷଜ୍ଞ ଡ଼ାଃ ସତ୍ୟ ପ୍ରକାଶ ମହାପାତ୍ର ଶିବିରରେ ଯୋଗଦେଇ ପ୍ରାୟ ୧୬୦ ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସାସେବା ଯୋଗାଇ ଦେଇଥିଲେ। ଟ୍ରଷ୍ଟ ପକ୍ଷରୁ ସମସ୍ତ ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଇଥିଲା। ଟ୍ରଷ୍ଟର ଏପରି ଜନହିତକର ପଦକ୍ଷେପକୁ ବୁଦ୍ଧିଜୀବୀମାନେ ପ୍ରଶଂସା କରିଥିଲେ।

### ସୁନ୍ଦରଗଡ଼ରେ ସିଝୁଛି ଜନଜୀବନ

# ସ୍କୁଲ ଛୁଟି ନେଇ ଜିଲ୍ଲା ପ୍ରଶାସନ ଉପରେ ବଢ଼ୁଛି ଅସନ୍ତୋଷ



ସୁନ୍ଦରଗଡ଼,୧୯।୪ (ସଂଚାର ବ୍ୟୁରୋ)ଃ ସାରା ରାଜ୍ୟ ଜାରି ରହିଛି ଅସହ୍ୟ ଗ୍ରୀଷ୍ମ ପ୍ରବାହ। ଆକାଶରୁ ନିଆଁ ବର୍ଷୁଥିବା ପରି ପରିସ୍ଥିତି, ତାପ ସହିତ ଗୁଳୁଗୁଳିରେ ଜନଜୀବନ ପୂରାପୂରି ଅସ୍ତବ୍ୟସ୍ତ। ବିଶେଷକରି ପଶ୍ଚିମ ଓଡ଼ିଶାରେ ପାରଦ ୪୩ ଡିଗ୍ରୀ ଉପରେ ରହୁଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାର ସ୍ଥିତି ଦିନକୁ ଦିନ ବେହାଲ୍ ହେଉଛି। ସକାଳ ୮ଟା ପରେ ହିଁ ମୁଣ୍ଡ ଫଟା କରା ସହ ଗୁଳୁଗୁଳି ବଢ଼ି ଯାଉଥିବାରୁ ରାସ୍ତାଘାଟ ଶୂନଶାନ୍ ହେବାକୁ ଲାଗିଛି। ଛୋଟ ଛୋଟ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଦୈନିକ ଯାତାୟାତ ଏକ ବଡ଼ ସମସ୍ୟା ହୋଇପଡ଼ିଛି। ଖରା ବେଳେ ସ୍କୁଲରୁ ଘରକୁ ଫେରୁଥିବା ସମୟରେ ଅନେକ ପିଲା ଅସୁସ୍ଥ ହେଉଥିବା ଖବର ମଧ୍ୟ ଆସୁଛି।

ଅନ୍ୟପଟେ, ପଡ଼ୋଶୀ ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗିର ଓ ବୌଦ ଭଳି ଜିଲ୍ଲାରେ ସ୍ଥିତିକୁ ଦେଖି ଜିଲ୍ଲାପାଳମାନେ ସ୍କୁଲ ଛୁଟି ଘୋଷଣା କରିଥିବାବେଳେ, ସୁନ୍ଦରଗଡ଼ରେ ଏପର୍ଯ୍ୟନ୍ତ ସେପରି କୌଣସି ସିଦ୍ଧାନ୍ତ ନିଆଯାଇନଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଂଶୁଘାତର ଭୟକୁ ଆଖି ଆଗରେ ରଖି ତୁରନ୍ତ ସ୍କୁଲ ଛୁଟି ଘୋଷଣା କରିବାକୁ ଦାବି ଜୋରଦାର ହେଉଛି।

ଗୋଟିଏ ପଟେ ତୀବ୍ର ତାପମାତ୍ରା, ଅନ୍ୟପଟେ ଅସହ୍ୟ ଗୁଳୁଗୁଳି— ଏହାର ମଧ୍ୟରେ ସାଧାରଣ ଲୋକ ନାନାପ୍ରକାର ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଅତିଜରୁରୀ କାମ ଛଡ଼ା ଘରୁ ବାହାରିବାକୁ ଯାଉ ନାହାଁନ୍ତି ଲୋକେ। ସହରର ମେଡିକାଲ ଛକ ଓ ଷ୍ଟାଡିୟମ ଛକରେ ଟ୍ରାଫିକ ସିଗ୍ନାଲରେ ଲୋକମାନେ ଖରାରେ ଠିଆ ହୋଇ ଅସୁବିଧା ଭୋଗୁଛନ୍ତି। ପୂର୍ବବର୍ଷଗୁଡ଼ିକରେ ଯେଉଁଠାରେ ଛାଉଣୀ ବ୍ୟବସ୍ଥା କରାଯାଇଥିଲା, ସେଠାରେ ଏବେ ସେହି ବ୍ୟବସ୍ଥା ନ ଥିବାରୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ଜଣାଇଛନ୍ତି ଏବଂ ତୁରନ୍ତ ଛାଉଣୀ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

ସୁନ୍ଦରଗଡ଼ ଡେଲି ମାର୍କେଟରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରୁ ଆସୁଥିବା ବ୍ୟବସାୟୀମାନେ ତିବ୍ର ଖରାରେ ଅତ୍ୟନ୍ତ କଷ୍ଟରେ ନିଜ ବ୍ୟବସାୟ କରୁଥିବା ସତ୍ତ୍ୱେ, ସେମାନଙ୍କ ପାଇଁ କୌଣସି ମୌଳିକ ସୁବିଧା ନଥିବାରୁ ସେମାନଙ୍କ ସମସ୍ୟା ଆହୁରି ଗମ୍ଭୀର ହୋଇଯାଇଛି। ଏପରି ସ୍ଥିତିରେ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯିବାକୁ ସାଧାରଣ ଲୋକ ଦାବି କରୁଛନ୍ତି।

## ସରକାରୀ ପ୍ରକଳ୍ପ ଭଙ୍ଗାକୁ ନେଇ ଉତ୍ତେଜନା

### ଏତଲା ପରେ ବି ଥାନାଧିକାରୀଙ୍କ ନୀରବତାକୁ ନେଇ ପ୍ରଶ୍ନବାଚୀ?

### ଏସପିଙ୍କଠାରେ ଅଭିଯୋଗ କଲେ ସରପଞ୍ଚ



ନୀଳଗିରି, ୧୯।୪ (ସଂଚାର ବ୍ୟୁରୋ)ଃ ନୀଳଗିରି ବ୍ଲକ ମାଟିଆଳି ପଞ୍ଚାୟତ ଦୁର୍ଗାପୁର ଅଙ୍ଗନୱାଡ଼ି ସେଣ୍ଟରକୁ ଆସିଥିବା ପାଇଖାନା ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଗତ ୧୪ ତାରିଖ ଦିନ କାମ ଚାଲିଥିଲା। ବିଭାଗ ନାମରେ କାର୍ଯ୍ୟାଦେଶ ଥିବାବେଳେ ଗ୍ରାମର ଗଣେଶ୍ୱର ନାୟକ ଓ ଶଶଧର ବିଶ୍ୱାଳ ଉକ୍ତ କାର୍ଯ୍ୟକୁ ତଦାରଖ କରୁଥିଲେ। ଗ୍ରେଡ଼ବିମ କାମ ଚିଲିଥିବା ସମୟରେ ହଠାତ ସକାଳ ୧୦ଟା ସମୟରେ ଉକ୍ତ ଗ୍ରାମର ସୁରେନ୍ଦ୍ର ପଣ୍ଡା, ସନ୍ତୋଷ ପାତ୍ର, ସଞ୍ଜୟ ସିଂ, ରାଜୁ ପାତ୍ର ପ୍ରକଳ୍ପକୁ ଭାଙ୍ଗି ଦେଇଥିଲେ।

ପ୍ରକଳ୍ପ ଭାଙ୍ଗିଥିବା ନେଇ ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ବିଶ୍ୱାଳ ଉପରୋକ୍ତ ଲୋକଙ୍କ ବିରୋଦ୍ଧରେ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ତଦନ୍ତ କରିବା ପରିବର୍ତ୍ତେ ୫ ଦିନ ବିତିଯାଇଥିଲେ ମଧ୍ୟ ବରମପୁର ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ କିମ୍ବା ମାମଲା ରୁଜୁ ହୋଇନାହିଁ। ଆଇଆଇସିଙ୍କ କାର୍ଯ୍ୟ ଅସନ୍ତୋଷ ପ୍ରକାଶ କରିବା ସହିତ ନିରପେକ୍ଷ ତଦନ୍ତ ପାଇଁ ସରପଞ୍ଚ ଶ୍ରୀମତୀ ବିଶ୍ୱାଳ ବାଲେଶ୍ୱର ଏସପିଙ୍କୁ ହସ୍ତକ୍ଷେପ ପାଇଁ ଅନୁରୋଧ କରିଥିବା ଜଣାପଡ଼ିଛି। ଯଦି ନ୍ୟାୟ ନମିଳେ ସରପଂଚ ଏସଡିପିଓଙ୍କ କାର୍ଯ୍ୟଳୟଙ୍କ ସମ୍ମୁଖରେ ଧାରଣା ଦେବ ବୋଲି ଲିଖିତ ଭାବେ ଏସପିଙ୍କୁ ଜଣାଇଛନ୍ତି। ଘଟଣା ସମ୍ପର୍କରେ ବରମପୁର ଆଇଆଇସି ପ୍ରେମଦା ନାୟକଙ୍କୁ ପଚାରିବାରୁ ତଦନ୍ତ ଚାଲିଥିବା ନେଇ କହିଛନ୍ତି।

### ୪୦ ଡିଗ୍ରୀ ତାପମାତ୍ରାରେ ଜଳୁଛି ଯାଜପୁର

## ପାଣି ସମସ୍ୟା ଓ ବିଦ୍ୟୁତ କାଟ୍‌ରେ ଅସ୍ତବ୍ୟସ୍ତ ଜନଜୀବନ

ଯାଜପୁର ଟାଉନ, ୧୯।୪ (ସଂଚାର ବ୍ୟୁରୋ)ଃ ଏପ୍ରିଲ୍ ଆରମ୍ଭରୁ ହିଁ ଜଳୁଛି ଯାଜପୁର। ତାପମାତ୍ରା ୪୦ ଡିଗ୍ରୀ ପାର କରିବା ସହ ଗୁଳୁଗୁଳି ଓ ତାପର ଦୁଇମୁହାଁ ଆକ୍ରମଣରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସକାଳ ୮ଟା ପରେ ରାସ୍ତା ଘାଟ ଖାଲି, ସହର ହେଉଛି ଖାଁ ଖାଁ। ପୋଖରୀ ଶୁଖିଗଲାଣି, କେନାଲରେ ପାଣି ନାହିଁ, ମାଟି ଫାଟି ଆଁ କରୁଛି। ସମଗ୍ର ଜିଲ୍ଲାରେ ଜଳାଭାବ ଚିନ୍ତାଜନକ ଅବସ୍ଥାକୁ ପହଞ୍ଚିଛି। ଜନଗହଳିପୂର୍ଣ୍ଣ ସବୁ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ଲୋକେ ହତାଶ।

ଖରା ସହ ବିଦ୍ୟୁତ ବିଭାଗର ଅଘୋଷିତ କାଟ୍ ଲୋକଙ୍କ ଦୁଃଖକୁ ଦୁଇଗୁଣା କରିଦେଇଛି। ଦିନର ଗରମ ସମୟରେ ଘଣ୍ଟା ଘଣ୍ଟା ବିଦ୍ୟୁତ ବନ୍ଦ ହେଉଥିବାରୁ ସାଧାରଣ ଜନତାର ଅସନ୍ତୋଷ ବଢ଼ିଛି। ବସ୍‌ଷ୍ଟପରେ ନାହିଁ ବିଶ୍ରାମ ବ୍ୟବସ୍ଥା। ୪୦° ତାପମାତ୍ରାରେ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ବସ୍ ପାଇଁ ଅପେକ୍ଷା କରୁଛନ୍ତି। ପାନୀୟ ଜଳର ସୁବିଧା ମଧ୍ୟ ନାହିଁ। ପାଣିପାଗ ବିଭାଗ ଆଗାମୀ ଦିନରେ ତାପ ଆହୁରି ବଢ଼ିବା ନେଇ ସଚେତନ କରିଛି। କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ସମ୍ଭାବନା ଥିଲେ ମଧ୍ୟ, ମେ ମାସରେ ଟାଣ ଖରା ହେବା ନିଶ୍ଚିତ। ଅସହ୍ୟ ତାପକୁ ଦୃଷ୍ଟିରେ ରଖି ସ୍କୁଲ ଛୁଟି ନେଇ ଅଭିଭାବକମାନଙ୍କ ଦାବି ବଢ଼ିଛି।

ସମସ୍ତ ବସ୍‌ଷ୍ଟପରେ ଯାତ୍ରୀଙ୍କ ପାଇଁ ଛାତ ଓ ବିଶ୍ରାମ ବ୍ୟବସ୍ଥା, ପ୍ରଚୁର ପାନୀୟ ଜଳ ବ୍ୟବସ୍ଥା, ଦିନର ଗରମ ସମୟରେ ବିଦ୍ୟୁତ କାଟ୍ ବନ୍ଦ, ଜଳ ସମସ୍ୟାର ତୁରନ୍ତ ସମାଧାନ କରାଯିବାକୁ ସାଧାରଣରେ ଦାବି ହେଉଛି। ଖରା, ଗୁଳୁଗୁଳି, ଜଳ ସଙ୍କଟ ଓ ବିଦ୍ୟୁତ କାଟ୍— ଏହି ଚାରି ଆଘାତରେ ଯାଜପୁରର ଜୀବନ ଏବେ ଜଳୁଛି। ତୁରନ୍ତ ପ୍ରଶାସନିକ ପଦକ୍ଷେପ ନ ନିଆଗଲେ, ପରିସ୍ଥିତି ଆଉ ଗୁରୁତର ହେବା ନିଶ୍ଚିତ।

## ଶିକାରୀ ଗୁଳିର ଶିକାର ହେଲେ ଶିକାରୀ

ଫୁଲବାଣୀ, ୧୯।୪ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଅନ୍ତର୍ଗତ କୁସୁମେଣ୍ଡି ପଞ୍ଚାୟତରେ ଘଟିଛି ଏକ ଅଭାବନୀୟ ଘଟଣା। ଶିକାରୀ ଗୁଳିରେ ଶିକାରୀ ମୃତ, ଏଭଳି ଏକ ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ବୁଡେଣି ଗ୍ରାମ କାମୁଟି ଜଙ୍ଗଲରେ। ଶିକାରୀ ଗୁଳିର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି ବିଭୁତି କହଁର, ୧୬ ବର୍ଷ । ଘର ବୁଢ଼େଣି ଗ୍ରାମରେ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ଗତ ଶନିବାର ରାତିରେ ୯ଟା ବେଳେ ୩ ଜଣ ସାଙ୍ଗ ମିଶି କାମୁଟି ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ଜଙ୍ଗଲ ଭିତରେ ଅନ୍ୟ ଜଣେ ସାଙ୍ଗର ବନ୍ଧୁକରୁ ଗୁଳି ଫୁଟି ବିଭୁତି କହଁର ମୁଣ୍ଡରେ ବାଜିଥିଲା। ଫଳରେ ସେହିଠାରେ ହିଁ ସେ ଟଳି ପଡ଼ିଥିଲା। ସେମାନଙ୍କ ମଧ୍ୟରୁ ଅନ୍ୟ ଜଣେ ସାଙ୍ଗ ଆସି ବିଭୁତିର ପରିବାର ଲୋକଙ୍କୁ ଏହି ଖବର ଦେବା ପରେ, ଆଜି ଅପରାହ୍ନରେ ଟିକାବାଲି ଥାନା ପୁଲିସ ଘର ଲୋକଙ୍କ ସହିତ ମିଶି ଜଙ୍ଗଲକୁ ଯାଇ ବିଭୁତିର ମୃତଦେହ ଉଦ୍ଧାର କରିଛନ୍ତି।

ଏ ସଂକ୍ରାନ୍ତରେ ଟିକାବାଲି ଥାନା ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ସମିର୍ କୁମାର ବେହେରା ସୂଚନା ଦେଇଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡିଛି।

### ହିତାଧିକାରୀଙ୍କୁ ହରିଶ୍ଚନ୍ଦ୍ର ସହାୟତା ନମିଳିବା ଘଟଣା

## କାଗଜପତ୍ର ଦାଖଲ ପରେ ମିଳିବ, ସ୍ପଷ୍ଟକଲା ପ୍ରଶାସନ

ମହାକାଳପଡ଼ା,୧୯।୪(ସଂଚାର ବ୍ୟୁରୋ)ଃ ମହାକାଳପଡ଼ା ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପଡା (ଗୁହାଳକଣି) ଗ୍ରାମର କୁନି ଲେଙ୍କାଙ୍କ ସ୍ୱାମୀ ନରେନ୍ଦ୍ର କୁମାର ଲେଙ୍କା ୨ ଜୁଲାଇ ୨୦୨୫ରେ ମୃତ୍ୟୁ ବରଣ କରିଥିଲେ। ହେଲେ ମୃତ୍ୟୁର ୩ ମାସ ପରେ ମଧ୍ୟ ପଞ୍ଚାୟତ ତରଫରୁ ତାଙ୍କୁ ହରିଶ୍ଚନ୍ଦ୍ର ସହାୟତା ଯୋଗାଇ ଦିଆଯାଇନଥିଲା। କୁନି ଏନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ରଶ୍ମିରେଖା ରାଉତଙ୍କୁ ପଚାରିବାରୁ ଆବଶ୍ୟକୀୟ କାଗଜପତ୍ର ସଠିକ୍ ସମୟ ଭିତରେ ଦାଖଲ କରିନଥିବାରୁ ସହାୟତା ମିଳିବ ନାହିଁ ବୋଲି ପିଇଓ କହିଥିବା କୁନି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ୪ ସେପ୍ଟେମ୍ବର ୨୦୨୫ରେ 'ସଂଚାର'ରେ ଖବର ପ୍ରକାଶ ପାଇଥିଲା।

ଏ ଘଟଣାକୁ ମୁଖ୍ୟମନ୍ତ୍ରୀଙ୍କ ଜନ-ଶୁଣାଣିରେ ଅଭିଯୋଗ ପରେ ମହାକାଳପଡ଼ା ବ୍ଲକ ପ୍ରଶାସନ କୁନିଙ୍କୁ ହରିଶ୍ଚନ୍ଦ୍ର ସହାୟତା ଯୋଗାଇ ଦିଆଯିବ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। ୬ ଫେବୃଆରୀ ୨୦୨୬ରେ ପଞ୍ଚାୟତ ସମିତି ମହାକାଳପଡ଼ାଙ୍କ ତରଫରୁ ମିଳିଥିବା ଚିଠି ସଂଖ୍ୟା ୬୭୫ରେ ଉଲ୍ଲେଖ କରାଯାଇଛି ଯେ କୁନି ଲେଙ୍କାଙ୍କୁ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବାକୁ ସୂଚନା ଦିଆଯାଇଛି। ଏହାପରେ ତାଙ୍କୁ ହରିଶ୍ଚନ୍ଦ୍ର ସହାୟତା ଯୋଗାଇ ଦିଆଯିବ। ହେଲେ କୁନିଙ୍କୁ କିନ୍ତୁ କାଗଜପତ୍ର ଦାଖଲ କରିବା ପାଇଁ ପଞ୍ଚାୟତ ତରଫରୁ କେହି ଅବଗତ କରିନଥିବା ନିଜେ କୁନି କହିଛନ୍ତି।

ଚିଠି କହୁଛି ତାଙ୍କୁ କାଗଜପତ୍ର ଦାଖଲ କରିବାକୁ ସୂଚନା ଦିଆଯାଇଛି ହେଲେ କୁନି କହିଛନ୍ତି ତାଙ୍କୁ ଅବଗତ କରାଯାଇନାହିଁ। ତେବେ ଏଠି ସତ କହୁଛି କିଏ? କୁନି ଲେଙ୍କା ନା ବ୍ଲକ୍ ପ୍ରଶାସନ? ଅଭିଯୋଗ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଏହି ମିଛ ନାଟକ କରାଯାଉନି ତ? ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଥିବା ବେଳେ ବାସ୍ତବରେ କୁନିଙ୍କୁ କେବେ ହରିଶ୍ଚନ୍ଦ୍ର ସହାୟତା ଯୋଗାଇ ଦିଆଯିବ ତାହା ଦେଖିବାକୁ ବାକି ରହିଲା।

# ବୃକ୍ଷଶୂନ୍ୟ ହୋଇଯିବ କି ଅସ୍ତରଙ୍ଗ ?

### ନମ୍ବରବିହୀନ ଟ୍ରାକ୍ଟରରେ ବେଆଇନ ଭାବେ ଚାଲାଣ ହେଉଛି କାଠ

### କରତକଳ ମାଲିକ ମାଲେମାଲ

### ଭିଜିଲାନ୍ସ ତଦନ୍ତ ଦାବି



କାକଟପୁର/ଅସ୍ତରଙ୍ଗ, ୧୯।୪ (ସଂଚାର ବ୍ୟୁରୋ)ଃ ଗ୍ରାମାଞ୍ଚଳରେ ସବୁଜ ବୃକ୍ଷରାଜି ଏବେ ପଦା ହେବାକୁ ବସିଲାଣି। ବେଆଇନ ଭାବେ କଟା ଯାଉଥିବା ମୂଲ୍ୟବାନ ଗଛ ବିନା ଗାଁ ଏବେ ସ୍ମଶାନ ପରି ଦିଶିଲାଣି। ଅଥଚ ସରକାରୀ କଟକଣା ଥାଇ ବି କାଠ ମାଫିଆ ଏହାକୁ ଭୃକ୍ଷେପ କରୁ ନଥିବାରୁ ଗ୍ରାମାଞ୍ଚଳରୁ ଗଛ ସବୁ ଧୀରେ ଧୀରେ ଉଭାନ ହୋଇଯାଉଛି। ନମ୍ବର ପ୍ଲେଟ ନଥିବା ଟ୍ରାକ୍ଟରରେ ଅସ୍ତରଙ୍ଗ ମୁଖ୍ୟ ବଜାରରେ କାଠ ବୋଝେଇ ଗାଡି କୁହୁଡି ଛକ ଓ ଅନ୍ୟ ସ୍ଥାନମାନଙ୍କରେ ଥିବା ମାଲ ମାଲ ବେଆଇନ କରତ କଳକୁ କାଠ ପହଁଚାଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ପ୍ରଶାସନ ଅବହେଳା ଯୋଗୁଁ ବେଆଇନ କରତ କଳ କାଠ ମାଫିଆଙ୍କୁ ହାତ କରି ଗାଁ ଗାଁରେ ଗଛ କାଟିବା ଏହି ସମୟ ପ୍ରକୃଷ୍ଟ ହୋଇଛି। ଏଥିପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଗାଁରେ ବାଡିବଗିଚା, ଜମିରେ ଥିବା ଗଛକୁ କାଟି ବୋହି ନେବାରେ କିଛି ଅସୁବିଧା ହେଉନାହିଁ। ଫଳରେ ଦୈନନ୍ଦିନ ଶତାଧିକ ମୂଲ୍ୟବାନ ଗଛ କଟାଯାଉଛି।

ବଡ଼ ବଡ଼ କଟରରେ ଗଛ କଟାଯାଇ ବିନା ନମ୍ବର ପ୍ଲେଟ ନଥିବା ଟ୍ରାକ୍ଟର ଯୋଗେ ଅସ୍ତରଙ୍ଗ ଥାନା ଠାରୁ କିଛି ଦୂରରେ ଗଢିଉଠିଥିବା ବେଆଇନ କରତ କଳ ବୋହି ନିଆଯାଉଛି। ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତର ବିଭିନ୍ନ ଗାଁରେ ପ୍ରତିଦିନ ଏଭଳି ଦୃଶ୍ୟ ପ୍ରାୟତଃ ଦେଖା ଯାଉଥିଲେ ମଧ୍ୟ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଶୂନ।

ତାଜୁବ୍ କଲା ଭଳି କଥା ହେଉଛି ଯେ, ଗ୍ରାମାଞ୍ଚଳରୁ ଯେତେ ଗଛ କଟା ଯାଉଛି, ଗୋଟିଏ ବି ଏନେଇ ଆବେଦନ ବନ ବିଭାଗ ପାଖରେ ନାହିଁ ବୋଲି ଯାହା ଶୁଣିବାକୁ ମିଳୁଛି। ବନ ବିଭାଗକୁ ନ ଜଣାଇ ଗଛ କାଟୁଛନ୍ତି। ଏଭଳି ସ୍ଥଳରେ ବେଆଇନ ଗଛକଟା ଉପରେ ବନ ବିଭାଗ ନିଜ ଆଡୁ ପଦକ୍ଷେପ ନେବା ସହ କୁହୁଡି ଛକ ସମେତ ଅନ୍ୟସ୍ଥାନରେ ନିର୍ମାଣ ହୋଇଥିବା ମାଳମାଳ ବେଆଇନ କରତ କଳ ଉପରେ ଭିଜିଲାନ୍ସ ତଦନ୍ତ ସହ ବନବିଭାଗ ଚଢ଼ାଉ ଆବଶ୍ୟକତା ରହିଛି। କାଠ ମାଫିଆଙ୍କ ପ୍ରତି ବନ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବେଶବିତି ତଥା ବୃକ୍ଷରୋପଣ ନିମନ୍ତେ କାମ କରୁଥିବା ବ୍ୟକ୍ତି ବିଶେଷ ପ୍ରମୁଖ ଦାବି କରିଛନ୍ତି।

## ଦିବ୍ୟାଙ୍ଗ ମହିଳାଙ୍କୁ ମିଳିଲା ରାସନ କାର୍ଡ



### ଘର ଓ ଭତ୍ତା ଦେବାକୁ ଦାବି

ବାଲିଆପାଳ, ୧୯।୪ (ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକ ଅନ୍ତର୍ଗତ ଭିକାଗଡ଼ିଆ ଗ୍ରାମର ଦିବ୍ୟାଙ୍ଗ ମହିଳାଙ୍କୁ ବାଲିଆପାଳ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣା ରାସନ କାର୍ଡ ଯୋଗାଇ ଦେଇଛନ୍ତି। ସୂଚନାରୁ ପ୍ରକାଶ ଗ୍ରାମର ବାସନ୍ତୀ ପଢିହାରୀ ଜଣେ ବିଧବା ଏବଂ ଶତପ୍ରତିଶତ ଦିବ୍ୟାଙ୍ଗ ମହିଳା। ପରିବାର କହିଲେ କେବଳ ଗୋଟିଏ ଝିଅ। ବାପା, ମା, ସ୍ୱାମୀ, ପୁଅ କେହି ନାହାନ୍ତି। ସାହାଯ୍ୟ କରିବା ପାଇଁ ପୁରୁଷ ନଥିବାରୁ ରାସନ କାର୍ଡ ପଞ୍ଜିକରଣ କରିବା ପାଇଁ ମଧ୍ୟ ସମ୍ଭବ ହୋଇପାରିନଥିଲା।

ଜଗତିପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ବର୍ଷା ରାଣି ନାୟକ ବାଲିଆପାଳ ଖାଦ୍ୟ ଯୋଗାଣ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ ଅଧିକାରୀ ଏହାକୁ ବିଚାରକୁ ନେଇ ଗୋଟିଏ ଦିନ ମଧ୍ୟରେ ବାସନ୍ତୀଙ୍କ ଘରେ ପହଞ୍ଚି ତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ରେସନ କାର୍ଡ ଯୋଗାଇ ଦେବା ସହିତ ସ୍ଥାନୀୟ ରିଟେଲଙ୍କୁ ଶୀଘ୍ର ରାସନ୍ ଯୋଗାଇ ଦେବା ପାଇଁ କହିଛନ୍ତି। ଏହି ସମୟରେ ଜଗତିପୁର ସରପଞ୍ଚ ସୁବାଷ ଚନ୍ଦ୍ର ବେହେରା, ସମାଜସେବୀ ବିରେଞ୍ଚି ପାତ୍ର, ଗଣେଶ ଚନ୍ଦ୍ର ବାଗ, ପଦ୍ମ ଲୋଚନ ମାଝୀ ଉପସ୍ଥିତ ଥିଲେ। ଏହି ଦିବ୍ୟାଙ୍ଗ ମହିଳାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗ ଭତ୍ତା, ଅନ୍ତୋଦୟ ଯୋଜନାରେ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି ହୋଇଛି।

# ସିଟି salad

## ମନେ ପଡିଲେନି ମଧୁବାବୁ



ରାଜ୍ୟ ସରକାର ପାଳନ କଲେ ଓଡିଆ ପକ୍ଷ। ଏହି ପକ୍ଷ ପାଳନ ବେଳେ ଅନେକ ଓଡିଆ ବରପୁତ୍ରଙ୍କୁ ମନେ ପକାଇଲେ। କେଉଁଠି ସେମାନଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ପକାଇଲେ ତ ଆଉ କେଉଁଠି ବିଜ୍ଞାପନରେ ସେମାନଙ୍କ ଫଟୋ ଛାପିଲେ। ପୂରା ପକ୍ଷଟିଏ ସାରା ରାଜ୍ୟରେ ଓଡିଆ ପକ୍ଷ ପାଳନ ହେଲା। ଏହି ପକ୍ଷ ପାଳନ କରୁଥିଲା ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। ତେବେ ବଡ କଥାଟି ହେଲା ଯେତେସବୁ ବରପୁତ୍ରଙ୍କ ଫଟୋକୁ ବିଜ୍ଞାପନ ଆକାରରେ ଛପାଇ ଲୋକଙ୍କ ଆଗକୁ ଆଣିଲେ ସେମାନଙ୍କ ଭିତରେ କିନ୍ତୁ ମଧୁବାବୁ ନଥିଲେ। ଏକଥା କିଛି ଲୋକଙ୍କ ନଜରକୁ ଆସିବାପରେ କଥା ଜଣାପଡିଲା। ହେଲେ ସେତେବେଳକୁ ବନ୍ଧୁକରୁ ଗୁଳି ଫୁଟି ବାହାରିଯିବା ଭଳି ସରକାରୀ ବିଜ୍ଞାପନ ପ୍ରକାଶ ପାଇ ସାରିଥିଲା। ତାହାପରେ ଚାଲିଲା ଖୋଜା। ଏଭଳି ଭୁଲ୍ କେମିତି ହେଲା। ଶେଷରେ ଜଣାପଡିଲା ସଂସ୍କୃତି ବିଭାଗରେ ଏଭଳି ଅପସଂସ୍କୃତି କାର୍ଯ୍ୟ ହୋଇଛି। ପରସ୍ପରକୁ ଦୋଷ ଲଦା ଚାଲିଲା। ଯେତେବେଳେ କାର୍ଯ୍ୟାନୁଷ୍ଠାନ କଥା ଉଠିଲା ସମସ୍ତେ ତୁନି ପଡିଗଲେ। କୌଣସି ପ୍ରକାରେ କଥା ଚାପିବାକୁ ଲାଗିଲେ। ମନ୍ତ୍ରୀଙ୍କ କାନକୁ ଯେମିତି କଥା ନଯାଏ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଗଲା। ପକ୍ଷ ପାଳନ ସରିଲା। ମଧୁବାବୁଙ୍କ କଥା ବି ଲୁଚିଗଲା। ଏବେ ମଧୁପ୍ରେମୀମାନେ କହୁଛନ୍ତି, ଏଭଳି ସଂସ୍କୃତି ସମ୍ପନ୍ନ ବାବୁମାନେ ବିଭାଗରେ ରହିଲେ ଅଳ୍ପଦିନରେ ମଧୁ ବାବୁଙ୍କ ଭଳି ଆଉ କିଛି ବରପୁତ୍ର ବି ଓଡିଶାର ଜନ ମାନସରୁ ଅପସରି ଯିବେ।

## ଚେଲା କାଟୁଛନ୍ତି ଗୁରୁଙ୍କ ଚେର



ଚେଲା କାଟୁଛନ୍ତି ଗୁରୁଙ୍କ ଚେର। ଖାଲି ଚେର କାଟୁନାହାନ୍ତି, ଏମିତି କାମ କରୁଛନ୍ତି ଯେ ଗୁରୁଙ୍କ ସହିତ ଦଳ ବି କ୍ଷତିଗ୍ରସ୍ତ ହେଲାଣି। ରାମମନ୍ଦିର ନିକଟରେ ଏଭଳି ଆଲୋଚନା ଚାଲିଥିବାବେଳେ ଆମେ ଟିକେ କାନଡେରି ଛିଡା ହେଲୁ। ବେକରେ ଗେରୁଆ ଗାମୁଛା ପକାଇଥିବା ଜଣେ ଭକ୍ତ କହୁଥାନ୍ତି, ବୁଝିଲେ ଆଜ୍ଞା ରାଜଧାନୀ ମଠରେ ଜଣେ ଗେରୁଆ ଗୁରୁ ଦଳକୁ ଉପରକୁ ନେବାପାଇଁ ଲାଗି ପଡିଛନ୍ତି। ସେଥିପାଇଁ ଦଳକୁ ବଳ ଯୋଗାଉଥିବା ଛାମୁଆ ଟୋକାମାନଙ୍କୁ କିଛି କାମ ଦେଇ ପାଖରେ ରଖିବାକୁ ଉଦ୍ୟମ କରୁଛନ୍ତି। ହେଲେ ଏହି ଗୁରୁଙ୍କ ଚେଲାମାନେ କିଛି କରାଇ ଦେଉନାହାନ୍ତି। ଗୁରୁ ଯାହାକୁ କାମ ଖଣ୍ଡେ ଦେଉଛନ୍ତି, ଚେଲାମାନେ ତୁରନ୍ତ ସେଠାରେ ପହଞ୍ଚି ନିଜ ଭାଗ ମାଗୁଛନ୍ତି। ଅବସ୍ଥା ଏଭଳି ହେଲାଣି ଯେ ମଠରେ ପାଦ ପକାଇବାକୁ ଆଉ କେହି ଇଚ୍ଛା କରୁନାହାନ୍ତି। ଗୁରୁ ଯେଉଁ ଗଛକୁ ସାର ପିଡିଆ ଦେଇ ବଢାଇବାର ଯୋଜନା କରୁଛନ୍ତି ତାଙ୍କରି ପାଖରେ ଥିବା ଚେଲା ଚାମୁଣ୍ଡମାନେ ଗଛ ମୂଳରେ ଗରମ ପାଣି ଢାଳୁଛନ୍ତି। ଇତି ମଧ୍ୟରେ ଗୁରୁଙ୍କ କାନରେ କଥାଟା ପଡିଲାଣି। ଖୁବ୍‌ଶୀଘ୍ର ଏଭଳି ଚେଲାଙ୍କ ତାଲିକା ପ୍ରସ୍ତୁତ ହେବ ବୋଲି ଗେରୁଆ ଭକ୍ତ ଜଣଙ୍କ କହିବାରୁ ଶ୍ରୋତା ସାଜିଥିବା ଆଉ କିଛି ଭକ୍ତ ପରସ୍ପରକୁ ଚାହିଁଥିଲେ। ସେମାନଙ୍କ ମଧ୍ୟରୁ ଜଣେ କହିଲା, ଏମିତି ହେଲେ ରାଜଧାନୀରେ ଦଳକୁ ବଳ ଦେବ କିଏ ? ଚେଲା ଚାମୁଣ୍ଡାଙ୍କୁ ନିଜ ନିୟନ୍ତ୍ରଣକୁ ଆଣିବା ସହିତ ସେମାନେ ଯେଭଳି ଭାଗ ନମାଗିବେ ତାହାର ବ୍ୟବସ୍ଥା ନକଲେ ଖୁବ୍‌ଶୀଘ୍ର ଗୁରୁ ଲକ୍ଷ୍ମୀଛଡା ହୋଇଯିବେ। ଏତକ ଶୁଣିବାପରେ ଆମେ ସେଠାରୁ ପଳାଇ ଆସିବାବେଳେ ଖାଲି ଗୁରୁଙ୍କ ଧଳା ପୋଷାକ ବିଷୟରେ ଭାବୁଥିଲୁ।

## ଦିଲ୍ଲୀପ କହିଲେ ବିଜୁ ଲିଗାସୀ କିଏ



ରାଜ୍ୟରେ ଏବେ ଯଦି କୌଣସି ଶବ୍ଦ ସବୁଠାରୁ ଅଧିକ ଚର୍ଚ୍ଚିତ ତାହା ହେଉଛି ବିଜୁ ଲିଗାସୀ। ବିଜେଡିରେ ଥିବା ନେତାଏ କହୁଛନ୍ତି ଆମେ ଅସଲି ବିଜୁ ଲିଗାସୀ ତ ବିଜେଡିକୁ ଗାଳି ଦେଉଥିବା ନେତାମାନେ କହୁଛନ୍ତି ଆମେ ଅସଲ ବିଜୁ ଲିଗାସୀ। ଏହି ବିଜୁ ଲିଗାସିଆମାନେ ଦୁଇ ଦିନତଳେ ରାଜଧାନୀରେ ମଞ୍ଚ ତିଆରି କରି ଏକାଠି ହୋଇଥିଲେ। ସେଠାରେ ଚାଲିଲା ଗରମା ଗରମ ଭାଷଣ। ଏହି ଭାଷଣ ଭିତରେ ଖୋଜା ଚାଲିଲା କିଏ ବିଜୁ ବାବୁଙ୍କର ଅସଲ ଲିଗାସୀ। ସମସ୍ତେ ନିଜ ନିଜକୁ ବିଜୁଙ୍କ ଅସଲି ଲିଗାସୀ ବୋଲି କହି ଚାଲିଲେ। କଥା ଅନ୍ୟ ଦିଗକୁ ଯାଉଥିବାବେଳେ ଦେଖି ବାଟ ଓଗାଳିଲେ ସାଂସଦ ଦିଲ୍ଲୀପ ରାୟ। ଅତି ସରଳ ଭାଷାରେ ବୁଝାଇଦେଲେ ଅସଲି ବିଜୁ ଲିଗାସୀ କିଏ। ଦିଲ୍ଲୀପ କହିଲେ ବିଜୁଙ୍କର ସବୁଠାରୁ ତିନି ଜଣ ଅତି ପ୍ରିୟ ଲୋକ ହିଁ ବିଜୁ ଲିଗାସୀ। ସେମାନେ ହେଲେ ବିଜୁଙ୍କ ରୋଷେୟା ଖଇରାତି, ଡ୍ରାଇଭର ପ୍ରଫୁଲ୍ଲ ଓ ଷ୍ଟେନୋ ମୁନା ବାବୁ। ଏତକ ଶୁଣିବାପରେ ନିଜକୁ ବିଜୁ ଲିଗାସୀ ବୋଲି ବଡ ପାଟିରେ କହୁଥିବା ନେତାମାନେ ପରସ୍ପରକୁ ଚାହିଁଲେ। ଯେହେତୁ ଦିଲ୍ଲୀପ ରାୟ ଏକଥା କହୁଛନ୍ତି ତେଣୁ କାହାର କିଛି କହିବାର ନଥିଲା। ବିଜୁ ଲିଗାସୀ ସେହି ତିନି ଜଣଙ୍କ ପରିବାରର ସଦସ୍ୟଙ୍କୁ ବି ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚରେ ଓ ମଞ୍ଚତଳେ ବସିଥିବା ବିଜୁ ପ୍ରେମୀମାନେ ଦିଲ୍ଲୀପଙ୍କ ମୁହଁରୁ ଏତକ ଶୁଣିବାପରେ କିଏ ଅସଲ ବିଜୁ ଲିଗାସୀ ତାହା ବୁଝି ଯାଇଥିଲେ। ସଭା ଆଗକୁ ବଢିଥିଲେ ବି ବିଜୁ ଲିଗାସୀ ହେବାକୁ ଆଉ ପ୍ରତିଦ୍ୱନ୍ଦିତା ହୋଇନଥିଲା।

## ପୁରୁଣା ରାଜଧାନୀରେ ନୂଆ ରାଜନୀତି




ବାଉନ ବଜାର ତେପନ ଗଳିର ସହର ସହିତ ରାଜ୍ୟର ବଡ ବ୍ୟବସାୟ କେନ୍ଦ୍ରପାଇଁ ପ୍ରସିଦ୍ଧି ଲାଭ କରିଥିବା ପୁରୁଣା ରାଜଧାନୀ କଟକ ଏବେ ରାଜ୍ୟ ରାଜନୀତିର ଅନ୍ୟତମ ମଇଦାନ ପାଲଟିଛି। ଏଠାରେ ଏବେ ସନ୍ତୁଷ୍ଟ, ଅସନ୍ତୁଷ୍ଟ, ଶାସକ, ବିରୋଧି ଏତେ ସଂଖ୍ୟାରେ ହାଉଜାଉ ହୋଇଛନ୍ତି ଯେ ରାଜ୍ୟ ରାଜନୀତି ରାଜଧାନୀ ଧାଡି କଟକ ମୁହାଁ ହେବାରେ ଲାଗିଛି। କଟକର ପୁରୁଣା କଂଗ୍ରେସ ନେତା ମହମ୍ମଦ ମୋକିମ ଏବେ ନୂଆ ଦଳ ଗଠନ କରିଛନ୍ତି। ତାଙ୍କ ଦଳର ଅନ୍ୟତମ ମଙ୍ଗୁଆଳ ଝିଅ କଂଗ୍ରେସ ବିଧାୟକ ସୋଫିଆ। ସେହିଭଳି ରାଜ୍ୟସଭା ନିର୍ବାଚନବେଳେ ନବୀନଙ୍କୁ ଟକ୍କର ଦେଇଥିବା ପ୍ରଭାତ ବିଶ୍ୱାଳ ଏବେ ନିଜ ଗୋଷ୍ଠି ଗଢିବାରେ ବ୍ୟସ୍ତ। ଏହି ଗୋଷ୍ଠିର ମଙ୍ଗୁଆଳ ହେଉଛନ୍ତି ବିଜେଡିରୁ ନିଲମ୍ବିତ ହୋଇଥିବା ବିଧାୟକ ପୁଅ ସୌଭିକ ବିଶ୍ୱାଳ। ବିଜୁ ଲିଗାସୀ ଦୌଡରେ ଆଗଧାଡିରେ ଥିବା ପ୍ରଭାତ ତ୍ରିପାଠୀ ବି କଟକ ରାଜନୀତିରେ ବେଶ୍ ଜଣାଶୁଣା। ସିଏ ଏଠାରେ ତାଙ୍କର ଗୋଷ୍ଠି ଗଠନରେ ଲାଗିଛନ୍ତି। ତାଙ୍କ ଗୋଷ୍ଠି ଗଠନରେ ମଙ୍ଗୁଆଳ ହୋଇଛନ୍ତି ବିଜେଡିରୁ ନିଲମ୍ବିତ ହୋଇଥିବା ପୁଅ ଦେବୀ ରଞ୍ଜନ ତ୍ରିପାଠୀ। ଏମାନଙ୍କ ଛଡା କଟକରେ ରହିଛନ୍ତି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଓ ବିଜେପିର କଟକ ସାଂସଦ ଭର୍ତ୍ତୃହରି ମହତାବ। ଦେବାଶିଷ ଏବେ ମୌନ ବ୍ରତରେ ଥିବାବେଳେ ଭର୍ତ୍ତୃହରଙ୍କ କାରବାର କିନ୍ତୁ ସରକାରଙ୍କୁ ଅଡୁଆରେ ପକାଇବାରେ ଲାଗିଛି। ଏମାନଙ୍କ ବ୍ୟତିତ ମାହାଙ୍ଗା ଓ କଟକ ସଦର ବିଧାୟକ ବି ପୁରୁଣା ରାଜଧାନୀରେ ଘେରାଏ କରି ବୁଲି ଆସୁଛନ୍ତି। ମେୟର ସୁବାସ ସିଂହ ଓ ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନା ବି କଟକରେ ଆସ୍ଥାନ ଜମାଇଛନ୍ତି। ମୋଟାମୋଟି ଭାବେ କଟକ ଏବେ ରାଜନୀତି ମଇଦାନ ପାଲଟିଛି। ଆଗକୁ ଏଠାରେ ରାଜନୀତି ମ୍ୟାଚ୍ କାହାର କାହା ସହିତ ହେଉଛି ତାହାକୁ କଟକିଆମାନେ ଚାହିଁ ବସିଛନ୍ତି।

## ବିଏମସିକୁ ବାଉଁଶ ଚିନ୍ତା



ବିଏମସିକୁ କୁଆଡେ ବାଉଁଶ ଚିନ୍ତା ଘାରିଛି। ଏକଥା ଖୋଦ୍ ବିଏମସିର କର୍ମଚାରୀମାନେ କହି ବୁଲୁଛନ୍ତି। ଏଭଳି ଚିନ୍ତା ଯୋଗୁଁ ଚଳିତବର୍ଷ ରାଜଧାନୀର ଛକ ଗୁଡିକରେ ଖରାରୁ ରକ୍ଷା କରିବାପାଇଁ ମଞ୍ଚା ବନ୍ଧାଯାଇ ପାରୁନାହିଁ। ଲୋକେ ଟାଇଁ ଟାଇଁ ଖରାରେ ସିଝୁଛନ୍ତି। ଏ ସଂକ୍ରାନ୍ତରେ ଜଣେ ବିଏମସି ବାବୁଙ୍କୁ ପଚାରିବାରୁ ସିଏ କହିଲେ, ଏହି ବାଉଁଶ ପାଇଁ ଗଲାଥର ବିଏମସି ବଦନାମ ହୋଇଥିଲା। ଯେଉଁଠି ବାଉଁଶ ପୋତିଲା ତାହାକୁ ରାସ୍ତା ବିଭଗ ବାବୁମାନେ ଓପାଡି ଦେଲେ। ବିଏମସି ରାତିରେ ବାଉଁଶ ପୋତି ସକାଳୁ ଆଉ ପାଇଲା ନାହିଁ। ସେହିଭଳି ବାଉଁଶ କିଣାରେ ଦୁର୍ନୀତି ହୋଇଛି ବୋଲି ବିରୋଧିମାନେ ରଡି ଛାଡିଲେ। ଏହାଛଡା କେତେକ ସ୍ଥାନରେ ସାମାନ୍ୟ ପବନରେ ବି ବାଉଁଶ ଉପୁଡି ପଡିଲା। ଏହାକୁ ନେଇ ବିଏମସିର ଅର୍ଥ ଶ୍ରାଦ୍ଧ ହେଲା। ତେଣୁ ଏବର୍ଷ ଖରା ଦିନରେ ବାଉଁଶ ଭାଡି ହେବ କି ନାହିଁ ତାହା ଚୂଡାନ୍ତ ହୋଇପାରୁ ନାହିଁ। ବାବୁ ମାନଙ୍କୁ ବାଉଁଶ ଚିନ୍ତା ଘାରିଛି। ତେଣୁ ମୂଳୁ ମାଇଲେ ଯିବ ସରି ନ୍ୟାୟରେ ବାଉଁଶ ବିବାଦରେ ପଶିବା ଅପେକ୍ଷା ଏଜି ଛକରେ ଯେଭଳି ସ୍ଥାୟୀ ଛାଇ ବ୍ୟବସ୍ଥା। ହୋଇଛି ସେଭଳି କରିବାପାଇଁ କିଛି ବାବୁ ପ୍ରସ୍ତାବ ଦେଇଥିଲେ। ହେଲେ ଏହା ବିଜେଡିର ଉଦ୍ଭାବନ ହୋଇଥିବାରୁ କାଳେ କପି ଅଭିଯୋଗ ଲାଗିବ ସେଥିପାଇଁ କିଛି ବାବୁ ପଛଘୁଞ୍ଚା ଦେଉଛନ୍ତି। ଏହି ଗୋଲକଧନ୍ଦା ଭିତରେ କିନ୍ତୁ ରାଜଧାନୀର ଦୁଇ ଚକିଆ ଆରୋହୀମାନେ ଟ୍ରାଫିକ ଛକରେ ଖରାରେ ଭାଜିହୋଇ ଯାଉଛନ୍ତି।

# ବିରୋଧୀଙ୍କ ମୁଣ୍ଡରେ ଲାଗିଲା 'ମହିଳା ବିରୋଧୀ' ଷ୍ଟାମ୍ପ




ଭୁବନେଶ୍ୱର, ୧୯।୪ (ସଂଚାର ବ୍ୟୁରୋ): ୧୭ ତାରିଖ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ 'କଳା ଦିବସ' ଥିଲା। କାରଣ ଏହି ଦିନ କଂଗ୍ରେସ ଦଳ ନେତୃତ୍ୱରେ ସମଗ୍ର ବିରୋଧୀଦଳ ମିଳିମିଶି ଦେଶର କୋଟି କୋଟି ମହିଳାଙ୍କ ସ୍ୱପ୍ନକୁ ଚୁରମାର କରି ଦେଇଥିଲେ ବୋଲି ରାଜ୍ୟ କାର୍ଯ୍ୟାଳୟରେ "ନାରୀଶକ୍ତି ବନ୍ଦନ ଅଧିନିୟମ" ଉପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

### କଂଗ୍ରେସ ଉପରେ ବର୍ଷିଲେ ବାଂସୁରୀ

ମୋହନଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହିଳାଙ୍କ ସଶକ୍ତିକରଣ ପାଇଁ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯଜ୍ଞ କରୁଥିବାବେଳେ ବିରୋଧୀମାନେ ଏହାକୁ ବିଫଳ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି। ବିରୋଧୀ ଦଳର ନାରୀ ସ୍ୱାଧୀନତା ସ୍ଲୋଗାନର ଅସଲ ରୂପ ଦୁଇ ଦିନର ଲୋକସଭା ବିତର୍କରେ ପଦାକୁ ଆସିଛି। କଂଗ୍ରେସ ଓ ତାଙ୍କ ସହଯୋଗୀ ଦଳମାନେ ପୂର୍ବରୁ ଦୁର୍ନୀତି ଓ ପରିବାରବାଦ ପାଇଁ ଜଣାଶୁଣା ଥିଲେ। ଏବେ ସେମାନଙ୍କ ମୁଣ୍ଡରେ 'ମହିଳା ବିରୋଧୀ'ର ଷ୍ଟାମ୍ପ ଲାଗିଗଲା।

ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ସାଂସଦ ବାଂସୁରୀ ସ୍ୱରାଜ କହିଛନ୍ତି ଯେ, ନାରୀଶକ୍ତି ବନ୍ଦନ ଅଧିନିୟମ ସର୍ବସମ୍ମତିକ୍ରମେ ୨୦୨୩ ସେପ୍ଟେମ୍ବରରେ ପାରିତ ହୋଇଥିଲା। ସେତେବେଳେ କଂଗ୍ରେସ ସମେତ ସମସ୍ତ ବିରୋଧୀ ଦଳଗୁଡ଼ିକ ଏହି ଅଧିନିୟମ ସପକ୍ଷରେ ସହମତି ପ୍ରକାଶ କରିଥିଲେ। ମାତ୍ର ଏହି ଅଧିନିୟମ ଲାଗୁ ହେବାବେଳକୁ କଂଗ୍ରେସ, ଡିଏମ୍‌କେ, ଟିଏମ୍‌ସି, ସମାଜବାଦୀ ପାର୍ଟିଙ୍କ ସହ ଇଣ୍ଡିମେଣ୍ଟରେ ଥିବା ସବୁ ବିରୋଧୀଦଳ ମିଶି ଏହି ଦେଶର ମାତୃଶକ୍ତି ସହ ବିଶ୍ୱାସଘାତ କରିଛନ୍ତି। ପ୍ରଧାନମନ୍ତ୍ରୀ ୨୦୨୯ରୁ ମହିଳା ସଂରକ୍ଷଣ ଲାଗୁ କରିବା ପାଇଁ ଚାହିଁଥିଲେ, ମାତ୍ର ବିରୋଧୀମାନେ ଦେଶର ମାତୃଶକ୍ତି ପୀଠିରେ ଛୁରି ଭୁଷି ଦେଇଛନ୍ତି। କଂଗ୍ରେସ ସବୁବେଳେ ଭାରତରତ୍ନ ଡ. ଭୀମରାଓ ବାବାସାହେବ ଆମ୍ବେଦକର ଓ ସମ୍ବିଧାନର କଥା କହୁଥିବାବେଳେ ନାରୀମାନଙ୍କ ଅଧିକାରର ହିସାବ ଦେବାର ସମୟ ଯେତେବେଳେ ଆସିଲା ସେତେବେଳେ ଏହି ଦଳ ସମ୍ବିଧାନର ତଣ୍ଟି ଚିପିଦେଲା ବୋଲି କହିଛନ୍ତି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ। ଗତ ୪୦ ବର୍ଷ ଧରି ଦେଶର ମାତୃଶକ୍ତି ନିଜର ଅଧିକାର ପାଇଁ ଅପେକ୍ଷା କରିଥିବାବେଳେ ବିରୋଧୀମାନେ ଜାଣିଶୁଣି ବିଭିନ୍ନ ପ୍ରସଙ୍ଗ ଉଠାଇ ହୀନ ରାଜନୀତି କରି ଏହି ଅଧିନିୟମକୁ ଲାଗୁ କରେଇ ଦେଇନାହାନ୍ତି। ମହିଳାମାନଙ୍କୁ ରାଜନୀତିରେ ସେମାନଙ୍କ ଅଧିକାର ମିଳୁ ବୋଲି ସେମାନେ ଚାହୁଁ ନ ଥିଲେ ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ମାତୃଶକ୍ତିଙ୍କୁ ବଳି ଚଢ଼େଇବା ପାଇଁ ସେମାନେ ଯେଉଁ ଅବରୋଧ ସୃଷ୍ଟି କରିଛନ୍ତି, ଏଥିପାଇଁ ସେମାନେ ମାତୃଶକ୍ତିର ଆକ୍ରୋଶର ଶୀକାର ହେବା ସୁନିଶ୍ଚିତ। ମାତୃଶକ୍ତିର ଆର୍ଶୀବାଦ ପାଇବାକୁ ସେମାନେ ସୁଯୋଗ ପାଇଥିଲେ କିନ୍ତୁ ହାତଛଡ଼ା କରିଦେଲେ। ଯେଉଁମାନେ ନାରୀଶକ୍ତିର ସ୍ୱାର୍ଥକୁ ବଳି ପକାଇଦେଇଛନ୍ତି, ସେମାନଙ୍କୁ ଅଭିଶାପର ଫଳ ନିଶ୍ଚୟ ମିଳିବ ବୋଲି ସେ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ପ୍ରଭାତୀ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ମହିଳା ମୃତ

ଦେବଗଡ , ୧୯।୪ (ସଂଚାର ବ୍ୟୁରୋ) : ଦନ୍ତାହାତୀ ଆକ୍ରମଣରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି । ମୃତ ମହିଳା କୁଣ୍ଢେଇଗୋଲା ସେକ୍ସନ ଆଉଁଳି କୁଡା ସାହିର କମାର ପ୍ରଧାନଙ୍କ ସ୍ତ୍ରୀ ପାତି ପ୍ରଧାନ। ପାତି କାଜୁ ତୋଳିବା ପାଇଁ କୁଡା ସାହି ନିକଟରେ ଥିବା କାଜୁ ବଗିଚାକୁ ଯାଇ ଦନ୍ତାହାତୀ ହାବୁଡ଼ରେ ପଡିଯାଇଥିଲେ। ଦନ୍ତା ତାଙ୍କୁ ତଳେ କଚାଡି ଦଳି ଦେଇଛି । ଘଟଣାସ୍ଥଳରେ ହିଁ ପାତିଙ୍କର ମୃତ୍ୟୁ ଘଟିଛି ।

## ଷ୍ଟେସନରୁ ୩୪ ଛାତ୍ର ଉଦ୍ଧାର

ଭୁବନେଶ୍ୱର, ୧୯।୪ (ସଂଚାର ବ୍ୟୁରୋ) : ବ୍ରହ୍ମପୁର ଷ୍ଟେସନରୁ ୩୪ ଛାତ୍ର ଉଦ୍ଧାର। ହାୱଡ଼ା-ସିକନ୍ଦରାବାଦ ଫାଲକନାମା ଏକ୍ସପ୍ରେସରୁ ୩୪ ଜଣ ସଂଖ୍ୟାଲଘୁ ସଂପ୍ରଦାୟର ଛାତ୍ରଙ୍କୁ ଉଦ୍ଧାର କଲା ଆରପିଏଫ । ୩୪ ଜଣ ଛାତ୍ର ପଶ୍ଚିମବଙ୍ଗ ଓ ବିହାର ଅଞ୍ଚଳର ହୋଇଥିବା ସୂଚନା। ଛାତ୍ର ମାନେ ପଶ୍ଚିମବଙ୍ଗରୁ ହାଇଦ୍ରାବାଦ ଯାଉଥିବା ପ୍ରାଥମିକ ତଦନ୍ତରୁ ସୂଚନା ପାଇଛି ଜିଆରପି। ହାଇଦ୍ରାବାଦକୁ ସେମାନେ ପାଠ ପଢ଼ିବାକୁ ଯାଉଥିବା କହିଛନ୍ତି । ଉଦ୍ଧାର ଛାତ୍ରଙ୍କୁ ପରେ ଜିଆରପିକୁ ହସ୍ତାନ୍ତର କରାଯାଇଛି । ତେବେ କଣ ପାଇଁ ସେମାନେ ପଶ୍ଚିମବଙ୍ଗରୁ ହାଇଦ୍ରାବାଦ ଯାଉଥିଲେ ସେନେଇ ତଦନ୍ତ ଜାରି ରଖିଛି ଜିଆରପି।

## ତହସିଲଦାରଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ୭ ଗିରଫ

ଯାଜପୁର, ୧୯।୪ (ସଂଚାର ବ୍ୟୁରୋ): ବ୍ୟାସନଗର ତହସିଲଦାରଙ୍କୁ ହତ୍ୟା ଉଦ୍ୟମ ଘଟଣାରେ କୋରେଇ ପୁଲିସ ରବିବାର ୭ ଜଣଙ୍କୁ ଗିରଫ କରିଛି। ଏହାସହ ୫ ଟ୍ରାକ୍ଟର ଏବଂ ୨ଟି ଜେସିବି ମେସିନ ଜବତ କରାଯାଇଛି। ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଶନିବାର ହତ୍ୟା ଉଦ୍ୟମ କରାଯାଇଥିଲା। ବେଆଇନ ମାଟି ଚୋରିକୁ ରୋକିବାକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତହସିଲଦାରଙ୍କୁ ଏକ ଘରୋଇ ହସ୍ପିଟାଲର ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତହସିଲଦାରଙ୍କୁ କଟକକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣାର ତଦନ୍ତ କରି ଜମି ମାଲିକ, ୬ ଜଣ ଟ୍ରାକ୍ଟର ଡ୍ରାଇଭର, ଜେସିବି ଡ୍ରାଇଭର ସମେତ ୭ଜଣଙ୍କୁ ଗିରଫ କରାଯାଇଛି।

## ୨୧ରେ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ

ଭୁବନେଶ୍ୱର,୧୯।୪ (ସଂଚାର ବ୍ୟୁରୋ): ପୁରୀରେ ୨୧ତାରିଖ ଦିନ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଅନୁଷ୍ଠିତ ହେବ। ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରେୱ୍‌କର ଏଥିରେ ଅଧ୍ୟକ୍ଷତା କରିବେ। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ଓ ଓଡ଼ିଶା ସମେତ କର୍ଣ୍ଣାଟକ, ନାଗାଲାଣ୍ଡ ବିଧାନସଭାର ବାଚସ୍ପତି ଯୋଗଦେଇ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିରୋଧ ଆଇନର ପ୍ରାସଙ୍ଗିକତା ଓ ପରିଣତି ଏବଂ ଏହାକୁ କିପରି ରୋକାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବେ। ଏହି ସମ୍ମିଳନୀରେ ସମ୍ବିଧାନ ବିଶେଷଜ୍ଞମାନଙ୍କ ସହ ଓଡ଼ିଶାର ଆଡଭୋକେଟ୍ ଜେନେରାଲ ଏବଂ ଲୋକସଭା ବରିଷ୍ଠ ଅଧିକାରୀ ତଥା ବିଭିନ୍ନ ବିଧାନସଭାର ସଚିବମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଓଡ଼ିଶା ଶାସନ

ଅଂଶୁଘାତ ସତର୍କତା

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା



**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ୍/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

DSPL/320920-10001/69/2627

NATIONAL HEALTH MISSION

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଭାରତରେ ୧୩% କମିଲା ଏଲ୍‌ପିଜି ବ୍ୟବହାର

## ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ



ନୂଆଦିଲ୍ଲୀ, ୧୯।୪: ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ଦେଶରେ ମାର୍ଚ୍ଚ ମାସରେ ଏଲ୍‌ପିଜି ବ୍ୟବହାର ୧୩ ପ୍ରତିଶତ କମିଯାଇଛି। ହର୍ମୁଜ ପ୍ରଣାଳୀ ବନ୍ଦ ହେବା ଫଳରେ ଭାରତକୁ ଅଶୋଧିତ ତେଲ ଏବଂ ରନ୍ଧନ ଗ୍ୟାସ ଆସିବା ବାଧାପ୍ରାପ୍ତ ହୋଇଛି। ଏହାର ପ୍ରଭାବରେ ଦେଶରେ ଗ୍ୟାସ ଯୋଗାଣ ଓ ବ୍ୟବହାର କମିଯାଇଛି। ସୂଚନା ଅନୁଯାୟୀ, ମାର୍ଚ୍ଚ ମାସରେ ଏଲ୍‌ପିଜି ବ୍ୟବହାର ୨.୩୭୯ ନିୟୁତ ଟନ ରହିଛି, ଯାହାକି ୨୦୨୫ ମାର୍ଚ୍ଚରେ ହୋଇଥିବା ୨.୭୨୯ ନିୟୁତ ଟନ ବ୍ୟବହାର ତୁଳନାରେ ୧୨.୮ ପ୍ରତିଶତ କମ୍। ଭାରତ ଏହାର ମୋଟ ଏଲ୍‌ପିଜି ଆବଶ୍ୟକତାର ୬୦ ପ୍ରତିଶତ ଆମଦାନି କରିଥାଏ। ଏଥିରୁ ଅଧିକାଂଶ ହର୍ମୁଜ ପ୍ରଣାଳୀ ଦେଇ ଆସିଥାଏ। ଏଲ୍‌ପିଜି ଆସିବା କମିଯିବା ଫଳରେ ସରକାର ଦେଶରେ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ଉପରେ କଟକଣା ଲଗାଇଛନ୍ତି। ଘରୋଇ ଚାହିଦା ପୂରଣକୁ ପ୍ରାଥମିକତା ଦିଆଯାଇଥିବାବେଳେ କଳ କାରଖାନା, ହୋଟେଲ ଓ ରେଷ୍ଟୋରାଁକୁ ଗ୍ୟାସ ଯୋଗାଣ କମାଇ ଦିଆଯାଇଛି। ତେବେ ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ ସେଲ୍ (ପିପିଏସି)ର ରିପୋର୍ଟ ଅନୁଯାୟୀ ମାର୍ଚ୍ଚ ମାସରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ବିକ୍ରି ମାର୍ଚ୍ଚ ମାସରେ ୮.୧ ପ୍ରତିଶତ ହ୍ରାସ ଘଟି ୨.୨୧୯ ନିୟୁତ ଟନ ରହିଛି। ଅନ୍ୟପକ୍ଷରେ ଅଣଘରୋଇ ବ୍ୟବହାରକାରୀଙ୍କୁ ୪୮ ପ୍ରତିଶତ କମ୍ ଏଲ୍‌ପିଜି ଦିଆଯାଇଛି। ବଲକ୍ ଏଲପିଜି ବିକ୍ରିରେ ୭୫.୫ ପ୍ରତିଶତ ହ୍ରାସ ଘଟିଛି।

ଘରୋଇ ଏଲ୍‌ପିଜି ଯୋଗାଣ ସ୍ୱାଭାବିକ ରହିଛି ବୋଲି ସରକାର ଦାବି କରୁଥିଲେ ମଧ୍ୟ ପିପିଏସି ତଥ୍ୟରୁ ଏହା କମିଥିବା ଜଣାଯାଇଛି। ତେବେ ଦେଶରେ ଏଲ୍‌ପିଜି ଅଭାବକୁ ପୂରଣ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ପେଟ୍ରୋକେମିକାଲ ପରିବର୍ତ୍ତେ ଏଲପିଜି ଉତ୍ପାଦନ ବଢ଼ାଇବା ପାଇଁ ବିଶୋଧନାଗାରଗୁଡ଼ିକୁ କୁହାଯାଇଛି। ଏଥିଯୋଗୁ ଦେଶରେ ଏଲ୍‌ପିଜି ଉତ୍ପାଦନ ମାର୍ଚ୍ଚ ମାସରେ ୧.୪ ନିୟୁତ ଟନକୁ ବୃଦ୍ଧି ପାଇଛି, ଯାହାକି ୨୦୨୫ ମାର୍ଚ୍ଚରେ ୧.୧ ନିୟୁତ ଟନ ରହିଥିଲା। ଏଥିଯୋଗୁ ଦେଶରେ ଗତ ଆର୍ଥିକବର୍ଷରେ ମୋଟ ଏଲପିଜି ଉତ୍ପାଦନ ୧୩.୧ ନିୟୁତ ଟନକୁ ବୃଦ୍ଧି ପାଇଛି, ଯାହାକି ୨୦୨୪-୨୫ ଆର୍ଥିକବର୍ଷରେ ୧୨.୮ ନିୟୁତ ଟନ ରହିଥିଲା।

ଅନ୍ୟପକ୍ଷରେ ଦେଶରେ ଗତ ଆର୍ଥିକବର୍ଷରେ ମୋଟ ଏଲ୍‌ପିଜି ବ୍ୟବହାର ୬ ପ୍ରତିଶତ ବୃଦ୍ଧି ଘଟି ୩୩.୨୧୨ ନିୟୁତ ଟନରେ ପହଞ୍ଚିଛି। ମାର୍ଚ୍ଚ ମାସରେ ଦେଶରେ ପେଟ୍ରୋଲ ବ୍ୟବହାର ୭.୬ ପ୍ରତିଶତ ବୃଦ୍ଧି ଘଟି ୩.୭୮ ନିୟୁତ ଟନରେ ଏବଂ ଡିଜେଲ ବ୍ୟବହାର ୮.୧ ପ୍ରତିଶତ ବୃଦ୍ଧି ଘଟି ୮.୭୨୭ ନିୟୁତ ଟନରେ ପହଞ୍ଚିଛି। ସମୁଦାୟ ଆର୍ଥିକବର୍ଷରେ ପେଟ୍ରୋଲ ବ୍ୟବହାର ୬.୫ ପ୍ରତିଶତ ବୃଦ୍ଧି ଘଟି ୪୨.୫୮୬ ନିୟୁତ ଟନ ଏବଂ ଡିଜେଲ ବ୍ୟବହାର ୩.୬ ପ୍ରତିଶତ ବୃଦ୍ଧି ଘଟି ୯୪.୭୦୫ ନିୟୁତ ଟନରେ ପହଞ୍ଚିଛି।



# ଏୟାର ଇଣ୍ଡିଆ ବିମାନର ନୂଆ କ୍ୟାବିନ୍, ୪କେ ସ୍କ୍ରିନ୍ ଅପଗ୍ରେଡ୍

ନୂଆଦିଲ୍ଲୀ, ୧୯।୪:ଯାତ୍ରୀଙ୍କୁ ଆଧୁନିକ ସୁବିଧା ଦେବାକୁ ବିମାନରେ ପରିବର୍ତ୍ତନ କରୁଛି ଏୟାର ଇଣ୍ଡିଆ। ଭିତର ଏବଂ ବାହାର ଡିଜାଇନ ପରିବର୍ତ୍ତନ କରାଯାଉଛି। ସିଟ୍ ସାଇଜ ବୃଦ୍ଧି କରାଯାଇଥିବା ବେଳେ, ଯାତ୍ରୀଙ୍କ ମନୋରଞ୍ଜନ ପାଇଁ ବିଶେଷ ବ୍ୟବସ୍ଥା ହୋଇଛି। ଡ୍ରିମ୍ ଲାଇନର ବିମାନଗୁଡ଼ିକର ନବକଳେବର କରୁଛି ଏୟାର ଇଣ୍ଡିଆ। ପ୍ରଥମ ପର୍ଯ୍ୟାୟରେ ୨୬ଟି ବିମାନରେ ଏଭଳି ପରିବର୍ତ୍ତନ କରାଯାଉଥିବା ବେଳେ , ଯାତ୍ରୀଙ୍କୁ ମିଳିବ ଆଧୁନିକ ଉଡ଼ାଣ ଅନୁଭବ। ୩୮ ଇଞ୍ଚ ସିଟ୍ ପିଚ୍, ୧୩.୩ ଇଞ୍ଚ ୪କେ ସ୍କ୍ରିନ୍, ଲେଗ୍-ରେଷ୍ଟ ଏବଂ କାଫ-ରେଷ୍ଟ... ଏୟାର ଇଣ୍ଡିଆ ଏହାର ବିମାନକୁ ରୂପାନ୍ତରିତ କରୁଛି। କମ୍ପାନୀ ପ୍ରଥମ ଅପଗ୍ରେଡେଡ୍ ବୋଇଂ ୭୮୭-୮ ଡ୍ରିମଲାଇନର୍ (ଭିଟି-ଏଏନଟି) ସହ ଏହାର ଫ୍ଲିଟକୁ ଆଧୁନିକୀକରଣ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ନେଇଛି। ଏହି ଭଳି ୨୬ଟି ପୁରୁଣା ଡ୍ରିମଲାଇନର୍ ଡିଜାଇ କରାଯିବ। ଏହା ଯାତ୍ରୀମାନଙ୍କୁ ଏକ ଉତ୍ତମ ଏବଂ ଆଧୁନିକ ଉଡ଼ାଣ ଅଭିଜ୍ଞତା ପ୍ରଦାନ କରିବ ବୋଲି କମ୍ପାନୀ ଲକ୍ଷ୍ୟ ରଖିଛି। ଏୟାର ଇଣ୍ଡିଆ ବିମାନର ନବୀକରଣ କାଲିଫର୍ନିଆର ବୋଇଂର ଭିକ୍ଟୋରୀଭିଲ୍ ମୋଡିଫିକେସନ୍ ସେଣ୍ଟରରେ କରାଯାଇଛି। ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ପ୍ରମୁଖ ବୈଷୟିକ ଏବଂ ଡିଜାଇନ୍ ପରିବର୍ତ୍ତନ ଅନ୍ତର୍ଭୁକ୍ତ। ବିଜନେସ୍ କ୍ଲାନରେ ୨୦ ଟି ସିଟ୍ ରହିଛି, ଯେଉଁଥିରେ ପ୍ରତ୍ୟେକ ସିଟ୍ ପାଇଁ ସ୍ଲାଇଡିଂ ଡୋର ସହିତ ଏକ ପ୍ରାଇଭେଟ୍ ସୁଟ୍, ୭୯-ଇଞ୍ଚର ଫ୍ଲାଟ୍ ବେଡ୍ ଏବଂ ୧୭-ଇଞ୍ଚର ୪କେ ଟଚସ୍କ୍ରିନ୍ ରହିଥିବା ଜଣାପଡ଼ିଛି। ଏକାଧିକ ଚାର୍ଜିଂ ବିକଳ୍ପ ସହିତ ଯାତ୍ରୀଙ୍କ ପ୍ରାଇଭେସି ଲାଗି ବିଶେଷ ବ୍ୟବସ୍ଥା କରାଯାଇଛି। ପ୍ରିମିୟମ୍ ଇକୋନୋମି କ୍ଲାସରେ ୩୮-ଇଞ୍ଚର ସିଟ୍ ପିଚ୍, ୧୩.୩-ଇଞ୍ଚର ୪କେ ସ୍କ୍ରିନ୍, ଲେଗ୍ ରେଷ୍ଟ ଏବଂ କାଫ ରେଷ୍ଟ ସହିତ ୨୫ଟି ସିଟ୍ ଅଛି। ଇକୋନୋମି କ୍ଲାସରେ ୩୧-୩୨ ଇଞ୍ଚ ସିଟ୍ ପିଚ୍, ୧୧.୬ ଇଞ୍ଚର ୪କେ ସ୍କ୍ରିନ୍ ଏବଂ ଚାର୍ଜିଂ ପୋର୍ଟ ସହିତ ୨୦୫ଟି ସିଟ୍ ରହିଛି। ବିମାନର ଭିତର ଭାଗରେ ୪୭୫ ମିଟର କପଡ଼ା, ୧୬୭ ମିଟର ସିନ୍ଥେଟିକ୍ ଲେଦର ଏବଂ ୧୬୯ ମିଟର ନୂତନ କାର୍ପେଟ୍ ବିଛାଯାଇଛି।

# ବିଶ୍ୱ ଶକ୍ତି ବଜାରରେ ୫୦ ବିଲିୟନ ଡଲାରର ମହାଝଟ୍‌କା

ତେହେରାନ୍/ୱାଶିଂଟନ, ୧୯।୪: ଫେବୃଆରୀ ଶେଷ ଭାଗରୁ ଆରମ୍ଭ ହୋଇଥିବା ଇରାନ-ଆମେରିକା ଯୁଦ୍ଧର ୫୦ଦିନ ମଧ୍ୟରେ ଶକ୍ତି ବଜାରରୁ ପ୍ରାୟ ୫୦ କୋଟି ବ୍ୟାରେଲରୁ ଅଧିକ ଅଶୋଧିତ ତୈଳ ହ୍ରାସ ପାଇବା ସହ ପ୍ରାୟ ୫୦ ବିଲିୟନ୍ ଡଲାରର ରାଜସ୍ୱ ହାନି ଘଟିଛି, ଯାହା ଆଧୁନିକ ଇତିହାସର ସବୁଠାରୁ ବଡ଼ ଯୋଗାଣ ବିପର୍ଯ୍ୟୟ ଭାବେ ଉଭା ହୋଇଛି। କେପଲର ତଥ୍ୟ ଅନୁଯାୟୀ, ଯୁଦ୍ଧ ଯୋଗୁଁ ଉତ୍ପାଦନ ବ୍ୟାହତ ହେବା ଫଳରେ ବିଶ୍ୱ ଅର୍ଥନୀତି ଗଭୀର ଭାବେ ପ୍ରଭାବିତ ହୋଇଛି, ଯଦିଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖୁବଶୀଘ୍ର ଏକ ସମାଧାନର ଆଶା ପ୍ରକଟ କରିଛନ୍ତି, କିନ୍ତୁ ଅପରପକ୍ଷରେ ହର୍ମୁଜ ପ୍ରଣାଳୀ ଖୋଲା ରହିବା ନେଇ ଇରାନ ବୈଦେଶିକ ମନ୍ତ୍ରୀ ସୂଚନା ଦେଇଥିଲେ ସୁଦ୍ଧା,ଏହି ମହାସଙ୍କଟରୁ ମୁକୁଳିବା ପାଇଁ ବହୁ ମାସ କିମ୍ବା ବର୍ଷ ବର୍ଷ ସମୟ ଲାଗିପାରେ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ବଜାରରେ ଅଭାବ ଥିବା ଏହି ୫୦ କୋଟି ବ୍ୟାରେଲ ତୈଳର ପରିମାଣ ଏତେ ଅଧିକ ଯେ, ଏହା ଆମେରିକାର ପ୍ରାୟ ଏକ ମାସର ସମ୍ପୂର୍ଣ୍ଣ ତୈଳ ଚାହିଦା କିମ୍ବା ସମଗ୍ର ବିଶ୍ୱର ବିମାନ ଚଳାଚଳ ପାଇଁ ଆବଶ୍ୟକ ୧୦ ସପ୍ତାହର ଇନ୍ଧନ ସହିତ ସମାନ। ବିଶେଷ କରି ମାର୍ଚ୍ଚ ମାସରେ ଉପସାଗରୀୟ ଆରବ ଦେଶଗୁଡ଼ିକର ତୈଳ ଉତ୍ପାଦନ ଦୈନିକ ୮୦ ଲକ୍ଷ ବ୍ୟାରେଲ ହ୍ରାସ ପାଇଛି। ଏଥିସହିତ ସାଉଦି ଆରବ, କତାର ଓ ୟୁଏଇ ଭଳି ପ୍ରମୁଖ ରପ୍ତାନିକାରୀ ଦେଶଗୁଡ଼ିକରୁ ଜେଟ୍ ଫୁଏଲ୍ ରପ୍ତାନିରେ ୭୫% ରୁ ଅଧିକ ହ୍ରାସ ଘଟିଛି, ଯାହା ବିଶ୍ୱ ପରିବହନ କ୍ଷେତ୍ରକୁ ସ୍ତବ୍ଧ କରିଦେଇଛି। ଶକ୍ତି ବିଶେଷଜ୍ଞ ଜୋହାନେସ ରାଉବାଲଙ୍କ ମତରେ, ବର୍ତ୍ତମାନ ବିଶ୍ୱ ବଜାରରେ ଅଶୋଧିତ ତୈଳର ହାରାହାରି ମୂଲ୍ୟ ୧୦୦ ଡଲାର ପାଖାପାଖି ରହିଥିବାରୁ ଏହି ଯୋଗାଣ ବାଧାପ୍ରାପ୍ତ ହେବା ଫଳରେ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। କୁଏତ ଓ ଇରାକର ତୈଳ କ୍ଷେତ୍ରଗୁଡ଼ିକ ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରିବା ପାଇଁ ଅତିକମରେ ୪ ରୁ ୫ ମାସ ସମୟ ଲାଗିବ। କିନ୍ତୁ କତାରର ରାସ ଲାଫାନ ଏଲ୍‌ଏନଜୀ କମ୍ପ୍ଲେକ୍ସ ଏବଂ ବିଭିନ୍ନ ରିଫାଇନାରୀ ଗୁଡ଼ିକର ଯେଉଁ ବ୍ୟାପକ କ୍ଷୟକ୍ଷତି ହୋଇଛି, ତାହାର ପୂର୍ଣ୍ଣ ପୁନରୁଦ୍ଧାର ପାଇଁ ବହୁ ବର୍ଷ ସମୟ ଲାଗିଯାଇପାରେ। ବର୍ତ୍ତମାନ ସମଗ୍ର ବିଶ୍ୱ ଏକ ସ୍ଥାୟୀ ଶାନ୍ତି ଚୁକ୍ତିକୁ ଅପେକ୍ଷା କରିଛି, ଯାହା ଦ୍ୱାରା ଶକ୍ତି ବଜାରରେ ସ୍ଥିରତା ଫେରିପାରିବ।



# କୋଭିଡ୍ ଭଳି ବିଧ୍ୱଂସକାରୀ ହେବ ତୈଳ ସଂକଟ

ନୂଆଦିଲ୍ଲୀ,୧୯।୪: ୬ ବର୍ଷ ତଳେ କୋଭିଡ୍ ମହାମାରୀ ବେଳେ ଭାରତୀୟ ଅର୍ଥନୀତିରେ ଯେଉଁଭଳି ଭାବେ ବିପର୍ଯ୍ୟୟ ସୃଷ୍ଟି ହୋଇଥିଲା, ଇରାନ ଯୁଦ୍ଧରୁ ସୃଷ୍ଟି ହୋଇଥିବା ତୈଳ ସଂକଟ ମଧ୍ୟ ସମାନ ଧରଣର ଆର୍ଥିକ ବିପତ୍ତି ଆଣିବ। ଏହି କ୍ଷତି ଆଗାମୀ ବର୍ଷ ବର୍ଷ ଧରି ଲାଗି ରହିପାରେ। ଏହାସହିତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରକୁ ଏହାର ପଥରୁ ହଟାଇପାରେ ଯୁଦ୍ଧ। କୋଭିଡ୍ ସମୟରେ ଯେଉଁଭଳି ରଣନୀତି ଆପଣାଇ ସରକାର ସ୍ଥିତିକୁ ଆୟତ୍ତ କରିଥିଲେ, ବର୍ତ୍ତମାନ ତାହା ଉପରେ ଅନୁଶୀଳନ କରୁଛନ୍ତି। ଗ୍ୟାସ୍ ଅଭାବ ଏବଂ ବର୍ଦ୍ଧିତ ତୈଳ ବିଲ୍ ଦ୍ୱାରା ପ୍ରଭାବିତ ଖାଉଟିଙ୍କୁ କିପରି ଏ ବିପତ୍ତିରୁ ଉଦ୍ଧାର କରାଯାଇପାରିବ, ତାହାକୁ ନେଇ ଯୋଜନା ପ୍ରସ୍ତୁତ କରୁଛନ୍ତି।

ଏହି କ୍ରମରେ ଏକ ସଂଶୋଧିତ କ୍ରେଡିଟ୍ ଗ୍ୟାରେଣ୍ଟି ସ୍କିମ୍ ଉପରେ କାର୍ଯ୍ୟ କରାଯାଉଛି। କ୍ଷୁଦ୍ର ଏବଂ ମଧ୍ୟମ ଧରଣ ଉଦ୍ୟୋଗଗୁଡ଼ିକ ପାଇଁ ୨ରୁ୨.୫ ଲକ୍ଷ କୋଟି ଟଙ୍କା ତଥା ୨୬.୮ ବିଲିୟନ ଡଲାରର ଏକ ଋଣ ଗ୍ୟାରେଣ୍ଟି ସ୍କିମ୍ ଉପରେ ବିଚାର ହେଉଥିବା ଅଧିକାରୀ ସ୍ତରରୁ ଜଣାପଡ଼ିଛି। ଭାରତ ମୁଖ୍ୟତଃ ଶକ୍ତି ଆମଦାନି ଉପରେ ନିର୍ଭରଶୀଳ। ଏହା ବିଶ୍ୱର ତୃତୀୟ ବୃହତ୍ ତୈଳ ଉପଭୋକ୍ତା ଏବଂ ମଧ୍ୟପ୍ରାଚ୍ୟରୁ ଏହା ପ୍ରାୟ ୯୦% ଗ୍ୟାସ ଆମଦାନି କରିଥାଏ। ଏହା ହେଉଛି ଏକ ବଡ଼ କାରଣ, ଯେଉଁଥିପାଇଁ ଇରାନ ଯୁଦ୍ଧ ଭାରତ ନିମନ୍ତେ କୋଭିଡ୍ ଭଳି ବିଧ୍ୱଂସକାରୀ ସାବ୍ୟସ୍ତ ହୋଇପାରେ। ଯଦିଓ ଯୁଦ୍ଧ ବନ୍ଦ ହୋଇଯାଇପାରେ, ସେତିକିରେ ସମସ୍ୟା ଶେଷ ହେବ ନାହିଁ। ଯୁଦ୍ଧ ଯୋଗୁ ଉପସାଗରୀୟ ରାଷ୍ଟ୍ରଗୁଡ଼ିକର ଶକ୍ତି ଭିତ୍ତିଭୂମି ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛି, ଯାହାର ମରାମତି ପାଇଁ ଅନେକ ସମୟ ଲାଗିବ। ତେଣୁ ମଧ୍ୟପ୍ରାଚ୍ୟରୁ ଶକ୍ତି ଯୋଗାଣ ସ୍ୱାଭାବିକ ହେବା ପାଇଁ ବର୍ଷ ବର୍ଷ ଲାଗିପାରେ ବୋଲି ସରକାରୀ ଅଧିକାରୀମାନେ ପ୍ରକାଶ କରିଛନ୍ତି। ଅର୍ଥ ମନ୍ତ୍ରାଳୟ ଅନେକ ପ୍ରକାର ସମ୍ଭାବ୍ୟ ପରିସ୍ଥିତିକୁ ଅନୁମାନ କରି ତଦନୁଯାୟୀ ରଣନୀତି ପ୍ରସ୍ତୁତ କରୁଛି। ବର୍ଷ ତମାମ ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ୧୨୦ ଡଲାର ରହିବ ବୋଲି ଆକଳନ କରି ଏହା ବିକଳ୍ପ ଉପାୟ ଉପରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

ସାମ୍ପ୍ରତିକ ସଂକଟ ଭାରତକୁ ଏହାର ଅଭିବୃଦ୍ଧି ପଥରୁ ହଟାଇପାରେ। ଯଦିଓ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ସରକାର ୬.୮%ରୁ ୭.୨%ର ଅଭିବୃଦ୍ଧି ଅନୁମାନ ରଖିଛନ୍ତି, ଅନେକ ଅର୍ଥନୀତିଜ୍ଞ ନିଜ ନିଜର ପୂର୍ବାନୁମାନକୁ ସଂକୁଚିତ କରିଛନ୍ତି। ଗୋଲ୍ଡମ୍ୟାନ୍ ସାକ୍ସ ଗ୍ରୁପ୍ ଭାରତ ପାଇଁ ୨୦୨୬ ନିମନ୍ତେ ୫.୯% ଅଭିବୃଦ୍ଧି ଆକଳନ କରିଥିବାବେଳେ ଅକ୍ସଫୋର୍ଡ ଇକୋନୋମିକ୍ସ ଲିମିଟେଡ୍ର ଆକଳନ ରହିଛି ୬.୨%। ନୀତି ନିର୍ଦ୍ଧାରଣକାରୀଙ୍କ ଅନୁମାନ ରହିଛି ଭାରତ ଏ ବର୍ଷ ୭ରୁ ୭.୫% ଅଭିବୃଦ୍ଧି ନେଇ ଆଗକୁ ବଢ଼ିପାରେ। ସେମାନଙ୍କ ମତରେ, ଯଦି ଝଟ୍କାର ପୁନରାବୃତ୍ତି ନ ହୁଏ ତେବେ ଏହା ୮% ବି ହୋଇପାରେ। ତେବେ ପୁଣି ଥରେ ଅର୍ଥନୀତି ଆଗରେ ଛିଡ଼ା ହୋଇଛି ଅନେକ ଆହ୍ୱାନ। ତାହା ହେଲା ଟଙ୍କା, ପାରିବାରିକ କ୍ରୟ ଶକ୍ତି, ଗଲ୍ଫରୁ ଆସୁଥିବା ରାଶି ବା ରେମିଟାନ୍ସ, ବିତ୍ତୀୟ ଶୃଙ୍ଖଳା ଏବଂ ଘରୋଇ ନିବେଶ। ଅକ୍ସଫୋର୍ଡ ଇକୋନୋମିକ୍ସର ଅର୍ଥନୀତିଜ୍ଞ ଆଲେକ୍‌ଜାଣ୍ଡ୍ରା ହର୍ମାନ କୁହନ୍ତି, ବର୍ତ୍ତମାନ ପାଇଁ ତୈଳ ଝଟ୍କା ଢାଞ୍ଚାଗତ ପରିବର୍ତ୍ତେ ଚକ୍ରାକାର ଦୃଶ୍ୟମାନ ହେଉଛି। କିନ୍ତୁ ଯଦି ଉଚ୍ଚ ଶକ୍ତି ଦର, ସବ୍ସିଡି ଚାପ ଏବଂ ଘରୋଇ ନିବେଶରେ ବିଳମ୍ବ ଲାଗି ରୁହେ ତେବେ କିଛି ମାତ୍ରାରେ ଚକ୍ରାକାର କ୍ଷତି ଅଭିବୃଦ୍ଧିକୁ ବି ପ୍ରଭାବିତ କରିପାରେ।




# ୩୦ ହଜାରକୁ ବଢ଼ିପାରେ ଇପିଏଫ୍ ବେତନସୀମା

ନୂଆଦିଲ୍ଲୀ, ୧୯।୪: ଇପିଏଫ୍ ମାସିକ ବେତନ ସୀମା ୨୫ରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ଉପରେ ସରକାର ବିଚାର କରୁଛନ୍ତି। ବର୍ତ୍ତମାନ ଏହି ବେତନ ସୀମା ୧୫ ହଜାର ଟଙ୍କାରେ ରହିଛି। ବେତନ ସୀମା ବୃଦ୍ଧି କରାଗଲେ ଅଧିକରୁ ଅଧିକ ଶ୍ରମିକ ଓ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ପରିସରଭୁକ୍ତ କରାଯାଇ ପାରିବ। ବେତନ ସୀମା ବୃଦ୍ଧିକୁ ଚୂଡ଼ାନ୍ତ କରିବା ପାଇଁ ଅଂଶୀଦାରମାନଙ୍କ ସହ ଆଲୋଚନା ଚାଲିଛି। ଏଥିସହିତ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ବେତନ ସୀମା ବୃଦ୍ଧି ପାଇଁ ମଧ୍ୟ ବିଚାରବିମର୍ଶ ଚାଲିଛି। ନିକଟରେ ଜାତୀୟ ରାଜଧାନୀ ଅଞ୍ଚଳରେ କର୍ମଚାରୀମାନଙ୍କର ବେତନ ବୃଦ୍ଧି କରାଯାଇଛି। ଏହି ବେତନ ବୃଦ୍ଧି ଫଳରେ ଅନେକ ସଦସ୍ୟ ଇପିଏଫ୍ ଯୋଜନାରୁ ବାଦ୍ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି। ଏହା ହେଲେ ଅଧିକରୁ ଅଧିକ ଲୋକଙ୍କୁ ସାମାଜିକ ସୁରକ୍ଷା ସୁବିଧା ପ୍ରଦାନ ନେଇ ସରକାର ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପରାହତ ହେବ। କେବଳ ସେତିକି ନୁହେଁ, ସରକାର କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ଓ ଇପିଏଫ୍‌ଓରେ କର୍ମଚାରୀମାନଙ୍କ ବେତନ ସୀମାକୁ ଗୋଟିଏ କରିବା ଉପରେ ମଧ୍ୟ ବିଚାର କରୁଛନ୍ତି। ଏହାଦ୍ୱାରା ବ୍ୟବସାୟ କରିବା ସହଜ ହେବ ଏବଂ ସଂସ୍ଥାଗୁଡ଼ିକ ପାଇଁ ନିୟମ କାର୍ଯ୍ୟକାରୀ କରିବା ମଧ୍ୟ କଷ୍ଟକର ହେବନାହିଁ ବୋଲି କୁହାଯାଉଛି। ସଂପ୍ରତି ଇଏସ୍‌ଆଇସି ସୁବିଧା ପାଇବା ପାଇଁ ମାସିକ ବେତନ ସୀମା ୨୧ ହଜାର ଟଙ୍କା ଥିବାବେଳେ ଇପିଏଫ୍ ସୁବିଧା ପାଇଁ ବେତନ ସୀମା ୧୫ ହଜାର ଟଙ୍କା ରହିଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ନିକଟରେ କେତେକ ରାଜ୍ୟରେ ଦରମା ବୃଦ୍ଧି ବିଷୟକୁ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରାଳୟ ବିଚାରକୁ ନେଇଛନ୍ତି। କର୍ମଚାରୀମାନଙ୍କର ସାମାଜିକ ସୁରକ୍ଷା ଉପରେ ତାର ପ୍ରଭାବ ଆକଳନ କରୁଛନ୍ତି। ମନ୍ତ୍ରାଳୟ ଭିତରେ ଏ ନେଇ ଆଲୋଚନା ଚାଲିଛି। ନୂଆ ବେତନ ସୀମା ସଂପର୍କରେ ଅଂଶୀଦାରମାନଙ୍କ ସହ ବିଚାରବିମର୍ଶ ପରେ ହିଁ ଯାଇ ଏ ସଂକ୍ରାନ୍ତରେ ଯାହା କିଛି କରାଯାଇ ପାରିବ। ବେତନ ସୀମା ବୃଦ୍ଧି କରିବା ସହିତ ତାହାକୁ ବାଧ୍ୟତାମୂଳକ କରାଗଲେ ଅଧିକରୁ ଅଧିକ ଶ୍ରମିକ ଓ କର୍ମଚାରୀ ଏହାର ପରିସରକୁ ଆସିବେ। ସେମାନଙ୍କ ଅବସରକାଳୀନ ପାଣ୍ଠି ମଧ୍ୟ ବୃଦ୍ଧି ପାଇବ। କିନ୍ତୁ ନିଯୁକ୍ତିଦାତାଙ୍କ ଆର୍ଥିକ ସ୍ଥିତି ଉପରେ ଏହାର ପ୍ରଭାବ ପଡ଼ିବ। ତେଣୁ ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି)ରେ ପ୍ରସ୍ତାବ ଉପସ୍ଥାପନ କରିବା ପୂର୍ବରୁ ସମସ୍ତ ଅଂଶୀଦାରଙ୍କୁ ଏକମତ କରିବାକୁ ପଡ଼ିବ।






# ଆଜିର ସୁନା ଦର

ବର୍ତ୍ତମାନ ରୁପା ଦର ଏକ କେଜି ପିଛା ୧୦ ହଜାର ବଢ଼ି ହୋଇଛି ୨ ଲକ୍ଷ ୬୫ ହଜାର ଟଙ୍କା। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୩,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୦୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୩,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୧,୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୩,୮୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୧,୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୩,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୧,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୩,୮୨୦ ୧,୪୧,୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

## ସମାଜ ପାଇଁ ପ୍ରେରଣା ସାଜିଛନ୍ତି ଦୁଇ ସଂଗଠନ




ଗରଦପୁର,୧୯।୪(ସଂଚାର ବ୍ୟୁରୋ)ଃ ଆଞ୍ଚଳିକ ପେନସନ ଭୋଗୀ ସଙ୍ଘ ମାହାଳ ଓ ପତିତ ପାବନ ସ୍ମାରକୀ ଫାଉଣ୍ଡେସନ(ପାଠାଗାର)ର ବାର୍ଷିକ ଉତ୍ସବ ବହୁ ଆଡ଼ମ୍ବର ସହକାରେ ପାଳନ ହୋଇ ଯାଇଛି। ଏହି ଉତ୍ସବରେ ସମ୍ମାନିତ ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ପାଟକୁରାର ବିଧାୟକ ଶ୍ରୀ ଅରବିନ୍ଦ ମହାପାତ୍ର। ଏହି ଦୁଇଟି ସଙ୍ଘ ସମାଜ ସେବାରେ ଓ ଛାତ୍ର ଛାତ୍ରୀ ଙ୍କ ଭବିଷ୍ୟତ ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମାଜ ପାଇଁ ଗ୍ରହଣୀୟ ତେଣୁ ଏହି ସଂଘର ଯାହା ଆବଶ୍ୟକ ପଡିବ ମୁଁ ସମ୍ପୂର୍ଣ୍ଣ ସହଯୋଗ କରିବି ନିଜ ଅଭିଭାଷଣରେ ନିଜେ ବିଧାୟକ ଅରବିନ୍ଦ ମହାପାତ୍ର ପ୍ରତିଶୃତି ଦେଇଥିଲେ।

ମୁଖ୍ୟ ବକ୍ତା ଭାବେ ଲୋକନାଥ ମହାବିଦ୍ୟାଳୟର ଓଡ଼ିଆ ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ଡକ୍ଟର ବିଚିତ୍ରା ମଞ୍ଜରୀ ତ୍ରିପାଠୀ ଯୋଗଦେଇ ସମାଜର ଉନ୍ନତି ଏବଂ ସଭିଏଁ ଏକ ହୋଇ ଭଲ ମନ ନେଇ ହସଖୁସିରେ ରହିବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମହାଳ ଶାଖାର ମୁଖ୍ୟ ପରିଚାଳକ ସୁରେଶ ଚନ୍ଦ୍ର ପୃଷ୍ଟି ସଭାରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ମହାତ୍ମା ଗାନ୍ଧୀ ପଟ୍ଟ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କର ଛାତ୍ର ଛାତ୍ରୀ ମାନଙ୍କୁ ଏକ ପ୍ରଶ୍ନଉତ୍ତର ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା କରାଇ ଉତୀର୍ଣ୍ଣ ଛାତ୍ର ଛାତ୍ରୀଙ୍କୁ ପ୍ରମାଣ ପତ୍ର ସହିତ ଟ୍ରଫି ଓ ଅର୍ଥ ପୁରସ୍କୃତ କରିଥିଲେ ଅତିଥିମାନେ। ପରେ ପରେ ସନ୍ଧ୍ୟାରେ ପୁରୀରୁ ଆସିଥିବା ପଣ୍ଡିତ ମାନଙ୍କ ଦ୍ୱାରା ଅଂଚଳବାସୀଙ୍କ ମନୋରଞ୍ଜନ ପାଇଁ ପ୍ରବୋଚନର କାର୍ଯ୍ୟକ୍ରମ କରାଯାଇଅଛି।

## ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ଡେରାବିଶ,୧୯।୪ (ସଂଚାର ବ୍ୟୁରୋ)ଃଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ କଣିପଡ଼ା ସ୍ଥିତ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜୟଭାରତୀ ସାଥୀ ସମାଜ ପରିସରରେ ଗତ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜୟଭାରତୀ ସାଥୀ ସମାଜ ଓ ଡେରାବିଶ ପଞ୍ଚାୟତ ସମିତିର ପ୍ରତ୍ୟେକ୍ଷ ତତ୍ୱାବଧାନରେ ସାତ ଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିରକୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଏବଂ ଜିଲ୍ଲା ଜରୁରୀକାଳୀନ ବିଭାଗ ଦ୍ୱାରା ଆୟୋଜିତ ଏହି ଶିବିରରେ ଡେରାବିଶ ବ୍ଲକର ମଙ୍ଗଳପୁର, ବେଣିପୁର, ମୁକୁନ୍ଦପୁର ପଞ୍ଚାୟତର ପାଞ୍ଚ ଗୋଟି ଗାଁର ୫୦ ଜଣ ସ୍ୱେଚ୍ଛାସେବୀ ପ୍ରଶିକ୍ଷିତ ହେଉଛନ୍ତି। ଏହି ଶିବିରରେ ଅତରିକ୍ତ ଜିଲ୍ଲାପାଳ ନବକୃଷଣ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରଟିକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ନିତ୍ୟରଞ୍ଜନ ସାମଲ, ଡେରାବିଶ ମଣ୍ଡଳ ଉନ୍ନୟନ ଅଧିକାରୀ ନମିତା ବାରିକ ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଜୟ କୁମାର ମହାନ୍ତି ଯୋଗ ଦେଇ ଶିବିରାର୍ଥୀମାନଙ୍କ ଉଦ୍ଦେଶ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବଙ୍କିମ ମିତ୍ର, ବାନାମ୍ବର ସାହୁ ଓ ପି ଶ୍ରୀମତୀ ରାଓ ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଭୂକମ୍ପ, ସୁନାମୀ, ଓ ଅଗ୍ନିକାଣ୍ଡ ଭଳି ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳମାନ ଶିକ୍ଷାଦାନ କରୁଛନ୍ତି। ଏହି ଶିବିର ଆସନ୍ତା ୨୨ ତାରିଖ ଯାଏ ଚାଲିବ ବୋଲି ଜୟଭାରତୀ ସାଥୀ ସମାଜର ସମ୍ପାଦକ ନିରଞ୍ଜନ ସାହୁ ସୂଚନା ଦେଇଛନ୍ତି।

## ସାଇଁକୁଳରେ ଭଜନ ପ୍ରତିଯୋଗିତା



ଆନନ୍ଦପୁର,୧୯।୪(ସଂଚାର ବ୍ୟୁରୋ)ଃ ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ସାଇଁକୁଳରେ ଭଜନର ସୁରେ ମନୋହର ପରିବେଶ ସୃଷ୍ଟି ହୋଇଛି। ସାଇଁକୁଳ ନେହେରୁ ଉଚ୍ଚ ବିଦ୍ୟାଳୟ ପରିସରରେ ଗ୍ରହରାଜ ଶନିଶ୍ଚରଙ୍କ ବାର୍ଷିକ ପୂଜା ଉପଲକ୍ଷେ ଶ୍ରୀ ଶ୍ରୀ ଶନିଶ୍ଚର ସାଂସ୍କୃତିକ ପରିଷଦ ତରଫରୁ ଏକ ଭଜନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଏବଂ ପ୍ରଧାନ ବିଚାରପତି ଭାବେ ବରିଷ୍ଠ ସାମ୍ବାଦିକ ମଦନ ପାଣି ଯୋଗ ଦେଇଥିଲେ। ତାଙ୍କ ସହ ସଂଗୀତ ପ୍ରେମୀ ସୁଭାଶିଷ ସତପଥି ବିଶେଷ ଭାବେ ସହଯୋଗ କରିଥିଲେ। ପରିଷଦର ସଭାପତି ମଧୁସୂଦନ ପରିଡା ଓ ମଦନ ପାଣିଙ୍କ କରକମଳରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରିଷଦର ମୁଖ୍ୟ ତତ୍ୱାଭାବକ ବିଜୟ ପଣ୍ଡା ଓ ସଂଗୀତ ନିର୍ଦ୍ଦେଶକ ସନ୍ତୋଷ ପରିଡାଙ୍କ ତତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପନ୍ନ ହୋଇଥିଲା। ମଞ୍ଚ ପରିଚାଳନା ଦୀପକ ସ୍ୱାଇଁ କରିଥିବା ବେଳେ ସନ୍ତୋଷ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଆଖପାଖ ଅଞ୍ଚଳରୁ ୭୦ରୁ ଅଧିକ ପ୍ରତିଯୋଗୀ ଏହି ଭଜନ ପ୍ରତିଯୋଗିତାରେ ଭାଗ ନେଇ ନିଜ ନିଜ ସୁର ଓ ପ୍ରତିଭାର ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ନିରଞ୍ଜନ ସାହୁ, ସୁଶାନ୍ତ ତ୍ରିପାଠୀ, କଳାକାର ସାମଲ, ସଂଜୀବ ସ୍ୱାଇଁ, ପ୍ରଫୁଲ ଘଡେଇ, ରୁଦ୍ରାଂଶୁ ପଣ୍ଡା, ସୁଭାଶିଷ ସଥପଥି ଓ ଜୁଲୁକ ପଣ୍ଡା ଆଦି ସହଯୋଗ କରିଥିଲେ।

# ବ୍ୟବସାୟୀଙ୍କ କବ୍‌ଜାରେ ସହରର ମୁଖ୍ୟ ରାସ୍ତା

**ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଲୋକେ**

**ଘଣ୍ଟା ଘଣ୍ଟା ଅଟକୁଛି ଜରୁରୀକାଳୀନ ଗାଡ଼ି**



କେନ୍ଦ୍ରାପଡା,୧୯।୪ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ସହରର ମୁଖ୍ୟ ରାସ୍ତା ତିନିମୁହାଣୀଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବ୍ୟବସାୟୀଙ୍କ କବ୍‌ଜାରେ ରହିଛି। ସ୍ଥାନୀୟ ବାସିନ୍ଦାମାନେ ମୁଖ୍ୟରାସ୍ତାକୁ ଦୁଇ/ତିନିଫୁଟ ମାଡି ବଡ ବଡ ଅଟ୍ଟାଳିକା ତିଆରି କରି ଭଡାସୂତ୍ରରେ ଦେଇଥିବାବେଳେ ଆଉ କେତେକ ଘର ମାଲିକ ନିଜେ ବ୍ୟବସାୟ କରୁଛନ୍ତି। ମୁଖ୍ୟରାସ୍ତାଟି ଅଣଓସାରିଆ ଥିଲାବେଳେ ଏହି ବ୍ୟବସାୟୀମାନେ ୩/୪ ଫୁଟର ରାସ୍ତା ଉପରେ ଦୋକାନ ଲେଖାଥିବା ସାଇନ୍‌ବୋର୍ଡ ରଖିବା ସହିତ ରାସ୍ତାର ଉଭୟ ପାଶ୍ୱର୍ରେ ପ୍ରତ୍ୟକ ବ୍ୟବସାୟୀ ପ୍ରାୟ ୧୦ ରୁ ୨୦ ମୋଟର ସାଇକେଲ୍ ରଖୁଛନ୍ତି । ଯାହାଫଳରେ ସହରର ମୁଖ୍ୟରାସ୍ତାରେ ଯାତାୟତ କରିବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡିଛି । ଏପରିକି ଜରୁରୀ କାଳୀନ ଗାଡି, ଦମକଳ, ଆମ୍ବୁଲାନ୍ସ ଏପରିକି ସ୍କୁଲ୍ ଗାଡି ଘଣ୍ଟା ଘଣ୍ଟା ଧରି ଛିଡାହୋଇ ରହୁଛି ।

ବ୍ୟବସାୟୀମାନେ କୋଟି କୋଟି ଟଙ୍କାର ବ୍ୟବସାୟ କରୁଥିବାବେଳେ ନିଜର ଗାଡି ରଖିବା ପାଇଁ ଇଂଚେ ଜାଗା ଛାଡିନାହାନ୍ତି। ପୁଲିସ୍ ପ୍ରଶାସନ ନୀରବ ରହିଥିବାବେଳେ ଜନସାଧାରଣ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ବାରମ୍ବାର ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ତରଫରୁ ଏହି ବ୍ୟବସାୟୀମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ କରାଯାଉନାହିଁ । ଏପରିକି ପୁରୁଣା ବସଷ୍ଟାଣ୍ଡଠାରୁ ଜିଲ୍ଲା କାର୍ଯ୍ୟାଳୟକୁ ଯିବାପାଇଁ ରାସ୍ତା ସମ୍ପୂର୍ଣ୍ଣ ଅବରୋଧ ରହୁଛି । ଏହି ବାଟ ଦେଇ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ପୋଲିସ୍‌ର ବରିଷ୍ଠ ଅଧିକାରୀମାନେ ଯାତାୟତ କରୁଥିବାବେଳେ ଏମାନେ ମଧ୍ୟ ଏହି ରାସ୍ତା ଅବରୋଧକାରୀ ମାନଙ୍କ ପ୍ରତି କୌଣସି ପଦକ୍ଷେପ ନେଉନାହାଁନ୍ତି ।

କେନ୍ଦ୍ରାପଡା ପୌରସଂସ୍ଥାକୁ ଏ ବିଷୟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପୌର ନିର୍ବାହୀ ଅଧିକାରୀ ଓ ପୌର ଅଧ୍ୟକ୍ଷା ନୀରବଦ୍ରଷ୍ଟା ସାଜିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ବ୍ୟବସାୟୀମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ ହେଉଛି ।

## ଶିଶୁମଙ୍ଗଳ କମିଟି ପୁନଃଗଠିତ ଓ ନୂତନ କମିଟିର କାର୍ଯ୍ୟାରମ୍ଭ



ଯାଜପୁର,୧୯।୪ (ସଂଚାର ବ୍ୟୁରୋ)ଃ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶନାମା ବଳରେ ନୂତନ ଶିଶୁମଙ୍ଗଳ କମିଟି, ଯାଜପୁର ପୁନଃଗଠିତ ହୋଇ କାର୍ଯ୍ୟାରମ୍ଭ କରିଛି। ନୂତନ ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଭାବେ ଦିବ୍ୟଭୂଷଣ ମହାନ୍ତି ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ବେଳେ ଆଇନଜୀବୀ ସୂର୍ଯ୍ୟନାରାୟଣ ମିଶ୍ର, ରୀତା ବେହେରା, ଲକ୍ଷ୍ମୀନାରାୟଣ ସାହୁ ଓ ଗୀତାଞ୍ଜଳି ଧଳ ସଦସ୍ୟରୂପେ ଯୋଗଦେଇଛନ୍ତି।

ପୁରୁଣା ଶିଶୁ ମଙ୍ଗଳ କମିଟି ନିକଟରୁ ଦାୟିତ୍ୱ ଗ୍ରହଣ ପରେ ଅଧ୍ୟକ୍ଷ ଓ ସଦସ୍ୟମାନେ ଜିଲ୍ଲାପାଳ ଅମ୍ବର କୁମାର କର ଓ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିବା ସହ ଜିଲ୍ଲାରେ ଶିଶୁ ମାନଙ୍କ ସୁରକ୍ଷା ଥଇଥାନ ଓ ଭିତ୍ତିଭୂମି ଉପରେ ଆଲୋଚନା କରିଥିଲେ। ଆଗାମୀ ତିନି ବର୍ଷ ମଧ୍ୟରେ ଯାଜପୁର ଜିଲ୍ଲାରେ ଅସୁବିଧାଜନକ ସ୍ଥିତିରେ ଥିବା ପିଲାମାନଙ୍କ ପାଇଁ ଏକ ସୁରକ୍ଷାର ବଳୟ ସୃଷ୍ଟି ପାଇଁ ସମସ୍ତ ପ୍ରଚେଷ୍ଟା ଜାରୀ ରହିବ ବୋଲି ଆଶା ପୋଷଣ କରିଛନ୍ତି। ଏକ୍ଷେତ୍ରରେ ଶିଶୁ ମଙ୍ଗଳ କମିଟି ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ, ସ୍ୱେଚ୍ଛାସେବୀ ସଂଗଠନର ସହଯୋଗ ଲୋଡ଼ିବ। ଜିଲ୍ଲାରେ କିଶୋର ନ୍ୟାୟ ଅଧିନିୟମର କାର୍ଯ୍ୟକାରିତା ଉପରେ ନୂତନ କମିଟି ଗୁରୁତ୍ୱ ଦେବ।

ଦାୟିତ୍ୱ ଗ୍ରହଣ ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଅଧିକାରୀ ତପନ କୁମାର ପାତ୍ର, ଅର୍ଚ୍ଚନା କୁମାରୀ ସାମନ୍ତ ଓ କାଳିପ୍ରସାଦ ସାହୁ ଉପସ୍ଥିତ ରହିଥିଲେ।ଉକ୍ତ କାର୍ଯ୍ୟକ୍ରମ କୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ନୂତନ କମିଟିର କାଯ୍ୟଭାର ଗ୍ରହଣ ପାଇଁ ଆବଶ୍ୟକ ପ୍ରଶାସନିକ ଧାରାକୁ ବ୍ୟବସ୍ଥିତ କରିଥିଲେ।

## ଓଲଟିଲା ମାଛ ବୋଝେଇ ଅଟୋ



ଫୁଲବାଣୀ,୧୯।୪(ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ମୁସୁକୁଲି ସ୍ଥିତ ଏକ ବୁଲାଣି ନିକଟରେ ମାଛ ବୋଝେଇ ହୋଇଥିବା ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଦୁର୍ଘଟଣା ଘଟିଛି | ଘଟଣା ରୁ ପ୍ରକାଶ ଯେ, ବାଲିଗୁଡା ରୁ ଅଟୋ ଯୋଗେ ବାରଖମା କୁ ମାଛ ନେଇ ଯାଉଥିବା ସମୟରେ ରାଜ୍ୟ ରାଜପଥ ୪୧ନମ୍ବର ରାସ୍ତାର ମୁସୁକୁଲି ନିକଟରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ଯାଇଥିଲା । ଦୁର୍ଘଟଣା ରେ ଅଟୋ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ବେଳେ ମାଛ ଗୁଡିକ କ୍ଷତି ଘଟିଥିବା ଜଣାପଡିଛି ।

## ବିବି ମଡେଲ ହାଇସ୍କୁଲ ପରିଦର୍ଶନ କଲେ ଜିଲ୍ଲାପାଳ



ଡେରାବିଶ,୧୯।୪ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳି ସ୍ଥିତ ବନମାଳୀ ବ୍ରହ୍ମଚାରୀ ମଡେଲ ହାଇସ୍କୁଲକୁ ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ପରିଦର୍ଶନରେ ଆସିଥିଲେ। ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ଆୟାର ବିଦ୍ୟାଳୟରେ ପହଞ୍ଚିବା ପରେ ପ୍ରଧାନ ଶିକ୍ଷକ ବିଶ୍ୱବିଜୟ ଦାସ, ଶିକ୍ଷକ ଆଲୋକ କୁମାର ଜେନା, ବିଶ୍ୱଜିତ ଦାଶ, ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ମିଶ୍ର ପ୍ରମୁଖ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ନିମନ୍ତେ ନୂତନ ଭାବେ ନିର୍ମିତ 'ବିଦ୍ୟୋଦୟା ଭବନ'କୁ ଉଦ୍‌ଘାଟନ କରିଥିଲେ। ଏହି ଭବନରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଶିକ୍ଷିତ ହେବା ସହ ଛାତ୍ରଛାତ୍ରୀମାନଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ ନିମନ୍ତେ ଗଣିତ, ବିଜ୍ଞାନ, ଜୀବବିଜ୍ଞାନ, ପଦାର୍ଥ ବିଜ୍ଞାନ ସମ୍ପର୍କୀତ କିଟ୍ ଗୁଡ଼ିକୁ ଦେଖିଥିଲେ। କିଟ୍ ମଧ୍ୟମରେ କିଭଳି ଶିକ୍ଷାଦାନ କରାଯିବ ସେ ସମ୍ପର୍କରେ ବୁଝିବା ସହ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ପରେ ବିଦ୍ୟାଳୟରେ ଶିକ୍ଷା ସମ୍ପର୍କୀୟ ସରକାରୀ ଯୋଜନା ଉଚିତ୍ ମାର୍ଗରେ ପରିଚାଳନା ହେଉଛି କି ନାହିଁ ଅନୁଧ୍ୟାନ କରିଥିଲେ।

## ପୌର ପରିଷଦରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ




ଫୁଲବାଣୀ,୧୯।୪ (ସଂଚାର ବ୍ୟୁରୋ)ଃ ଆଜି ସ୍ଥାନୀୟ ଫୁଲବାଣୀ ପୌରପରିଷଦ ତରଫରୁ ପରିଷଦର ଅଧ୍ୟକ୍ଷା ପାୟେଲ ବେହେରାଙ୍କ ନେତୃତ୍ୱରେ ଫୁଲବାଣୀ ପୌରପରିଷଦର ତରଫରୁ କାର୍ଯ୍ୟନିର୍ବାହୀ ଅଧିକାରୀ ସମରେଶ ମହାନ୍ତିଙ୍କ ମିଳିତ ଉଦ୍ୟମରେ ଫୁଲବାଣୀ ପୌରପରିଷଦର ୭୯ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ ହୋଇଥିଲା ।

ଏହି କାର୍ଯ୍ୟାଦେଶ ବଣ୍ଟନ ସମୟରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସ୍ୱାଗତ ଜଣାଇବା ସହିତ ଏହାକୁ କିପରି ଭାବରେ ସଂପୂର୍ଣ୍ଣ କରିବେ ସେ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହାର ପ୍ରକୃତ ଅର୍ଥ ରାଶି ୨ଲକ୍ଷ ୫୦ ହଜାର ଟଙ୍କା ରହିଥିବା ବେଳେ ଯେଉଁ ହିତାଧିକାରୀ ଏହି ଆବାସ ଘର ୧୨୦ ଦିନ ମଧ୍ୟରେ ଅଥାତ୍ ଚାରି ମାସ ମଧ୍ୟରେ ସମ୍ପୂର୍ଣ୍ଣ କରନ୍ତି ସରକାରଙ୍କ ତରଫରୁ ତାଙ୍କୁ ନଗଦ ୨୦,୦୦୦ ଟଙ୍କା ବୋନସ ଓ ଯେଉଁ ହିତାଧିକାରୀମାନେ ଏହି କାର୍ଯ୍ୟଟିକୁ ଛମାସ ମଧ୍ୟରେ ସମାପ୍ତି କରିବେ ତାଙ୍କୁ ୧୦,୦୦୦ ଟଙ୍କା ଯାଏଁ ବୋନସ ମିଳିବ ବୋଲି କହି ସମସ୍ତଙ୍କୁ ଉତ୍ସାହ କରିଥିଲେ । ଏହି କାର୍ଯ୍ୟ କ୍ରମରେ ପୌରପରିଷଦର ବିଭିନ୍ନ ୱାର୍ଡର ୱାର୍ଡ କାଉନସିଲର ଶ୍ରୀ ବସ୍ତ ବେହେରା, ମୃତ୍ୟୁଞ୍ଜୟ ପେରା, ରାଜେନ୍ଦ୍ର ପାତ୍ରୀ, ଲୋଚନ କହଁର, ସ୍ନେହଲତା ପ୍ରଧାନ, ବିରଜା କହଁର ଉପସ୍ଥିତ ଥିଲେ।

**ମନୋରମା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ**

## ବିନୟ ଓ ସମର୍ପଣ ଭାବ ହିଁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ




କେନ୍ଦ୍ରାପଡ଼ା,୧୯।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୋସ୍ଥିତ ମନୋରମା ପବ୍ଲିକ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସ୍କୁଲର ଅଧ୍ୟକ୍ଷା ଚିନ୍ମୟୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ କେନ୍ଦ୍ରାପଡା କଲେଜ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦଘାଟନ କରି କହିଲେ ବିନୟ ଓ ସମର୍ପଣ ଭାବହିଁ ଜଣେ ବିଦ୍ୟାର୍ଥୀଙ୍କୁ ସଫଳତାର ଶୀର୍ଷର ପହଞ୍ଚାଇଥାଏ । ଏଥିସହିତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ନିଷ୍ଠା ଓ ଆନ୍ତରିକତାର ସହ ଶିକ୍ଷାଦାନ କଲେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ ବୋଲି ମୁଖ୍ୟଅତିଥି ଶ୍ରୀ ପରିଡା କହିଥିଲେ।

ସମ୍ମାନିତ ଅତିଥି ଭାବେ ଓଡିଆ ବିଭାଗ ଅଧ୍ୟାପକ ମାନସ ଦାସ ଯୋଗଦେଇ ପିଲାମାନେ ହେଉଛନ୍ତି ଦେଶର ଆଗାମୀ ଭବିଷ୍ୟତ ତଥା ଦେଶର ଉନ୍ନତି ଓ ପ୍ରଗତୀର କର୍ଣ୍ଣଧାର। ତେଣୁ ଶିକ୍ଷାଦାନ ବେଳେ ଶ୍ରେଣୀର ପ୍ରତ୍ୟେକ ପିଲାଙ୍କୁ ଉଚିତ ଧ୍ୟାନଦେବାକୁ ସେ ପରାମର୍ଶ ଦେଇଥିଲେ। ସମାଜସେବୀ କାଙ୍ଗାଳି ଚରଣ ଦାସ ଅନ୍ୟତମ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ପାଠପଢା ସହିତ ବାହ୍ୟଜଗତ ସମ୍ପର୍କରେ ଜ୍ଞାନ ପ୍ରଦାନ କରିବା ଜରୁରୀ ବୋଲି କହିଥିଲେ ।

ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନମଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଏମିତି ବି ମୃତ୍ୟୁ ଆସେ

ପାରାଦୀପ,୧୯।୪(ସଂଚାର ବ୍ୟୁରୋ)ଃ ସବୁ ଠିକ୍‌ଠାକ୍ ଥିବ। କିନ୍ତୁ ନିମିଷକ ମଧ୍ୟରେ ସବୁ ଓଲଟପାଲଟ ହୋଇଯିବ। ସ୍ୱାଭାବିକ ଭାବରେ ନିଜ କର୍ମ କରି ଚାଲୁଥିବା ଲୋକଟି ଜାଣିନଥିବା ତା ପାଖରେ କେତେବେଳେ ମୃତ୍ୟୁ ଆସି ପହଞ୍ଚି ଯିବ। ଆଜି ଏଭଳି ଏକ ମୃତ୍ୟୁ ନାଉଗାଁ ଅଂଚଳରେ ସମସ୍ତଙ୍କୁ ଚକିତ କରି ଦେଇଛି।

ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ନଲାଙ୍ଗ ଗ୍ରାମର ଅଶୋକ ସ୍ୱାଇଁ ବୃତ୍ତିରେ ସେ ଜଣେ ଶିକ୍ଷକ। ଟିରୁଣ ପ୍ରାଥମିକ ବିଦ୍ୟାଳୟରେ ସେ ଶିକ୍ଷକ ଭାବେ କାର୍ଯ୍ୟ କରନ୍ତି। ସକାଳୁଆ ସ୍କୁଲ ବୋଲି ବେଗି ଉଠି ନିଜ ଛାତ ଉପରେ ମର୍ଣ୍ଣିଂ ୱାକ କରୁଥିଲେ | ମର୍ଣ୍ଣିଂ ୱାକ ସାରିଥିଲେ ନିତ୍ୟକର୍ମ ସାରି ସେ ସ୍କୁଲ ଯାଇଥାନ୍ତେ ଓ ପିଲାଙ୍କୁ ପାଠ ପଢାଇଥାନ୍ତେ। କିନ୍ତୁ ବିଧିର ବିଧାନ ଥିଲା ସମ୍ପୂର୍ଣ୍ଣ ଅଲଗା। ସେ ନିଜ ଘର ଛାତ ଉପରେ ମର୍ଣ୍ଣିଂ ୱାକ କରିବାକୁ ଯାଇ ସେଠାରେ ତାଙ୍କର ସେଠାରେ ମୃତ୍ୟୁ ଘଟିଥିବା ଜଣାପଡିଛି।

## ଶିବସେନା କ୍ଲବ ପକ୍ଷରୁ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ



କେନ୍ଦ୍ରାପଡା, ୧୯।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ସହର ସର୍ବପୁରାତନ କ୍ଲବ ସୁପରିଚିତ ଶ୍ରୀ ଶ୍ରୀ ଶିବସେନା କ୍ଲବ ଆନୁକୂଲ୍ୟରେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ୧୬ ଗୋଟି କ୍ରିକେଟ ଟିମ ମଧ୍ୟରେ ଏକ ରାତ୍ର କାଳିନ ଗ୍ରାଉଣ୍ଡ ଶର୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଟିମ ଗୁଡିକ ପରସ୍ପର ମଧ୍ୟରେ ଆଠଟି ଲିଗ ମ୍ୟାଚ ଖେଳିଥିଲେ,ଫାଇନାଲ ମ୍ୟାଚକୁ ଜଗସିଂହପୁର ନୂଆ ପୋଖରୀ ଏକାଦଶ ଏବଂ କେନ୍ଦ୍ରାପଡ଼ା ବାଲାବାବା ଏକାଦଶ ଉତୀର୍ଣ୍ଣ ହୋଇଥିଲେ । ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିବା ବେଳେ ବାଜିମାରିନେଇଥିଲା ଜଗସିଂହପୁର ନୂଆ ପୋଖରୀ ଏକାଦଶ । ଶିବସେନା କ୍ଲବ ପକ୍ଷରୁ ନଗଦ ୨୦,୦୦୦ ଟଙ୍କା ବିଜେତା ଟିମ କୁ ପ୍ରଦାନ କରାଯାଇଥିବା ବେଳେ ଉପ ବିଜେତା ବାଲାବାବା ଏକାଦଶକୁ ୧୫,୦୦୦ ଟଙ୍କା ନଗଦ ରାଶି ପ୍ରଦାନ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟ ରେ ଭଲ ସ୍କୋର କରିଥିବା ବ୍ୟାଟ୍ସମ୍ୟାନ ବାବୁଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ସଂମ୍ମାନରେ ସଂମ୍ମାନିତ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା ପଟ୍ଟାମୁଣ୍ଡାଇରୁ ଆସିଥିବା ଡ୍ୟାନସିଂହ ଅମ୍ପେୟାର ତାଙ୍କର ବ୍ୟଙ୍ଗାତ୍ମକ ନୃତ୍ୟ ଏବଂ ବ୍ୟଙ୍ଗାତ୍ମକ ଇଙ୍ଗିତ ଯାହା ଖେଳରେ ରୋମାଞ୍ଚକ ବଢାଇବା ସହ ଖେଳ ଦେଖୁଥିବା ଦର୍ଶକମାନଙ୍କୁ ପଡିଆରେ ବାନ୍ଧି ରଖିଥିଲା । ଶିବସେନା କ୍ଲବ ଯୁବକମାନଙ୍କ ପ୍ରଚେଷ୍ଟାରେ ଆୟୋଜିତ କରାଯାଇଥିବା ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ସାଧାରଣରେ ବେଶ ପ୍ରଶଂସା କରାଯାଉଛି । ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବିଜେଡି ଯୁବ ନେତା ରାଜେଶ ଦାସ,କାଉଁସିଲର ଉମେଶ ନାୟକ, ଚୌଧୁରୀ ସୁକୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ହତ୍ୟାକାଣ୍ଡର ଶିକାର ମହିଳାଙ୍କ ଶବ ସଂସ୍କାର କଲେ ଶ୍ମଶାନବନ୍ଧୁ



ସୁନ୍ଦରଗଡ଼,୧୯।୪ (ସଂଚାର ବ୍ୟୁରୋ)ଃ ଭଗବାନ ପର୍ଶୁରାମଙ୍କ ଜୟନ୍ତୀ ଉପଲକ୍ଷେ ସାରା ସହର ଉତ୍ସବ ମୁଖରିତ ଥିବା ବେଳେ ପ୍ରଚଣ୍ଡ ଗ୍ରୀଷ୍ମ ତାତିକୁ ଖାତିର ନ କରି ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନେ ମାନବିକତାର ଶ୍ରେଷ୍ଠ ନିଦର୍ଶନ ସାଜି ମୃତ ମହିଳାଙ୍କର ଶବକୁ ଜାତି ସମାଜ ବାସନ୍ଦ କରିଥିବା ବେଳେ ସୁନ୍ଦରଗଡ ସ୍ୱର୍ଗଦ୍ୱାରରେ ଶେଷକୃତ ସମ୍ପନ୍ନ କରିଛନ୍ତି।

ଗତକାଲି ତଳସରା ଥାନା ଅନ୍ତର୍ଗତ ଡମକୁଡା ଗ୍ରାମରେ ଘଟିଯାଇଥିବା ଲୋମହର୍ଷଣ ହତ୍ୟାକାଣ୍ଡର ଶିକାର ହୋଇଥିବା ୩୫ ବର୍ଷୀୟ ମହିଳା ଆରତୀ ହେମ୍ବ୍ରମକୁ ନିଜର ସ୍ୱାମୀ ରାଜେଶ ହେମ୍ବ୍ରମ ହତ୍ୟା କରିଥିଲା। ତଳସରା ଥାନା ଅନ୍ତର୍ଗତ ଡମକୁଡା ଗ୍ରାମର ଭାଗିରଥି ମାଝିଙ୍କ ଝିଅ ଶଙ୍କରାପୋଷ ଗ୍ରାମର ରୋବେଟ ହେମ୍ବ୍ରମଙ୍କ ପୁଅ ରାଜେଶକୁ ଭଲ ପାଇ ପ୍ରେମ ବିବାହ କରିଥିଲା। ରାଜେଶ ମୁଣ୍ଡା ଓ ଆରତୀ ଖଡିଆ ଆଦିବାସୀ, ଉଭୟଙ୍କ ପରିବାର ସେହି ସମୟରେ ଏହି ପ୍ରେମ ବିବାହକୁ ଘୋର ବିରୋଧ କରି ପରିବାରରୁ ଓ ଜାତି ସମାଜରୁ ଉଭୟଙ୍କୁ ବାସନ୍ଦ କରିଥିଲେ। ଗତକାଲିର ହତ୍ୟାକାଣ୍ଡ ପରେ ତଳସରା ପୁଲିସ ରାଜେଶକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଉଭୟଙ୍କ ନାବାଳକ ପୁଅ ଆକାଶ ୧୨ ବର୍ଷ ଝିଅ ଆଶ୍ରିତା ୦୮ ବର୍ଷ ରହିଛନ୍ତି।

ଉଭୟ ପୁଅ ଝିଅ ନାବାଳକ ଥିବାରୁ ଶବ ବ୍ୟବଚ୍ଛେଦ କରୁଥିବା ଡାକ୍ତର ସାବାଳକ ପରିବାର ସଦସ୍ୟଙ୍କ ଉପସ୍ଥିତି ଓ ଦସ୍ତଖତ ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି କହିଥିଲେ। ହେଲେ ଆରତୀଙ୍କ ପରିବାର ଓ ରାଜେଶଙ୍କ ପରିବାରରୁ କେହି ଜାତି ସମାଜର ବାସନ୍ଦ ଭୟରେ ଶବ ପାଖ ମାଡି ନଥିଲେ। ପରେ ରବିବାର ସକାଳେ ଆରତୀଙ୍କ ଜଣେ କାକାଙ୍କୁ ଅନେକ ବୁଝାଇବା ପରେ ନିଜର ନାମ ଗୋପନ ରଖିବା ସର୍ତ୍ତରେ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟକୁ ଆସି ଦସ୍ତଖତ କରିବା ପରେ ଡାକ୍ତର ଟିମ ଶବ ବ୍ୟବଚ୍ଛେଦ କରିଥିଲେ।

ଶବ ବ୍ୟବଚ୍ଛେଦ ପରେ ପୁଲିସ କାହାକୁ ଶବ ହସ୍ତାନ୍ତର କରିବ ଚିନ୍ତାରେ ପଡିଥିଲା। ଶେଷରେ ସଦର ଏସଡିପିଓ ନିର୍ମଳ ମହାପାତ୍ର, ସବଡେଗା ବ୍ଲକ ଉପାଧ୍ୟକ୍ଷ ଶୁଶାନ୍ତ କୁମାର ବେହେରାଙ୍କ ସମେତ ତଳସରା ଥାନାର ଭାରପ୍ରାପ୍ତ ଅଧିକାରି ଜଶୋବନ୍ତ ବାଗ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନଙ୍କ ସହଯୋଗ ଲୋଡିଥିଲେ। ୪୨ ଡିଗ୍ରି ଖରାରେ ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନେ ମୃତ ଆରତୀଙ୍କ ଶବ ଗ୍ରହଣ କରିବା ସହିତ ସୁନ୍ଦରଗଡ ସ୍ୱର୍ଗଦ୍ୱାର ଠାରେ ଶେଷକୃତ ସମ୍ପନ୍ନ କରିଥିଲେ। ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନର ତରଫରୁ ଶବସଂସ୍କାର ନିମନ୍ତେ ଆବଶ୍ୟକ ସାମଗ୍ରୀ ଗୁଡ଼ିକ ଯୋଗାଇ ଦେଇଥିଲେ।

## ସମଗ୍ର ଶିକ୍ଷଣ ସାମଗ୍ରୀ ତାଲିମ୍ ଶିବିର ଉଦ୍‌ଯାପିତ




ବୋରିଗୁମ୍ମା/ଜୟପୁର,୧୯।୪ (ସଂଚାର ବ୍ୟୁରୋ)ଃ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଦକ୍ଷିଣ ପ୍ରାଥମିକ ଗୋଷ୍ଠୀ ସାଧନ କେନ୍ଦ୍ରର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ନେଇ ସୁନାରି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ୧୭ ଓ ୧୮ ତାରିଖ ଦୁଇ ଦିନ ଧରି ସମଗ୍ର ଶିକ୍ଷଣ ସାମଗ୍ରୀ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା। ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ଦକ୍ଷିଣ ପ୍ରାଥମିକ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ପ୍ରକାରର ସମଗ୍ର ଶିକ୍ଷଣ ସାମଗ୍ରୀ ତିଆରି କରିଥିଲେ ଯାହାକି ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଶିକ୍ଷା କ୍ଷେତ୍ରରେ ସହାୟକ ହେବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଚନ୍ଦନ କୁମାର ନାୟକ ସୂଚନା ଦେଇଥିଲେ। ଆଜିର ଏହି ଉଦଯାପନି ଉତ୍ସବରେ ଚନ୍ଦନ କୁମାର ନାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜୟପୁର, କେ ଗୋପାଲ ସହକାରି ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜୟପୁର, ଶଶୀଭୂଷଣ ଦାଶ୍ ବରିଷ୍ଠ ସହାୟକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଜୟପୁର ଯୋଗଦାନ କରିଥିଲେ। ପଞ୍ଚାନନ ମିଶ୍ର ଶିକ୍ଷଣ ସାମଗ୍ରୀ ବିଷୟରେ ତାଲିମ୍ ଦେଇଥିବାରୁ ଶିବିର ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା






# ଖରାଦିନେ ଦୁର୍ବଳ ଅନୁଭବ କରୁଛନ୍ତି କି ?

ଖରା ଗରମ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାହାଦ୍ୱାରା ଆମ ନୀତିଦିନିଆ ଜୀବନଶୈଳୀ ଉପରେ ଖୁବ୍ ପ୍ରଭାବ ପକାଇଥାଏ। ଆଜିକାଲିର ଖରା ଗରମ ଏତେ ମାତ୍ରାରେ ବଢ଼ିଯାଇଛି ଯେ ଯାହା ସ୍ୱାସ୍ଥ୍ୟକୁ ବିଗାଡ଼ି ଦେଇଥାଏ। ଖରାରେ ଅଧିକ ସମୟ ପର୍ଯ୍ୟନ୍ତ ରହିବା ଦ୍ୱାରା ଶରୀରକୁ ଥକ୍କା ଅନୁଭବ ହୋଇଥାଏ। ଗରମ ଯୋଗୁଁ କେତେକ ଲୋକଙ୍କ ମୁଣ୍ଡ ବୁଲାଇବା, ମୁଣ୍ଡ ବିନ୍ଧିବା, ମୂର୍ଚ୍ଛା ଅନୁଭବ ଭଳି ସମସ୍ୟା ଦେଖିବାକୁ ମିଳିଥାଏ। ଏହି ସବୁ ସମସ୍ୟାର ମୁଖ୍ୟ କାରଣ ହେଉଛି ଜଳୀୟ ଅଂଶର ଅଭାବ। ତଥାପି ଆପଣଙ୍କ ଦିନଚର୍ଯ୍ୟା ଏବଂ ଖାଦ୍ୟପେୟରେ କିଛି ପରିବର୍ତ୍ତନ କରିବା ଦ୍ୱାରା ଏହି ସବୁ ସମସ୍ୟାଗୁଡ଼ିକୁ ରୋକାଯାଇପାରିବ। ଖରାଦିନେ ଖରାପ ଖାଦ୍ୟପେୟ ହିଁ ଆମ ସ୍ୱାସ୍ଥ୍ୟାବସ୍ଥାକୁ ବେଶୀ ଖରାପ କରି ଦେଇଥାଏ।

ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା, ହାଲୁକା ଏବଂ ଥଣ୍ଡା ଖାଦ୍ୟ ଖାଇବା ଏବଂ ସୂର୍ଯ୍ୟ କିରଣରୁ ନିଜକୁ ରକ୍ଷା କରିବା ଦ୍ୱାରା ଆପଣ ସାରା ଦିନ ଏନର୍ଜିଟିକ୍ ଅନୁଭବ କରିପାରିବେ। ତେବେ ଖରାଦିନେ କିପରି ଆପଣ ଏନର୍ଜିଟିକ୍ ଅନୁଭବ କରିବେ ସେ ସମ୍ପର୍କରେ ଆସନ୍ତୁ ଜାଣିବା। ଶରୀରରେ ଜଳୀୟ ଅଂଶର ଅଭାବ ନହେବା ଗରମ ଦିନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଜଳୀୟ ଅଂଶର ଅଭାବ ନ ହେବା ପାଇଁ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ଉଚିତ୍। ଏହା ବ୍ୟତୀତ ନଡ଼ିଆ ପାଣି, ଲେମ୍ବୁ ପାଣି, ବଟର ମିଲ୍କ ଏବଂ ଓଆରଏସ ପିଇବା ନିହାତି ଜରୁରୀ। ଏହା ସହିତ ତରଭୁଜ, ଖରଭୁଜ, କାକୁଡ଼ି ଏବଂ କମଳା ଭଳି ଜିନିଷ ଖାଇବାକୁ ଚେଷ୍ଟା କରନ୍ତୁ। ଏଥିରେ ଜଳୀୟ ଅଂଶ ଭରପୂର ମାତ୍ରାରେ ରହିଛି। ଯାହା ଶରୀରକୁ ହାଇଡ୍ରେଟ୍ କରି ରଖିବାରେ ସାହାଯ୍ୟ କରିଥାଏ। ତେଣୁ ଏହି ସବୁ ଖାଦ୍ୟ ଖରାଦିନ ପାଇଁ ଖୁବ୍ ଉପଯୋଗୀ।

ଖରା ଗରମ ଯୋଗୁଁ ପାଚନ ପ୍ରକ୍ରିୟାରେ ସାଧାରଣତଃ ସମସ୍ୟା ଦେଖିବାକୁ ମିଳିଥାଏ। ସେଥିପାଇଁ ଏହି ଦିନରେ ଖାଦ୍ୟପେୟ ଉପରେ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। ତେଣୁ ଏହି ଦିନରେ ହାଲୁକା କିମ୍ବା ସହଜରେ ହଜମ ହୋଇ ଯାଉଥିବା ଭଳି ଖାଦ୍ୟ ଖାଆନ୍ତୁ। ଯାହା ଆପଣଙ୍କ ଶରୀରକୁ ସୁସ୍ଥ ରଖିବ। ବିଶେଷ କରି ଏହି ଦିନରେ ଫାଷ୍ଟଫୁଡ୍, ତେଲ ଓ ମସଲାଯୁକ୍ତ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ନଚେତ୍ ଆପଣ ଅନେକ ସମସ୍ୟାରେ ପଡ଼ିପାରନ୍ତି। ଗରମ ଦିନରେ ସୁସ୍ଥ ରହିବାକୁ ଚାହୁଁଥିଲେ ଦହି, ସାଲାଡ, ମୁଗ ଡାଲି ଏବଂ ସବୁଜ ପନିପରିବା ଖାଇବାରେ ସାମିଲ କରନ୍ତୁ। ଯାହା ଆପଣଙ୍କୁ ଇନଷ୍ଟାଣ୍ଟ ଏନର୍ଜି ଦେବ।

ଦିନ ୧୨ ଟାରୁ ୪ଟା ପର୍ଯ୍ୟନ୍ତ ବାହାରକୁ ନଯିବାକୁ ଚେଷ୍ଟା କରନ୍ତୁ। ଯଦି ଅତ୍ୟାବଶ୍ୟକୀୟ କାମ ରହିଛି ତେବେ ମୁଣ୍ଡରେ ଟୋପି, ସ୍କାର୍ଫ କିମ୍ବା ଛତା ସାଙ୍ଗରେ ନେଇ ବାହାରକୁ ଯାଆନ୍ତୁ। ଲାଇଟ୍ କଲରର ପୋଷାକ ପିନ୍ଧନ୍ତୁ। ଯାହା ଶରୀରକୁ ଥଣ୍ଡା ରଖିବ।

ଘରକୁ ଫେରିବା ପରେ ତୁରନ୍ତ ଗାଧାନ୍ତୁ ନାହିଁ । ୫ରୁ ୧୦ ମିନିଟ୍ ପ୍ରଥମେ ବିଶ୍ରାମ ନିଅନ୍ତୁ। ଏୟାରକଣ୍ଡିସନ ପରିବର୍ତ୍ତେ ଫ୍ୟାନ୍ ତଳେ ବସନ୍ତୁ। ଏଥିସହ ଖରାରୁ ଆସି ତୁରନ୍ତ ଥଣ୍ଡା ଜାତୀୟ ଖାଦ୍ୟ, ଆଇସ୍କ୍ରିମ୍ ଖାଆନ୍ତୁ ନାହିଁ। ଯାହା ଦ୍ୱାରା ଗଳାରେ ଯନ୍ତ୍ରଣା ସୃଷ୍ଟି କରିପାରେ। ରାତିରେ ଅତି କମରେ ୭ ରୁ ୮ଘଣ୍ଟା ଶୋଇବା ଉଚିତ୍। ସକାଳେ ଫିଟ୍ ରହିବା ପାଇଁ ବ୍ୟାୟାମ୍ କରନ୍ତୁ।

# ସକାଳ ଜଳଖିଆ କେତେ ଉପକାରୀ ?



କେବେ ସମୟର ଅଭାବ ତ କେବେ ଗ୍ୟାସ୍ ଅଭାବରୁ ରକ୍ଷା ପାଇବା ପାଇଁ କିଛି ରୋଷେଇ ଗ୍ୟାସ୍ ବିନା ଶିଖିବା ମଧ୍ୟ ଜରୁରି। ଆଜିକାଲିର ବ୍ୟସ୍ତବହୁଳ ଦୁନିଆରେ ସକାଳୁ ଉଠି ସକାଳ ଜଳଖିଆ ସାଙ୍ଗକୁ ମଧ୍ୟାହ୍ନ ଭୋଜନ ତିଆରି କରିବା ଖୁବ୍ କଷ୍ଟକର କାମ ହୋଇଥାଏ। ଯଦି କର୍ମଜୀବୀ ହୋଇଥାନ୍ତି, ତେବେ ସ୍ୱାମୀ ଓ ପିଲାଙ୍କ ପାଇଁ ଟିଫିନ୍ ପ୍ରସ୍ତୁତ କରିବାରେ ସମୟର ଅଭାବ ଦେଖିବାକୁ ମିଳିଥାଏ। ସକାଳ ଜଳଖିଆ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ ?

ଓଭରନାଇଟ୍ ଓଟ୍ସଃ ଅଧା କପ୍ ଓଟ୍ସରେ ଅଧା କପ୍ ଦହି ବା କ୍ଷୀର ସହ ମହୁ ମିଶାଇ ଫ୍ରିଜରେ ରଖିଦିଅନ୍ତୁ। ସକାଳୁ ଉଠି ଏଥିରେ ନିଜ ପସନ୍ଦର ଫଳ ଓ ଡ୍ରାଏଫ୍ରୁଟ୍ସ ପକାଇ ଜଳଖିଆ ଭାବେ ଖାଇପାରିବେ।

ଦହି-ଚୁଡ଼ା ଓ ଫଳଃ ସକାଳୁ ଉଠି ଦହିଚୁଡ଼ା ଓ ଫଳକୁ ଏକାଠି କରି ସକାଳ ଜଳଖିଆ ଭାବେ ଖାଇପାରିବେ। ଏଥିପାଇଁ ଆଦୌ ଗ୍ୟାସ୍ ଦରକାର ହୋଇ ନଥାଏ। ଏହି ମିଶ୍ରଣରେ ଖୁବ୍ ପୁଷ୍ଟିକର ହୋଇଥାଏ। ଆବଶ୍ୟକ ହେଲେ ଏଥିରେ ଚିନି ମିଶାଇ ପାରିବେ।

ସ୍ପ୍ରାଉଟ୍ ଚାଟ୍ଃ ଭିଜା ହୋଇଥିବା ମୁଗ ବା ଚଣାର ଗଜା ସ୍ୱାସ୍ଥ୍ୟ ପାଇଁ ହିତକର। ଏକ କପ୍ ଗଜା ମୁଗ ବା ଚଣା ନିଅନ୍ତୁ। ସେଥିରେ କଟା ପିଆଜ, ଟମାଟୋ, କାକୁଡ଼ି ଓ କଞ୍ଚାଲଙ୍କା ପକାନ୍ତୁ। ଏବେ ଏଥିରେ ସାମାନ୍ୟ ଲେମ୍ବୁ ରସ, କଳା ଲୁଣ ଓ ଚାଟ୍ ମସଲା ପକାନ୍ତୁ। ଏହାକୁ ଖାଇବା ଦ୍ୱାରା ଅଧିକ ସମୟ ଯାଏ ଭୋକ ଲାଗି ନଥାଏ। ତା' ସହିତ ପ୍ରୋଟିନ୍‌ରେ ଭରା ମଧ୍ୟ।

ମୁସ୍‌ଲି ଓ ଫଳଃ ବଜାରରେ ମିଳୁଥିବା ମୁସ୍‌ଲି ଆଣନ୍ତୁ। ଏକ ପାତ୍ରରେ ମୁସ୍‌ଲି ନିଅନ୍ତୁ। ସେଥିରେ ଥଣ୍ଡା କ୍ଷୀର ବା ଗାଢ଼ା ଦହି ମିଶାନ୍ତୁ। ଏବେ ଏଥିରେ ନିଜ ପସନ୍ଦର ଫଳ ଓ ଡାଏଫ୍ରୁଟ୍ସ ମିଶାଇ ଖାଇପାରିବେ। ଯଦି ପାଉଁରୁଟି ଖାଉଥାନ୍ତି, ତେବେ ପି ନଟ୍ ବଟର କଦଳୀ ଟୋଷ୍ଟ ପରି ହାଇ ପ୍ରୋଟିନ୍ ଜଳଖିଆ ଖାଇପାରିବେ। ଏଥିପାଇଁ ପାଉଁରୁଟିର ପିସ୍ ନିଅନ୍ତୁ। ଏହା ଉପରେ ଭଲ ଭାବେ ପି ନଟ୍ ବଟର୍ ଲଗାଇ ଦିଅନ୍ତୁ। ଏବେ ଏହା ଉପରେ ଗୋଲ୍ ଗୋଲ୍ କଟା ହୋଇଥିବା ପାଚିଲା କଦଳୀ ରଖନ୍ତୁ। ଏହା ଉପରେ ସାମାନ୍ୟ ମହୁ ଓ ଡାଲଚିନି ଗୁଣ୍ଡ ପକାଇ ଖାଇପାରିବେ।

# ଭିଟାମିନ୍ ବି-୧୨ ଅଭାବ ଦୂର କରିବାକୁ ପିଅନ୍ତୁ ଅଁଳା ଜୁସ୍

ମଣିଷ ଶରୀରକୁ ସବୁ ପ୍ରକାର ଭିଟାମିନ ଆବଶ୍ୟକ। ଶରୀରକୁ ସୁସ୍ଥ ରଖିବାରେ ଭିଟାମିନ୍ ବି-୧୨ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ସୁସ୍ଥ ଶରୀର ପାଇଁ ଭିଟାମିନ୍ ବି-୧୨ ଅନ୍ୟ ଭିଟାମିନ୍ 'କେ' ପରି ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଶରୀରରେ ଭିଟାମିନ୍ ବି-୧୨ ର ଅଭାବ ଶାରୀରିକ ଏବଂ ମାନସିକ ରୋଗର ଆଶଙ୍କା ବଢ଼ାଇଥାଏ। ଶରୀରରେ ଭିଟାମିନ୍ ବି-୧୨ ଅଭାବ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତେବେ ଆସନ୍ତୁ ଜାଣିବା ଏହି ଭିଟାମିନ୍ ଅଭାବକୁ ଦୂର କରିବାର ପ୍ରାକୃତିକ ଉପାୟ ବିଷୟରେ।

ବିଟ୍ ଏବଂ ଗାଜର ଜୁସଃ ବିଟ୍ ଏବଂ ଗାଜର ଉଭୟରେ ଥିବା ଉପାଦାନ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ଯଦି ଆପଣ ଭିଟାମିନ୍ ବି-୧୨ର ଅଭାବକୁ ଦୂର କରିବାକୁ ଚାହାଁନ୍ତି, ତେବେ ଆପଣ ବିଟ୍ ଏବଂ ଗାଜର ରସକୁ ଆପଣଙ୍କର ଦୈନନ୍ଦିନ ଡାଏଟ ପ୍ଲାନର ଏକ ଅଂଶ କରିପାରିବେ। ପୋଷକ ତତ୍ତ୍ୱରେ ଭରପୂର ଏହି ଜୁସକୁ ରକ୍ତହୀନତା ଦୂର କରିବା ପାଇଁ ମଧ୍ୟ ପିଇପାରିବେ।

ଅଁଳା ଜୁସଃ ଅଁଳା ଜୁସରେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ମିଳିଥାଏ। କେଉଁ ଅନାଦି କାଳରୁ ଅଁଳା ଜୁସ ପିଇବାକୁ ପରାମର୍ଶ ଦିଆଯାଇ ଆସୁଛି। ଯଦି ଆପଣଙ୍କ ଶରୀରରେ ଭିଟାମିନ୍ ବି-୧୨ର ଅଭାବ ଅଛି, ତେବେ ବିଳମ୍ବ ନକରି ଅଁଳା ଜୁସ ପିଇବା ଆରମ୍ଭ କରନ୍ତୁ। ଏହା ବ୍ୟତୀତ, ଆପଣ ନିୟମିତ ଅଁଳା ଜୁସ ପିଇ ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ମଜବୁତ କରିପାରିବେ।




କ୍ଷୀରଃ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସ୍ୱାସ୍ଥ୍ୟ ଉପରେ କ୍ଷୀରର ବହୁତ ସକାରାତ୍ମକ ପ୍ରଭାବ ପଡ଼ିପାରେ। ଆପଣଙ୍କୁ କହି ରଖୁଛୁ ଯେ ଭିଟାମିନ୍ ବି-୧୨ ଅଭାବକୁ ଦୂର କରିବା ପାଇଁ ଆପଣ କ୍ଷୀର ମଧ୍ୟ ପୀଇପାରିବେ। କ୍ଷୀରରେ ପ୍ରଚୁର ପରିମାଣରେ ଭିଟାମିନ୍ ବି-୧୨ ମିଳିଥାଏ। ଭିଟାମିନ୍ ବି-୧୨ ଅଭାବକୁ ଶୀଘ୍ର ଦୂର କରିବା ପାଇଁ, ଏହି ପାନୀୟଗୁଡ଼ିକୁ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ଡାଏଟ୍ ପ୍ଲାନରେ ସାମିଲ କରିବା ବହୁତ ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ଶରୀର ପାଇଁ କିଏ ବା ନ ଚାହେଁ। ସୁସ୍ଥ ଶରୀର ପାଇଁ ଆମକୁ ଅନେକ ଜିନିଷ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଅନେକ ସମୟରେ ଭିଟାମିନ କାରଣରୁ ଆମେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଥାଉ। ବିଶେଷ କରି ଆପଣ ଭିଟାମିନ ବି-୧୨କୁ ନେଇ ଚିନ୍ତିତ ଥିଲେ ଏହି ସବୁ ପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ।

# ବ୍ଲଡ୍‌ପ୍ରେସର ରୋଗୀଙ୍କ ପାଇଁ ବେଶ୍ ଉପକାରୀ ସଜନା ଶାଗ

ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହେଉଛି ଶଜନା ଶାଗ। ଏଥିରେ କାଲ୍‌ସିୟମ୍, ଆଇରନ୍ ସମେତ ଭିଟାମିନ୍-ଏ, ସି ଏବଂ ଇ ଭରି ରହିଛି। ବିଶେଷଭାବରେ ବ୍ଲଡ୍‌ପ୍ରେସର ସମସ୍ୟା ସହ ଜଡ଼ିତ ବ୍ୟକ୍ତି ନିୟମିତ ଶଜନା ଶାଗରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି ତେବେ ତାଙ୍କର ବ୍ଲଡ୍‌ପ୍ରେସର କେତେକାଂଶରେ ନିୟନ୍ତ୍ରଣରେ ରହିଥାଏ। ଏହା ମଧ୍ୟ ଶରୀରରେ ହିମୋଗ୍ଲୋବିନ ପରିମାଣକୁ ସନ୍ତୁଳିତ ରଖେ। ଯକ୍ଷ୍ମା ରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରିବେ। ଆଣ୍ଠୁଗଣ୍ଠିଜନିତ ସମସ୍ୟା ପାଇଁ ଏହା ମଧ୍ୟ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା ଯଦି ଆପଣଙ୍କର ଓଜନ ବଢ଼ିଯାଇଛି ତେବେ ଏହାକୁ ଖାଇଲେ ତାହା କେତେକାଂଶରେ ନିୟନ୍ତ୍ରଣକୁ ଆସିଥାଏ। ଶରୀରର ଚର୍ବି ଅଂଶକୁ ଏହା ମଧ୍ୟ ଅନେକାଂଶରେ କମାଇଥାଏ। ଏଥିରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ମଧ୍ୟ ରହିଛି। ଏହା ଖାଦ୍ୟ ହଜମ ହେବାରେ ମଧ୍ୟ ସାହାଯ୍ୟ କରିଥାଏ। ଶଜନା ଶାଗ ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରେ। ଆଜ୍‌ମା ରୋଗୀଙ୍କ ପାଇଁ ଏହା ମହୌଷଧି ସଦୃଶ।



# ପାର୍କିନ୍‌ସନ୍‌ରୁ ମୁକ୍ତି ପାଇଁ ଉପଚାର

ପାର୍କିନ୍‌ସନ୍ ଏକ ମସ୍ତିଷ୍କଜନିତ ରୋଗ। ଆମ ମସ୍ତିଷ୍କର 'ସବ୍‌ଷ୍ଟାନ୍‌ସିଆ ନିଗ୍ରା' ଅଂଶରୁ ଡୋପାମିନ୍ ନାମକ ରାସାୟନିକ ପଦାର୍ଥ କ୍ଷରିତ ହୋଇଥାଏ, ଯାହା ଆମ ଶରୀରର ସାବଲୀଳ ଓ ସମନ୍ୱିତ ଚଳନ ପାଇଁ ଆବଶ୍ୟକ। ଡୋପାମିନ୍ କମିଗଲେ ଶରୀରର ଚଳନ ଧୀମା ହେବା ସହ କମ୍ପନ ଓ ସନ୍ତୁଳନରେ ସମସ୍ୟା ଦେଖାଯାଏ। ଏହାକୁ ପାର୍କିନ୍‌ସନ୍ କୁହାଯାଏ। ପ୍ରତିବର୍ଷ ୧୧ ଏପ୍ରିଲ୍‌କୁ ବିଶ୍ୱ ପାର୍କିନ୍‌ସନ୍ ଦିବସ ଭାବେ ପାଳନ କରାଯାଏ। ପ୍ରସିଦ୍ଧ ଚିକିତ୍ସକ ଡାକ୍ତର ଜେମ୍‌ସ ପାର୍କିନ୍‌ସନ୍‌ଙ୍କ ଜନ୍ମଦିନକୁ ସ୍ମରଣ କରି ଏହି ସ୍ୱତନ୍ତ୍ର ଦିବସ ସ୍ଥିର ହୋଇଛି। ଏହାର ମୂଳ ଲକ୍ଷ୍ୟ ହେଉଛି, ପାର୍କିନ୍‌ସନ୍ ରୋଗ ସମ୍ପର୍କରେ ସଚେତନତା, ଏ ସଂକ୍ରାନ୍ତୀୟ ଭ୍ରାନ୍ତି ଦୂର କରିବା ଓ ରୋଗୀଙ୍କୁ ସହାୟତା ପ୍ରଦାନ କରିବା। ଉଲ୍ଲେଖଯୋଗ୍ୟ, ୧୮୧୭ରେ ଡାକ୍ତର ପାର୍କିନ୍‌ସନ୍ ପ୍ରଥମେ ଏହି ରୋଗକୁ 'ସେକିଂ ପଲ୍‌ସି' ଭାବେ ନାମିତ କରିଥିଲେ।

ସମସ୍ତଙ୍କ କ୍ଷେତ୍ରରେ ପାର୍କିନ୍‌ସନ୍‌ର ସ୍ପଷ୍ଟ କାରଣ ଜଣାପଡ଼େ ନାହିଁ। ତଥାପି କେତେକ ପ୍ରମୁଖ କାରଣ ଚିହ୍ନଟ ହୋଇଛି। ବୟସ ବଢ଼ିବା ସହ ମସ୍ତିଷ୍କର କେତେକ କୋଷ ଧୀରେ ଧୀରେ କାର୍ଯ୍ୟ କରିବା ଶକ୍ତି ହରାଏ। ଏହି କାରଣରୁ ପ୍ରାୟ ୬୦ ବର୍ଷ ବୟସ ପରେ ଏହି ରୋଗର ଆଶଙ୍କା ଅଧିକ। କେତେକ ପରିବାରରେ ବଂଶଗତ ଭାବେ ଏହା ଦେଖାଯାଏ। ଦୀର୍ଘଦିନ ଧରି କୀଟନାଶକ, ବିଷାକ୍ତ ରାସାୟନିକ ପଦାର୍ଥ ଓ ବାୟୁ ପ୍ରଦୂଷଣ ଭିତରେ ରହିଲେ ଏହି ରୋଗ ହୋଇଥାଏ।

ପାର୍କିନ୍‌ସନ୍‌ର ଲକ୍ଷଣ ଧୀରେ ଧୀରେ ଜଣାପଡ଼େ। ଆରମ୍ଭରେ ଏହା ଶରୀରରଗୋଟିଏ ପାର୍ଶ୍ୱରେ ଦେଖାଯାଇପାରେ। ଫଳରେ ହାତ କିମ୍ବା ପାଦ କମ୍ପିବା, ଚାଲି ମନ୍ଥର ହେବା, ଶରୀର ସାମନାକୁ ଝୁଲିଯିବା, କଥାବାର୍ତ୍ତା ସ୍ପଷ୍ଟ ନ ହେବା, ମୁହଁର ଭାବଭଙ୍ଗୀ କମିଯିବା, ନିଦ୍ରାରେ ସମସ୍ୟା, ଉଦାସୀନତା, ଅବସାଦ ଓ ସ୍ମୃତିହ୍ରାସ ପରି ସମସ୍ୟା ଦେଖାଯାଏ।

ପାର୍କିନ୍‌ସନ୍‌ରୁ ସମ୍ପୂର୍ଣ୍ଣ ସୁସ୍ଥତା କଷ୍ଟକର। ତେବେ ଉପଯୁକ୍ତ ଓ ନିୟମିତ ଚିକିତ୍ସା ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରେ। ଡୋପାମିନ୍ ଅଭାବ ପୂରଣ କରୁଥିବା ଔଷଧ ସେବନ, ନିୟମିତ ଚାଲିବା, ଯୋଗାସନ ଓ ପ୍ରାଣାୟମ ଅଭ୍ୟାସ ଜରୁରି। ସେହିପରି ସ୍ପିଚ୍, ଓକ୍ୟୁପେସନାଲ୍ ଥେରାପି ଓ ଡିପ୍ ବ୍ରେନ୍ ଷ୍ଟିମୁଲେସନ୍ ସର୍ଜରି ଦରକାର ହୋଇଥାଏ। ଏହି ରୋଗ ହେଲେ ବୟସର ଦୋଷ ଭାବି ଅଣଦେଖା ନକରି ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହା ସଂକ୍ରାମକ ନୁହେଁ। ସଚେତନତା, ପାରିବାରିକ ସହଯୋଗ ଓ ଉପଯୁକ୍ତ ଚିକିତ୍ସା ପାଇଲେ ରୋଗୀ ସକ୍ରିୟ ଜୀବନ ଯାପନ କରିପାରିବେ।



● ବ୍ଲକ ଅପଣ୍ଡରା ପଞ୍ଚାୟତରେ ବିଜେପିର ମହା ମିଶ୍ରଣ ପର୍ବ

## ସରପଞ୍ଚଙ୍କ ସମେତ ଶତାଧିକ କର୍ମୀ ସାମିଲ



ବାଲିକୁଦା,୧୯।୪(ସଂଚାର ବ୍ୟୁରୋ)ଃ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅପଣ୍ଡରା ପଞ୍ଚାୟତ ଅନ୍ତର୍ଗତ ଗୋଡା ଗାଦି ପରିସରରେ ଏକ ବିଶାଳ ମିଶ୍ରଣ ପର୍ବ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅପଣ୍ଡରା ପଞ୍ଚାୟତର ଜନପ୍ରିୟ ସରପଞ୍ଚ ଉର୍ମିଳା ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି। ବାଲିକୁଦା-ଏରସମା ନେତା ସତ୍ୟ ସାରଥି ମହାନ୍ତି ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଯେ, ଉର୍ମିଳା ସାହୁ ପୂର୍ବରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇ ପଞ୍ଚାୟତରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରି ଲୋକମାନଙ୍କର ଅତି ପ୍ରିୟ ହୋଇପାରିଛନ୍ତି। ଆଜି ତାଙ୍କ ସହିତ ପଞ୍ଚାୟତର ୧୭ଟି ୱାର୍ଡର ବିଭିନ୍ନ ୱାର୍ଡ ମେମ୍ବର ଓ ସ୍ଥାନୀୟ ବାସିନ୍ଦା ବିଜେପିର ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଛନ୍ତି। ଏହି ଅବସରରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ସରପଞ୍ଚଙ୍କ ଏହି ଯୋଗଦାନ ଦଳକୁ ତୃଣମୂଳ ସ୍ତରରେ ଆହୁରି ଶକ୍ତିଶାଳୀ କରିବ। କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ବିଜେପି କର୍ମୀ ଓ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ରହି ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ।

## ଗୃହ ଗଣନା କରିବାକୁ ଯାଇ ଶିକ୍ଷୟିତ୍ରୀ ଗୁରୁତର



ବାଲିଆପାଳ,୧୯।୪(ସଂଚାର ବ୍ୟୁରୋ)ଃ ବାଲିଆପାଳ ଥାନା କଚୁଆପଡା ଗ୍ରାମ କୁ ଗୃହ ଗଣନା ପାଇଁ ଯାଇ ଗୁରୁତର ହେଲେ ଶିକ୍ଷୟତ୍ରୀ। ସୂଚନା ଅନୁସାରେ ଚାଳିତ ବର୍ଷ ଜନଗଣନା ପାଇଁ ସରକାର ସମସ୍ତ ସ୍କୁଲ ର ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ ଜନଗଣନା କାର୍ଯ୍ୟ ରେ ନିୟୋଜିତ କରିଛନ୍ତି। ହେଲେ ଏପ୍ରିଲ ମାସ ସବୁଠାରୁ ଉତ୍ତପ୍ତ ମାସ ହୋଇଥିବା ବେଳେ, ଜନଗଣନା କରୁଥିବା ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ପାଇଁ ସେଭଳି କୌଣସି ସୁବିଧା ସୁଯୋଗ ନଥିବା ଦେଖିବାକୁ ମିଳୁଛି। ତେବେ ଜନଗଣନା କାର୍ଯ୍ୟ ରେ ନିୟୋଜିତ ହୋଇଥିବା ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ମଧ୍ୟରୁ ଅନେକ ଶିକ୍ଷକ ଶିକ୍ଷୟତ୍ରୀ ରୋଗାଗ୍ରସ୍ତ ଥିବା ସତ୍ତ୍ୱେ ସେମାନେ ପ୍ରଚଣ୍ଡ ଖରା ରେ କାମ କରୁଛନ୍ତି। ମିଳିଥିବା ସୂଚନା ଅନୁସାରେ ନାଚିଣ୍ଡିଆ ମୁରଲୀଧର ସରକାରୀ ଉପ୍ରା ବିଦ୍ୟାଳୟ ର ଶିକ୍ଷୟତ୍ରୀ ସନ୍ଧ୍ୟାରାଣୀ ଦାସ, ଗତ ୧୬ ତାରିଖ ଠାରୁ ଜନଗଣନା କାର୍ଯ୍ୟ ରେ ନିୟୋଜିତ ହୋଇଥିବା ବେଳେ ଗତ କାଲି ଦିନ ୨.୩୦ ମିନିଟ ସମୟରେ କଚୁଆପଡା ଗ୍ରାମ ରେ କାମ ସାରି ଫେରୁଥିବା ସମୟରେ ରାସ୍ତା ଉପରେ ତଳେ ପଡ଼ିଯାଇଥିଲେ। ତେବେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ତାଙ୍କର ପରିବାର କୁ ଖବର ଦେଇଥିଲେ। ପରିବାର ଲୋକେ ପହଂଚି ତାଙ୍କୁ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ଥିବା ବେଳେ ସେଠାରେ କେହି ଡାକ୍ତର ନଥିବାରୁ ତାଙ୍କୁ ତୁରନ୍ତ ବସ୍ତା ମେଡିକାଲ କୁ ନେଇଥିବା ଜଣାପଡ଼ିଛି। ତେବେ ଶ୍ରୀମତୀ ଦାସ ଜଣେ ମଧୁମେହ ଓ ଉଚ୍ଚ ରକ୍ତ ଚାପ ରୋଗୀ ହୋଇଥିବା ରୁ ପ୍ରବଳ ଗରମ ପାଇଁ ଏଭଳି ହୋଇଥିବା ଡାକ୍ତର କହିଛନ୍ତି।

ବଲାଙ୍ଗୀର ସହରରେ ପୁଣି ଜଣ୍ଡିସ୍ ଭୟ

# ପିଇବା ପାଣି ପାଇପ୍‌ରେ ମିଶୁଛି ଡ୍ରେନର କାଦୁଅ ମଇଳା ପାଣି



ବଲାଙ୍ଗୀର,୧୯।୪(ସଂଚାର ବ୍ୟୁରୋ)ଃ ସହରରେ ପୁଣି ଫେରିବ କି ଜଣ୍ଡିସର ଆତଙ୍କ? ପିଇବା ପାଣି ପାଇପ୍‌ରେ ବୋହୁଛି ଡ୍ରେନର କାଦୁଅ ମଇଳା ପାଣି। ସହରର ବରପାଲି ପଡ଼ା ଓ ତାଳପାଲି ପଡ଼ା ବାସିନ୍ଦା ଏବେ ଜଳକଷ୍ଟ ନୁହେଁ, ବରଂ ଜଳ ବିଷରେ ଆତଙ୍କିତ। ବିଧାୟକଙ୍କ ଠାରୁ ଜିଲ୍ଲାପାଳଙ୍କ ଯାଏଁ ସମସ୍ତଙ୍କୁ ଗୁହାରି କଲେଣି, ହେଲେ ପ୍ରଶାସନ ଯେମିତି କୌଣସି ବଡ଼ ଅଘଟଣକୁ ଅପେକ୍ଷା କରିଛି। ବଲାଙ୍ଗିର ବରପାଲି ପଡ଼ାର ୪ ନମ୍ବର ଗଳିର ବାସ୍ତବତା। ଏଠାରେ ପୌରପାଳିକାର ଡ୍ରେନ୍ ଭିତରେ ଦେଇ ଯାଇଛି ପି.ଏଚ୍.ଡି ପାଇପ୍ ଲାଇନ୍। ଆଉ ଏହାର କୁ-ପରିଣାମ ଭୋଗୁଛନ୍ତି ସାହି ବାସିନ୍ଦା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ପେଭର୍ସ ବ୍ଲକ୍ ପକାଇବା ସମୟରେ ଠିକାଦାରର ଜେସିବି ପାଇପ୍‌କୁ ଫଟାଇ ଦେଇଛି। ଫଳରେ ମାସେ ହେଲାଣି ଲୋକଙ୍କ ଘରକୁ ପିଇବା ପାଣି ନୁହେଁ, ବରଂ ଦୁର୍ଗନ୍ଧଯୁକ୍ତ ଡ୍ରେନ୍ ପାଣି ଆସୁଛି। ଗ୍ରାଉଣ୍ଡ ଜିରୋରୁ କ୍ୟାମେରାରେ କଏଦ ହୋଇଥିବା ଚିନ୍ତାଜନକ ଦୃଶ୍ୟ ବିଭାଗୀୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବୋତଲରେ ଥିବା ପାଣିକୁ ଦେଖିଲେ ଖାଲି ଆଖିରେ ମଇଳା ସ୍ପଷ୍ଟ ଜଣାପଡୁଛି। ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଥିବା ବେଳେ ପି.ଏଚ୍.ଡି ବିଭାଗର କର୍ମଚାରୀମାନେ ପାଇପ୍ ଫାଟିଥିବା ସ୍ଥାନ ଠାବ କରିପାରୁନାହାନ୍ତି। ଏପଟେ ବିଭାଗୀୟ ଯନ୍ତ୍ରୀ ସବୁ ଠିକ୍ ଅଛି ବୋଲି କହି ନିଜ ଦୋଷ ଛଡ଼ାଇବାକୁ ଚେଷ୍ଟା କରୁଛନ୍ତି। ଆଉ ବର୍ତ୍ତମାର ସ୍ଥିତିକୁ ଦେଖି, ସାହିବାସିନ୍ଦା ପ୍ରଶ୍ନ କଲେଣି, ୨୦୧୪ ଓ ୨୦୧୮ର ଭୟଙ୍କର ଜଣ୍ଡିସ୍ ସ୍ଥିତିକୁ କ'ଣ ଭୁଲିଗଲାଣି ପ୍ରଶାସନ? ପ୍ରଚଣ୍ଡ ଖରାରେ ବଲାଙ୍ଗୀର ସହରବାସୀ ପାଣି ଟୋପାଏ ପାଇଁ ତହଲବିକଳ ହେଉଥିବା ବେଳେ ଦୂଷିତ ଜଳ ଯୋଗାଣ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଯଦି ତୁରନ୍ତ ଏହାର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ବଲାଙ୍ଗୀରରେ ଜଣ୍ଡିସ ବ୍ୟାପିବାକୁ କେହି ରୋକିପାରିବେ ନାହିଁ।

## ବିଜେପି ଫୋକସ୍‌ରେ ପଞ୍ଚାୟତ, ପୌର ନିର୍ବାଚନ



ଦିଗପହଣ୍ଡି,୧୯।୪(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲା ଦିଗପହଣ୍ଡି-ଆସିକା ମୁଖ୍ୟରାସ୍ତା ମା' ଅଞ୍ଚଳେଶ୍ୱରୀ ମନ୍ଦିର ପରିସରରେ ରବିବାର ଭାଜପା ପକ୍ଷରୁ ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଦିଗପହଣ୍ଡି ଅଞ୍ଚଳରେ ଥିବା ପ୍ରତି ବୁଥରେ ଭାଜପାର ସାଙ୍ଗଠନିକ ଅଭିବୃଦ୍ଧି ପାଇଁ ଆଗତ ପ୍ରସ୍ତାବକୁ ସଭାରେ ସର୍ବସମ୍ମତି ଭାବେ ଗୃହୀତ କରାଯାଇଥିଲା। ଏପରୀ କି ଦୁର୍ନୀତି ବିରୋଧରେ ସାଲିସ ବିହୀନ ସଂଗ୍ରାମ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ପଞ୍ଚାୟତ ଏବଂ ପୌର ନିର୍ବାଚନ ନେଇ ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସଭାରେ ଆଇନଜୀବୀ ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ପୂର୍ବତନ ସଦସ୍ୟ ମନୋଜ କୁମାର ପଣ୍ଡା, ଶୁଭେନ୍ଦୁ ପାଢ଼ୀ, ସନ୍ତୋଷ ସାହୁ, ପ୍ରଶାନ୍ତ ପୂଜାରୀ, ଶୁଭ୍ରାଂଶୁ ପ୍ରଧାନ, ଜିତୁ ପଣ୍ଡା, ଶିବରାମ ଗୌଡ଼, ଦିଲ୍ଲୀପ ପ୍ରଧାନ, ପ୍ରଦୀପ ଦାସ, ଜନାର୍ଦ୍ଦନ ପ୍ରଧାନ ପ୍ରମୁଖ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ରଘୁନାଥ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ରିଲ୍ସ କରିବା ହେଲା କାଳ, ଚଳନ୍ତା ଟ୍ରେନରୁ ଖସିପଡ଼ି ଯୁବକ ଗୁରୁତର

ସିମୁଳିଆ,୧୯।୪(ସଂଚାର ବ୍ୟୁରୋ)ଃ ବାରମ୍ବାର ସଚେତନତା ସତ୍ତ୍ୱେ ମଧ୍ୟ ସଚେତନ ହେଉନାହାନ୍ତି ଯୁବତୀ ଯୁବକ । ବେଳେ ବେଳେ ଏହି ରିଲ୍ସ ନିଶା ଜୀବନ ମଧ୍ୟ ନେଉଛି । ଚଳନ୍ତା ଟ୍ରେନର ଦ୍ୱାର ପାଖରେ ରିଲ୍ସ କରୁଥିବା ବେଳେ ମୁଫିଦାର ଇସଲାମ(୨୯) ନାମକ ଜଣେ ଯୁବକ ବାଲେଶ୍ୱର ଜିଲା ସିମୁଳିଆ ଷ୍ଟେସନ ନିକଟରେ ଖସିପଡ଼ି ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ପ୍ରଥମେ ସିମୁଳିଆ ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ତାଙ୍କ ଘର ଆନ୍ଧ୍ରପ୍ରଦେଶରେ ବୋଲି ଜଣାପଡିଛି । ସୂଚନାଅନୁସାରେ, ମୁଫିଦାର ଆସାମରେ କାମ କରନ୍ତି । ସେ ଚେରାପଲି ଟ୍ରେନ ଯୋଗେ ଘରକୁ ଫେରୁଥିବା ବେଳେ ରବିବାର ମଧ୍ୟାହ୍ନରେ ମାର୍କୋଣା ରେଳ ଷ୍ଟେସନ ନିକଟରେ ଖସି ପଡ଼ିଥିଲେ । ଟ୍ରେନର ଅନ୍ୟ ପାସେଞ୍ଜରମାନେ ଟ୍ରେନର ଚେନ ଟାଣିବା ସହିତ ପୁଲିସକୁ ସୂଚନା ଦେଇଥିଲେ ।

## ସମର କୋର୍ସ-ଆକର୍ଷଣ ନାମରେ ଶିକ୍ଷାର ଶୋଷଣ ନୁହେଁ କି?

ଯାଜପୁର ଟାଉନ,୧୯।୪(ସଂଚାର ବ୍ୟୁରୋ)ଃ ମାଟ୍ରିକ ପରୀକ୍ଷାର ଫଳାଫଳ ଆସନ୍ତା ମେ ମାସରେ ପ୍ରକାଶ ପାଇବାକୁ ଥିବାବେଳେ, ଯୁକ୍ତ ଦୁଇ କଲେଜରେ ଆଡମିସନ ପ୍ରକ୍ରିୟା ମେ ଶେଷ ସପ୍ତାହରୁ ଜୁନ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଚାଲିବ। କିନ୍ତୁ ଫଳାଫଳ ପ୍ରକାଶ ପୂର୍ବରୁ ହିଁ ଯାଜପୁରର କିଛି ବେସରକାରୀ ଶିକ୍ଷାନୁଷ୍ଠାନ ଓ ସେମାନଙ୍କ ଏଜେଣ୍ଟମାନେ "ସମର କୋର୍ସ" ନାମରେ ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବାରେ ଲାଗି ପଡ଼ିଛନ୍ତି।ଶିକ୍ଷା କ୍ଷେତ୍ର ଏବେ ବ୍ୟବସାୟର ଆକାର ନେଇଥିବାରୁ, କିଛି ଘରୋଇ ଯୁକ୍ତ ଦୁଇ କଲେଜ ଏହି ସମୟକୁ ଏକ ସୁଯୋଗ ଭାବେ ଦେଖୁଛନ୍ତି। ସମର କୋର୍ସ ନାମରେ ସେମାନେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ କେତେକ ସ୍କୁଲ ଶିକ୍ଷକଙ୍କୁ ପ୍ରଭାବିତ କରି ନିଜ ଅନୁଷ୍ଠାନକୁ ଆଣିବା ପାଇଁ ବିଭିନ୍ନ ଚାଲ କରୁଛନ୍ତି। ଆକର୍ଷଣୀୟ ରହଣି, ସ୍ୱାଦିଷ୍ଟ ଖାଦ୍ୟ, ଏବଂ ନିରନ୍ତର ପଢ଼ାଶୁଣାର ଆଶ୍ୱାସନ ଦେଇ ସେମାନେ ଏକ ପ୍ରଲୋଭନ ସୃଷ୍ଟି କରୁଛନ୍ତି।ଏହି ପ୍ରଲୋଭନରେ ପଡ଼ି ଅନେକ ଅଭି ଭାବକ ଛାତ୍ରଛାତ୍ରୀ ମାନଙ୍କୁ ଏହି କୋର୍ସରେ ଯୋଗ ଦେଉଛନ୍ତି, କିନ୍ତୁ ପରେ ସେମାନେ ମାନସିକ ଓ ଶାରୀରିକ ଚାପରେ ପଡୁଥିବା ଅଭିଯୋଗ ଆସୁଛି। ମାଟ୍ରିକ ପରୀକ୍ଷା ପରେ ଯେତେବେଳେ ଛାତ୍ରଛାତ୍ରୀଙ୍କୁ ବିଶ୍ରାମ ଓ ମନୋରଞ୍ଜନର ଆବଶ୍ୟକତା ଥାଏ, ସେହି ସମୟରେ ସମର କୋର୍ସ ତାଙ୍କ ଉପରେ ଅଧିକ ଚାପ ସୃଷ୍ଟି କରୁଛି। ଏହା ମାତ୍ର ଶିକ୍ଷା ନୁହେଁ, ବରଂ ଶିକ୍ଷା ନାମରେ ଏକ ପ୍ରକାର ଶୋଷଣ ହେବାର ଅଭିଯୋଗ ଉଠୁଛି। ଛୋଟ ବୟସରେ ଛାତ୍ରଛାତ୍ରୀମାନେ ମାନସିକ ଅବସାଦରେ ପଡ଼ି ବିଭିନ୍ନ ଅପ୍ରତ୍ୟାଶିତ ଘଟଣାର ସମ୍ମୁଖୀନ ହେଉଥିବା ଘଟଣା ମଧ୍ୟ ଦେଖାଯାଉଛି।ଏହି ପରିସ୍ଥିତି ଉପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବହେଳା ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଶିକ୍ଷାର ଏହି ବ୍ୟବସାୟିକରଣକୁ ନିୟନ୍ତ୍ରଣ କରିବା ସହିତ ଛାତ୍ରଛାତ୍ରୀଙ୍କ ହିତକୁ ସୁରକ୍ଷିତ କରିବା ଆବଶ୍ୟକ ବୋଲି ଶିକ୍ଷାବିତ୍ ମାନେ ମତ ପ୍ରକାଶ କରିଛନ୍ତି। ସମୟ ଆସିଛି— ଶିକ୍ଷାକୁ ବ୍ୟବସାୟ ନୁହେଁ, ସେବା ଭାବେ ଦେଖିବାର।

## ଦୁଇଦିନିଆ ଆବାସିକ ଯୋଗ ପ୍ରଶିକ୍ଷଣ ଶିବିର



ବାଲିଆପାଳ,୧୯।୪(ସଂଚାର ବ୍ୟୁରୋ)ଃ ବାଲିଆପାଳ ଯୋଗ ସମିତି ଦ୍ୱାରା ପରିଚାଳିତ ପଞ୍ଚାୟତ ସ୍ତରୀୟ ଦ୍ୱି-ଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର କାଳିପଦା, ନାଭଡା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ପରିସରରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ବାଲିଆପାଳ ରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବାଘାଜତିନ ସ୍ମୃତି ପରିଷଦ ଏବଂ ଯୁବ ବିକାଶ ଫାଉଣ୍ଡେସନର ମିଳିତ ଉଦ୍ୟମରେ ଏହି ଶିବିର ପରିଚାଳିତ ହୋଇଛି। ଯୋଗ ଶିକ୍ଷକ ଜଗନ୍ନାଥ ଦେ କାର୍ଯ୍ୟକ୍ରମ ଉଦଘାଟନ କରିବା ସହିତ ଯୋଗ ହେଉଛି ମଣିଷ ଜୀବନର ମୂଳ ମନ୍ତ୍ର ବୋଲି କହିଥିଲେ। ବାଲିଆପାଳ ବ୍ଲକର ପ୍ରତିଟି ପଞ୍ଚାୟତ, ଗ୍ରାମ ଏବଂ ଘରେ ଘରେ ଦୈନନ୍ଦିନ ଯୋଗ ଅଭ୍ୟାସ କରାଇ ଏକ ରୋଗମୁକ୍ତ ଜୀବନର ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମଟି ଆରମ୍ଭ କରାଯାଇଛି ବୋଲି ସ୍ମୃତି ପରିଷଦର ସଭାପତି ଅରବିନ୍ଦ ବେହେରା, ଫାଉଣ୍ଡେସନର ସମ୍ପାଦକ ଗୋବିନ୍ଦ ବଲ୍ଲଭ ଦଳାଇ କହିଛନ୍ତି। ପ୍ରଶିକ୍ଷିକା ମଧୁସ୍ମିତା ରାଉତ, ମୁନି ସମାଜର ପ୍ରଶିକ୍ଷକ ରତ୍ନାକର କୁହ୍ଲାରି ଶିବିର କୁ ଆସିଥିବା ଲୋକ ମାନଙ୍କୁ ଯୋଗ ଶିଖାଇ ଥିଲେ। କାର୍ଯ୍ୟକ୍ରମରେ ଶ୍ରୀରାମପୁର, ମଧୁପୁରା, ବାଲିଆପାଳ, ପ୍ରତାପପୁର, ଦିପିକା ମାହେଶ୍ୱରୀ, ପ୍ରିୟଦର୍ଶିନୀ ଦାସ, ସୁଦାମ ଚରଣ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ଜଗଦୀଶ ପରିଡ଼ା, ଭାଗ୍ୟଲକ୍ଷ୍ମୀ ରାଉତ ଆଦି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ଜିଲ୍ଲା ବ୍ରାହ୍ମଣ ସଭାର କର୍ମକର୍ତ୍ତା ଚୟନ



କେନ୍ଦ୍ରାପଡ଼ା, ୧୯।୪(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ବ୍ରାହ୍ମଣସଭାର ଏକ ସାଧାରଣ ପରିଷଦ ବୈଠକ ଗରାପୁରସ୍ଥିତ ଗୋପାଳଜୀଉ ମନ୍ଦିରରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନିତ୍ୟାନନ୍ଦ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ସଭାରେ ସଭାପତି ଭାବେ ପଣ୍ଡିତ ହୃଷିକେଶ ରଥ, ଉପସଭାପତି ଭାବେ ରବୀନ୍ଦ୍ରନାଥ ରଥ ଓ କିଶୋର ଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ଭାବେ ହରେକୃଷ୍ଣ ପତି, ଯୁଗ୍ମସମ୍ପାଦକ ଭାବେ ରବିନାରାୟଣ ମହାପାତ୍ର ଓ ଲକ୍ଷ୍ମୀକାନ୍ତ ଦାଶ, ସଂଗଠନ ସମ୍ପାଦକ ଭାବେ ତପନକୁମାର ଦାଶ, କୋଷାଧ୍ୟକ୍ଷ ଭାବେ କ୍ଷୀରୋଦ କୁମାର ପଣ୍ଡା, ଯୁବବାହିନୀ ସଭାପତି ଭାବେ ପ୍ରତାପ ଚନ୍ଦ୍ର ପାଢ଼ୀ ଓ ଯୁବବାହିନୀ ସମ୍ପାଦକ ଭାବେ ଜୀତେନ୍ଦ୍ର କୁମାର ଦାଶ, ବଟୁ ସମ୍ପାଦକ ଭାବେ ନୃସିଂହ ଚରଣ ତ୍ରିପାଠୀ ଓ ଚିରଞ୍ଜନ ଦାସ, ଉପଦେଷ୍ଟା ଭାବେ ନିତ୍ୟାନନ୍ଦ ମିଶ୍ର, ଭକ୍ତବନ୍ଧୁ ମିଶ୍ର ଓ ଲକ୍ଷ୍ମୀଧର ଦୀକ୍ଷିତଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ବ୍ରାହ୍ମଣସଭା ପକ୍ଷରୁ ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ପର୍ଶୁରାମଙ୍କ ଜୟନ୍ତୀ ପାଳନ କରାଯାଇଥିଲା।

# ଶତପ୍ରତିଶତ ନମ୍ବର ରଖି ଜିଲ୍ଲା ପାଇଁ ସୁନାମ ଆଣିଲେ କୁମାର ଅଭିନବ



ସୁବର୍ଣ୍ଣପୁର,୧୯।୪(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍ ସରଗଜ ଗ୍ରାମର କୁମାର ଅଭିନବ ମିଶ୍ର ସିବିଏସ୍‌ଇ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ନମ୍ବର ରଖିବା ସହ ଜିଲ୍ଲାର ଗୌରବ ବଢ଼ାଇଛନ୍ତି। ଏହା ଜଣାପଡ଼ିବା ପରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଫୋନ ଯୋଗେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଜିଲ୍ଲାରେ ଛାତ୍ର ଛାତ୍ରୀ ତଥା ଶିକ୍ଷାବିତ୍ ମହଲରୁ କୁମାର ଅଭିନବ ଙ୍କୁ ଶୁଭେଚ୍ଛା ର ସୁଅ ଛୁଟିବା ସହ ଖୁସିର ମାହୋଲ ଦେଖାଯାଇଛି। ସେ ବଲାଙ୍ଗୀର ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ -୨ ରେ ଅଧ୍ୟୟନ କରୁଥିବା ବେଳେ ୫୦୦ ରୁ ୫୦୦ ମାର୍କ ଶତ ପ୍ରତିଶତ ନମ୍ବର ରଖିବା ସହ ନିଜର ବିଦ୍ୟାଳୟ ତଥା ସୁବର୍ଣ୍ଣପୁର ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି। ସେ ମୁଖ୍ୟ ୫ ଗୋଟି ବିଷୟରେ ୯୯.୬ ଶତକଡା ଏବଂ ଅପସନାଲ ଅର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଇସ) ଶତ ପ୍ରତିଶତ ରଖିଥିବାରୁ ସିବିଏସ୍‌ଇ ର ବ୍ୟବସ୍ଥା ଅନୁଯାୟୀ ସର୍ବଶ୍ରେଷ୍ଠ ୫ଟି ବିଷୟରେ ମୋଟ ୫୦୦ ରୁ ୫୦୦ ଶତ ପ୍ରତିଶତ ମାର୍କ ହାସଲ କରିଛନ୍ତି। ତରଭା ବ୍ଲକ୍ ସରଗଜ ଗ୍ରାମର ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କ ପୁଅ ଅଟନ୍ତି କୁମାର ଅଭିନବ। ସେ ଏହାର ସମସ୍ତ ଶ୍ରେୟ ସ୍କୁଲ ର ସମସ୍ତ ଶିକ୍ଷକ ତଥା ତାଙ୍କୁ ପ୍ରେରଣା ଯୋଗାଇ ଥିବା ଗୁରୁଜନ ତଥା ସାଙ୍ଗ ଙ୍କୁ ଓ ପରିବାର ବର୍ଗ ଙ୍କୁ ଦେଇଛନ୍ତି। ପ୍ରଶାନ୍ତ ମିଶ୍ର ଙ୍କ ସପରିବାର ବଲାଙ୍ଗୀରରେ ରହୁଥିବା ବେଳେ ପ୍ରଶାନ୍ତ ତରଭା ବ୍ଲକ୍ ସରଗଜ ପଞ୍ଚାୟତ ଅନ୍ତର୍ଗତ ଜୁରାବନ୍ଧ ଯୁପି ସ୍କୁଲ୍ ରେ ଶିକ୍ଷକ ଅଛନ୍ତି ଏବଂ ଜ୍ୟୋତ୍ସ୍ନାରାଣୀ ବଲାଙ୍ଗୀର ଠିକାଦାରପଡ଼ା ଯୁପି ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାମ କରୁଛନ୍ତି।

## ରାତ୍ରିକାଳୀନ କ୍ରିକେଟ୍ ମ୍ୟାଚ୍ ଉଦ୍‌ଘାଟିତ



ସୁବର୍ଣ୍ଣପୁର,୧୯।୪(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲା ବିନିକା ଏନଏସି ଡଭଲା ଗ୍ରାମ ଠାରେ ଚତୁର୍ଥ ତମ ମା ମାହେଶ୍ୱରୀ ଦୁଇ ଦିନିଆ ରାତ୍ରି କ୍ରିକେଟ ମ୍ୟାଚ ଉଦଘାଟନ ହୋଇଯାଇଛି। ଏହି କ୍ରିକେଟ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଏନଏସି ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ଭୋଇ ଯୋଗାଦେଇ ଶୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଓଡିଶା କ୍ରିକେଟ ଆସୋସିଏସନର ପରିଚାଳକ ଜିତେନ୍ଦ୍ର ଥନାପତି, ଏନଏସିର ଉପାଧ୍ୟକ୍ଷା ତପସ୍ୱିନୀ ମେହେର, ୱାର୍ଡ ନମ୍ବର 1 କାଉନସିଲର ପ୍ରତିନିଧି କଳାକାହ୍ନୁ ଦୀପ, ୱାର୍ଡ ନମ୍ବର ୨ କାଉନସିଲର ବୈରାଗୀ ପଧାନ, ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଶୁଭମ ଆଚାର୍ଯ୍ୟ ଯୋଗଦେଇ ଖେଳକୁ ଉପଭୋଗ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରିକେଟ ମ୍ୟାଚରେ ୧୬ ଟି ଦଳ ଅଂଶଗ୍ରହଣ କରିଥିବ ବେଳେ ପ୍ରଥମ ଦିନର ୮ ଟି ଦଳ ଖେଳି ଦୀପପାଲି ଦଳ ଫାଇନାଲରେ ପ୍ରବେଶ କରିଛି। ରାତ୍ରି କାଳୀନ ଏହି ମ୍ୟାଚ ଦେଖିବା ପାଇଁ ପଡ଼ିଆ ଚାରିପଟେ ଦର୍ଶକଙ୍କ ଭିଡ଼ ଦେଖାଦେଇଥିଲା।

## ଶିଳ୍ପପତି ମହିମାନନ୍ଦଙ୍କ ଜନ୍ମଦିନ ଅବସରରେ ରକ୍ତଦାନ ଶିବିର



ଲାଞ୍ଜିଗଡ଼,୧୯।୪(ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଜଗନ୍ନାଥପୁର ସ୍ଥିତ ସୁଦାମା କ୍ରିଷ୍ଣା ହୋଟେଲଠାରେ ଲାଞ୍ଜିଗଡ଼ ସ୍ଥିତ ଓଏସଏଲ ତରଫରୁ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ୭୩ ତମ ଜନ୍ମଦିନ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଲାଞ୍ଜିଗଡ଼ ବେଦାନ୍ତର ଲୋଜେଷ୍ଟିକ ଆଲୁମିନା ମୁଖ୍ୟ ଅଭିଷେକ ତିୱାରୀ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଲାଞ୍ଜିଗଡ଼ ବେଦାନ୍ତ ରେଲୱେ ମୁଖ୍ୟ ସନ୍ତୋଷ କୁମାର ଗଉଡ଼ ଯୋଗଦେଇ କାର୍ଯ୍ୟକ୍ରମ ଟିକୁ ଶୁଭାରମ୍ଭ କରିଥିଲେ।ସମ୍ମାନିତ ଅତିଥିଭାବେ ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେସନିଆ, ମାଁ ଭୈରବୀ ଟ୍ରକ ୟୁନିଅନର ସଭାପତି ଚନ୍ଦ୍ରଶେଖର ବେହେରା, ଉପ ସଭାପତି ବଟକୃଷ୍ଣ ପୃଷ୍ଟି, ସମ୍ପାଦକ ଆୟୁବ ଖାନ, ଉପଦେଷ୍ଟା କମିଟିର ନବୀନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।ଏହି ଅବସରରେ ବିଦ୍ୟାଧର ଦଳବେହେରା, ରାମ ସ୍ୱରୂପ ମହାପାତ୍ର, ଟେନ୍ଦୁ ମହେଶ, ଚନ୍ଦନ ମୁଦୁଲି, ପି.ପ୍ରସାଦ ରାଓ ପାତ୍ର, ସନୁ ଗଉଡ଼, ବିପିନ କୁସଲିଆ, ସହଦେବ ଭଞ୍ଜ, ସୁଦୀପ୍ତ କୁମାର ଦେବ, ଅନ୍ତର୍ଯ୍ୟାମୀ ଖଟୁଆ, ସଚି ନନ୍ଦନ ନାୟକ, କୃଷ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ୪୬ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

## ଗାଡ଼ି ଚୋରି ର୍‍ୟାକେଟରେ ବିଜେପି ନେତା



ଢେଙ୍କାନାଳ,୧୯।୪(ସଂଚାର ବ୍ୟୁରୋ)ଃ ଜିଲ୍ଲା ଗଁଦିଆ ଅଂଚଳର ଜଣେ ବିଜେପି ନେତା ଗାଡ଼ି ଚୋରି ରାକେଟରେ ପୋଲିସ ହାତରେ ଧରା ପଡିଛନ୍ତି ।ବିଜେପି ନେତା ସୁନୀଲ ପରିଡ଼ା।ସୁନୀଲ ପରିଡ଼ା ଙ୍କୁ ଉଠାଇ ଆଣିଲା ଢେଙ୍କାନାଳ ପୋଲିସ।ସୁନୀଲ ଏକ କବାଡି ଦୋକାନ କରି ଚୋରି ବାଇକ୍ କିଣୁ ଥିଲେ। ସେ ଭାରତୀୟ ଜନତା ପାର୍ଟି ର ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ ଗଁଦିଆ ଥାନା କାବେରା ଗ୍ରାମପଞ୍ଚାୟତ ଦଧିଶୀଙ୍ଗା ବୁଥ ସଭାପତି ଅଛନ୍ତି।ଜିଲ୍ଲାରେ ନିଜର ଦବ ଦବା ଜାହିର ପାଇଁ ସୁନୀଲ (39)ବିଜେପି ବଡ ବଡ ନେତା ଙ୍କ ସହ ବିଭିନ୍ନ ଜାଗାରେ ପୋଷ୍ଟର ମାରି ପୋଲିସ କୁ ଦବାବ ରେ ରଖୁଥିଲେ। ସୁନୀଲ ଙ୍କ ବଡ଼ ଭାଇ ସର୍ବେଶ୍ୱର ପରିଡା (୪୨) ଙ୍କୁ ମଧ୍ୟ ଗିରଫ କରାଯାଇଛି। ୨୦.୧୧.୨୦୨୫ ରେ ଢେଙ୍କାନାଳ ଟାଉନ ର ଲକ୍ଷ୍ମୀଧର ଦଳେଇ ଙ୍କ ମାଛ ଦୋକାନରେ ଆଠଗଡ଼ ଅଂଚଳର ମାଛ ବ୍ୟବସାୟୀ ଅନିଲ ପରିଡା ଙ୍କ ବାଇକ ଓଡି୦୨ବିଇ୧୦୨୪ ଚୋରି ହୋଇଥିଲା. ତଦନ୍ତ ଆଧାରରେ ୨ ଭାଇ ଙ୍କୁ ଗିରଫ କରାଯାଇଥିବା ତଦନ୍ତ କାରି ଅଧିକାରୀ ସାରଥୀ ଦେହୁରୀଙ୍କ ସୂତ୍ରରୁ ପ୍ରକାଶ।

## ଜିଲ୍ଲାସ୍ତରୀୟ ଶ୍ରମିକ ଦିବସ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର,୧୯।୪(ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ଗାଁ ସାଥୀ ମେଟ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନକ୍ରମେ ସ୍ଥାନୀୟ ବିଜୁପଟ୍ଟନାୟକ ଶିଶୁ ପାର୍କ ଠାରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ନିମିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇ ଅଛି। ସଂଘର ଆବାହକ ମନୋଜ କୁମାର ପଟେଲ ଙ୍କ ସଂଯୋଜନାରେ ଗାଁ ସାଥୀମେଟ ସଂଘ ହରିଚନ୍ଦନପୁରର ଉପଦେଷ୍ଟା ପ୍ରସନ୍ନ କୁମାର ନାଏକ ସଭାପତିତ୍ୱ କରିଥିଲେ। ଆସନ୍ତା ମେ ମାସ ୧ ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନର ବିଭିନ୍ନ ଦିଗକୁ ତର୍ଜମା କରି ପୂର୍ଣାଙ୍ଗ ରୂପରେଖ ପ୍ରସ୍ତୁତ କରାଯାଇ ଥିଲା। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ତେଲକୋଇ ଡାକ୍ତର ଫକୀରମୋହନ ନାଏକ ମୁଖ୍ୟବକ୍ତା ସଦର ବିଧାନସଭା ସଂଯୋଜକ ତଥା ବିଶିଷ୍ଟ ଶ୍ରମିକ ନେତା ବିବେକାନନ୍ଦ ମହାନ୍ତ ସମ୍ମାନିତ ଅତିଥି ବିଜେପି ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଶୁକଦେବ ମହାନ୍ତ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ମମିତା ନାଏକ, ଆନ୍ତର୍ଜାତିକ ପୁରସ୍କାର ପ୍ରାପ୍ତ ସରପଞ୍ଚ ଉପରଡିହା, ଘଟଗାଁ ଅର୍ଣ୍ଣପୂର୍ଣ୍ଣା ଦେହୁରୀ ଓ ଆଇନଜୀବୀ ଯତୀନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦାନ କରିବା ନେଇ ସହମତି ପ୍ରକାଶ କରିଥିବା ସୂଚନା ପ୍ରଦାନ କରିଛନ୍ତି। ବୈଠକ ରେ ହରିଚନ୍ଦନପୁର, ବାଂଶପାଳ, ସଦର, ଝୁମ୍ପୁରା, ଘଟଗାଁ ଓ ସାହାରପଡ଼ା ବ୍ଲକର ପ୍ରତିନିଧି ଉପସ୍ଥିତ ରହି କାର୍ଯ୍ୟକ୍ରମ ର ରୂପରେଖ ଉପସ୍ଥାପନ କରି ଗୃହିତ କରାଯାଇ ଥିଲା। ବୈଠକକୁ ଲକ୍ଷ୍ମଣ ମହାକୁଡ, ଦୁର୍ଯ୍ୟୋଧନ ମହାପାତ୍ର ନିଳିମା ପାତ୍ର କୋମଳ ନାଏକ, ସାଧୁଚରଣ ଜୁଆଙ୍ଗ ରାଜେନ୍ଦ୍ର ପୁହାଣ ପ୍ରମୁଖ ଅନ୍ୟାନ୍ୟ ନେତୃବୃନ୍ଦ ବୈଠକ ରେ ଉପସ୍ଥିତ ରହିଥିଲେ।

ଶିକ୍ଷାରେ ଅବହେଳା ହେଲେ ଏଣିକି କଡ଼ା କାର୍ଯ୍ୟାନୁଷ୍ଠାନ

# ଛାତ୍ରୀଛାତ୍ର ଫେଲ୍ ହେଲେ ଦାୟୀ ରହିବେ ଶିକ୍ଷକ




କୋରାପୁଟ,୧୯।୪(ସଂଚାର ବ୍ୟୁରୋ)ଃ ବିଦ୍ୟାଳୟରେ ଶିକ୍ଷାରେ ଅବହେଳା କିମ୍ବା ତ୍ରୁଟି ଦେଖାଦେଲେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ସତର୍କ କରିଛନ୍ତି। ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ସେ ଅଧ୍ୟକ୍ଷତା କରି ଜିଲା ମଙ୍ଗଳ ବିଭାଗ ଅଧିନସ୍ଥ ବିଦ୍ୟାଳୟଗୁଡିକର ସ୍ଥିତି ଆଲୋଚନା କରିଥିଲେ। ବୈଠକରେ ବିଦ୍ୟାଳୟ ଭିତ୍ତିଭୂମି ସୁଦୃଢ଼ କରିବା, ଆବଶ୍ୟକ ଗୃହ ଉପଲବ୍ଧତା ଓ ସେଗୁଡିକର ଅବସ୍ଥା ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିପଦସଙ୍କୁଳ ଗୃହକୁ ତୁରନ୍ତ ଭାଙ୍ଗିବା ସହିତ ହଷ୍ଟେଲ ଓ ବିଦ୍ୟାଳୟର ଆବଶ୍ୟକତା ସମ୍ପର୍କରେ ଅଧିକାରୀମାନଙ୍କୁ ପଚାରାଯାଇଥିଲା। ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଛାତ୍ରୀଛାତ୍ରଙ୍କ ଭୟ ଦୂର କରି ସମ୍ପର୍କ ସୃଷ୍ଟି କରି ପାଠ ପଢ଼ାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। କୌଣସି ବିଷୟରେ ଛାତ୍ରୀଛାତ୍ର ଫେଲ୍ ହେଲେ ସମ୍ପୃକ୍ତ ଶିକ୍ଷକଙ୍କୁ ଦାୟୀ କରାଯିବ ବୋଲି ସେ କହିଥିଲେ। ଶତପ୍ରତିଶତ ସଫଳତା ସହ ମେଧାବୀ ବୃତ୍ତି ପ୍ରାପ୍ତି ପାଇଁ ମଧ୍ୟ ଗୁରୁତ୍ୱ ଦେବାକୁ ସୂଚନା ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ପ୍ରଦାନ ସମୟରେ ପ୍ରଥମେ ଶିକ୍ଷକମାନେ ଖାଦ୍ୟ ଚେକ୍ କରିବା, ବାସି ଖାଦ୍ୟ ନ ଦେବା, ସୁରକ୍ଷା ବ୍ୟବସ୍ଥା ମଜବୁତ କରିବା ପାଇଁ ପ୍ରଧାନଶିକ୍ଷକମାନଙ୍କୁ ତାଗିଦ କରାଯାଇଥିଲା।

# ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ

ଚମ୍ପୁଆ,୧୯।୪(ସଂଚାର ବ୍ୟୁରୋ)ଃ ପରିବାରର ପେଟ ପୋଷିବା ପାଇଁ ଦାଦନ ଖଟିବାକୁ ଘରୁ ଗୋଡ କାଢ଼ିଥିଲେ। ହେଲେ ଅଧା ବାଟରୁ ନିଖୋଜ ହେଲେ। ନିଖୋଜ ଯୁବକ ଜଣକ ହେଉଛନ୍ତି ଚମ୍ପୁଆ ଏନଏସି ଅନ୍ତର୍ଗତ ୱାର୍ଡ ନଂ ଛଅ ଏଲଆଇସି କଲୋନୀରବାଦଲ ନାଏକଙ୍କ ପୁଅ ନିଖିଳ ନାଏକ(୩୦)। ନିଖିଳ ଗତ ୧୩ ତାରିଖ ସୋମବାର ଦିନ ଛଅ ଜଣଙ୍କ ସହିତ ଦାଦନ ଖଟିବାକୁ ବାଙ୍ଗାଲୋର ଯିବା ପାଇଁ ଘରୁ ଗୋଡ କାଢିଥିଲେ। ଚମ୍ପୁଆରୁ ଭୁବନେଶ୍ୱର ଯାଇ ସେଠାରୁ ବାଙ୍ଗାଲୋର ଯାଉଥିବା ପ୍ରଶାନ୍ତି ଏକ୍ସପ୍ରେସ ଟ୍ରେନ ନଂ (୧୮୪୬୩) ରେ ସାଧାରଣ ବର୍ଗରେ ଚଢ଼ିଥିଲେ। ତେବେ ସେବେଠାରୁ ତାଙ୍କର ମୋବାଇଲ ସ୍ୱିଚ ଅଫ ଦେଖାଇବା ସହ ତାଙ୍କର ପତା ମିଳୁନାହିଁ। ତାଙ୍କ ସାଙ୍ଗରେ ଯାଇଥିବା ଛଅ ଜଣ ମଧ୍ୟ ତାଙ୍କ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ଦେଇପାରୁ ନାହାନ୍ତି। ସେମାନଙ୍କ କହିବା ଅନୁସାରେ ନିଖିଳ ଟ୍ରେନରୁ କୁଆଡେ ହଜିଯାଇଛନ୍ତି। ତେବେ ତାଙ୍କର ନିଖୋଜକୁ ଆଠ ଦିନ ବିତିଥିବା ବେଳେ ତାଙ୍କର କୌଣସି ଖୋଜ ଖବର ମିଳିପାରୁ ନାହିଁ। ନିଖିଳ ଘରର ଏକମାତ୍ର ରୋଜଗାରିଆ ପୁଅ ତଥା ସଦସ୍ୟ ହୋଇଥିବାରୁ ତାଙ୍କ ନିଖୋଜରେ ତାଙ୍କର ବିଧବା ମାଆଙ୍କ ସମେତ ପତ୍ନୀ ଓ ଦୁଇ ସନ୍ତାନ ଭାଙ୍ଗି ପଡ଼ିଛନ୍ତି। ନିଖିଳଙ୍କ ନିଖୋଜ ନେଇ ଆଠ ଦିନ ହେବ ଘରେ ଚୁଲି ଜଳି ନ ଥିବା ବେଳେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛନ୍ତି। ନିଖିଳଙ୍କୁ ଫେରାଇ ଆଣିବା ପାଇଁ ପରିବାର ଲୋକେ ଚମ୍ପୁଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ବରଗଡ଼ରେ ୨୨ ପର୍ଯ୍ୟନ୍ତ ସ୍କୁଲ-କଲେଜ ଛୁଟି

ବରଗଡ଼,୧୯।୪(ସଂଚାର ବ୍ୟୁରୋ)ଃ ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏହାରି ଭିତରେ ବରଗଡ଼ ଜିଲାରେ ମଧ୍ୟ ଅସହ୍ୟ ତାତି ଅନୁଭୂତ ହେଉଛି। ଏହାକୁ ଦୃଷ୍ଟିରେ ରଖି ବରଗଡ ଜିଲାପାଳ ଆଦିତ୍ୟ ଗୋୟଲ ସ୍କୁଲ, କଲେଜ ଏବଂ ଅଙ୍ଗନୱାଡି ଛୁଟି ଘୋଷଣା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ରବିବାର ପ୍ରକାଶିତ ବିଜ୍ଞପ୍ତି (ନଂ-୧୩/ ଆରଇଏସ/୨୦୨୬) ଅନୁଯାୟୀ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଜିଲାର ସ୍କୁଲ, କଲେଜ, ଅଙ୍ଗନୱାଡି କେନ୍ଦ୍ର ଏବଂ ବୈଷୟିକ ଅନୁଷ୍ଠାନ ଗୁଡିକୁ ଛୁଟି ଘୋଷଣା କରାଯାଇଛି।

## ପୁରିଖୁଣ୍ଟା ମୁନି ସମାଜର ବାର୍ଷିକ ଉତ୍ସବ



ବେତନଟୀ,୧୯।୪(ସଂଚାର ବ୍ୟୁରୋ)ଃ ବେତନଟୀ ବ୍ଲକ ଅନ୍ତର୍ଗତ ପୁରିଖୁଣ୍ଟା ସ୍ଥାନୀୟ ମୁନି ସମାଜର ୪ର୍ଥ ବାର୍ଷିକ ଉତ୍ସବ ଆଜି ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସତ୍ୟ ପତାକା ଉତ୍ତୋଳନ କରିଥିଲେ ମୁଖ୍ୟ ଅତିଥି ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନି। ସମବେତ ପତାକା ସଙ୍ଗୀତ ଗାନ ପରେ ଆୟୋଜିତ ସଭାରେ ଜ୍ଞାନଦୀପ ପତ୍ରିକାର ସମ୍ପାଦକ ଯୋଗୀ ସଞ୍ଜୟ ମୁନି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଦର୍ଶନ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସୁଲେଖକ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନି ଯୋଗ ଦେଇ ଜଡ ଓ ଚେତନର ରହସ୍ୟ ଓ କାଳ୍ପନିକ ପୂଜା ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ମୁଖ୍ୟବକ୍ତା ଭାବେ ଯୋଗ ଶିକ୍ଷିକା ଶାନ୍ତିଲତା ବେହେରା ଯୋଗର ଗୂଢ଼ ରହସ୍ୟ ସହ ମନୁଷ୍ୟ କିପରି ନିରୋଗ ରହିବ ସେ ସମ୍ପର୍କରେ କହିଥିଲେ। ସମ୍ମାନିତ ବକ୍ତାଭାବେ ମୟୂରଭଞ୍ଜ ଜିଲ୍ଲା ମୁନି ସମାଜର ସଂପାଦିକା ମୁନିରାଜ୍ଞୀ ଡ଼ଃ ଅଳକା ମଞ୍ଜରୀ ଭୂୟାଁ ଯୋଗଦାନ କରି ଜୀବନ ମୁକ୍ତିର ରହସ୍ୟ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗୀ ଗଦାଧର ମୁନି, ଯୋଗୀ ଜୟଚନ୍ଦ୍ର ମୁନି, ମୁନିରାଜ୍ଞୀ ସୁମତୀ ଓ ମୁନିମତୀ ଗୀତାଞ୍ଜଳି ଭୂୟାଁ ନିଜର ଅଭିମତ ବ୍ୟକ୍ତ କରିଥିଲେ। ସଭାର ସଂଯୋଜକ ଯୋଗୀ ସତୀଶ ମୁନି ପ୍ରାରମ୍ଭିକ ଅଭିଭାଷଣ ସହ ସଭାର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଥିଲେ। ମୁନିମତୀ ନୟନା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।